• Vol.- 45, Issue No. 351
• Wednesday, 25 March 2026
• ବୁଧବାର, ୨୫ ମାର୍ଚ୍ଚ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର
# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ପଶ୍ଚିମ ଏସିଆ ସ୍ଥିତି ନେଇ ଟ୍ରମ୍ପ-ମୋଦି ବାର୍ତ୍ତାଳାପ

# ହରମୁଜ୍ ପ୍ରଣାଳୀ ଖୋଲା ରହୁ

★ ଆଞ୍ଚଳିକ ସ୍ଥିରତା ବଜାୟ ରଖିବାକୁ ଗୁରୁତ୍ୱ
★ ଯଥାଶୀଘ୍ର ଶାନ୍ତି ପୁନଃସ୍ଥାପନକୁ ସମର୍ଥନ କରେ ଭାରତ



ନୂଆଦିଲ୍ଲୀ, ୨୪ ।୩: ଗତ ୨୫ ଦିନ ଧରି ପଶ୍ଚିମ ଏସିଆରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଟେଲିଫୋନ୍ ବାର୍ତ୍ତାଳାପ କରିଛନ୍ତି। ଦୁଇ ନେତା ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି ଏବଂ ଏହି କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବା ପାଇଁ ପ୍ରୟାସ ସମ୍ପର୍କରେ ଯୋଗାଯୋଗରେ ରହିବାକୁ ରାଜି ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମଙ୍ଗଳବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ତାଙ୍କୁ ଫୋନ କରି ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ଭାରତ ଏହି କ୍ଷେତ୍ରରେ ଉତ୍ତେଜନା ହ୍ରାସ ଏବଂ ଯଥାଶୀଘ୍ର ଶାନ୍ତି ପୁନଃସ୍ଥାପନକୁ ସମର୍ଥନ କରେ। ସେ ଏହା ମଧ୍ୟ ଜୋର୍ ଦେଇଛନ୍ତି ଯେ ଏହା ବିଶ୍ୱ ସ୍ୱାର୍ଥରେ ଯେ ହରମୁଜ୍ ପ୍ରଣାଳୀ ଖୋଲା, ସୁରକ୍ଷିତ ଏବଂ ସମସ୍ତଙ୍କ ପାଇଁ ସୁଗମ ରହିବ। ମୋଦି ଏବଂ ଟ୍ରମ୍ପ ମଧ୍ୟ ଏହି କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବା ପାଇଁ ପ୍ରୟାସ ସମ୍ପର୍କରେ ଯୋଗାଯୋଗରେ ରହିବାକୁ ରାଜି ହୋଇଛନ୍ତି। ଏହି ଆଲୋଚନା ଏପରି ଏକ ସମୟରେ ହୋଇଛି ଯେତେବେଳେ ପଶ୍ଚିମ ଏସିଆରେ ଉତ୍ତେଜନା କ୍ରମାଗତ ଭାବରେ ବୃଦ୍ଧି ପାଉଛି ଏବଂ ବିଶ୍ୱ ଶକ୍ତି ଯୋଗାଣ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।ପୂର୍ବରୁ, ନୂଆଦିଲ୍ଲୀରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ମଧ୍ୟ ଇନଷ୍ଟାଗ୍ରାମରେ ଟ୍ରମ୍ପ ଏବଂ ମୋଦିଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଷୟରେ ସୂଚନା ସେୟାର କରିଛନ୍ତି। ଗୋର୍ କହିଛନ୍ତି ଯେ ଦୁଇ ନେତା ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ହରମୁଜ୍ ପ୍ରଣାଳୀକୁ ଖୋଲା ରଖିବା ଏବଂ ଆଞ୍ଚଳିକ ସ୍ଥିରତା ବଜାୟ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ହର୍ମୁଜରୁ ଜାହାଜ ବାହାର କରିବାକୁ ଅନୁମତି ଲୋଡ଼ା ନାହିଁ: କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୪ ।୩ : ହର୍ମୁଜରୁ ଜାହାଜଗୁଡ଼ିକୁ ବାହାର କରିବା ପାଇଁ କେବେ କୌଣସି ଅନୁମତି ଆବଶ୍ୟକ ନଥିଲା କି ଏବେ ବି ନୁହେଁ। ଆମେ କେବେ ବି କାହାଠାରୁ ଅନୁମତି ମାଗି ନାହୁଁ, କି ଏବେ ମଧ୍ୟ ଚାହୁଁ ନାହୁଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ଏପରି କୁହାଯାଇଛି। ସରକାରଙ୍କ କହିବାନୁଯାୟୀ, ଅନ୍ତର୍ଜାତୀୟ ଆଇନ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ପାଇଁ କୌଣସି ଲେଭି ବା ଟ୍ୟାକ୍ସ ଆଦାୟ କରାଯାଇ ପାରିବ ନାହିଁ।ଅନ୍ତର୍ଜାତୀୟ ଆଇନ ଅନୁଯାୟୀ, କୌଣସି ଦେଶର ଜାହାଜକୁ ଏହି ପଥ ଦେଇ ଯିବା ପାଇଁ କୌଣସି ପ୍ରକାରର ଅନୁମତି ନେବାକୁ ପଡିବ ନାହିଁ କିମ୍ବା ଉପକୂଳବର୍ତ୍ତୀ ଦେଶଗୁଡ଼ିକୁ (ଏହି କ୍ଷେତ୍ରରେ ଇରାନ କିମ୍ବା ଓମାନ) ଜଣାଇବାକୁ ପଡିବ ନାହିଁ।ଆଇନର ଧାରା ୪୪ ରେ କୁହାଯାଇଛି ଯେ, ଉପକୂଳବର୍ତ୍ତୀ ଦେଶଗୁଡ଼ିକ ପରିବହନ ମାର୍ଗରେ ବାଧା ସୃଷ୍ଟି କରି ପାରିବେ ନାହିଁ। ଇରାନ ପ୍ରାୟତଃ ଦାବି କରେ ଯେ, ସେ ହୋର୍ମୁଜ୍ ପ୍ରଣାଳୀକୁ ନିୟନ୍ତ୍ରଣ କରିପାରିବ କିମ୍ବା କେବଳ ଅନକ୍ଲଜ୍‌ରେ ସ୍ୱାକ୍ଷର କରିଥିବା ଦେଶଗୁଡ଼ିକୁ ପଥ ଅନୁମତି ଦେଇ ପାରିବ। ତଥାପି, ଅନ୍ତର୍ଜାତୀୟ ସମ୍ପ୍ରଦାୟ ଏବଂ ଆଇନ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

### ଟ୍ରମ୍ପଙ୍କ ଯୁଦ୍ଧ ବିରତି ଘୋଷଣା ସତ୍ତ୍ୱେ

## ଇରାନକୁ ଇସ୍ରାଏଲର ନିଶାଣ

• ଅନେକ ସହର ଉପରେ ଆକ୍ରମଣ
• ସ୍ଥିତି ଆଲୋଚନା ପାଇଁ ଜି-୭ ମନ୍ତ୍ରୀଙ୍କୁ ଭେଟିବେ ଆମେରିକା ବିଦେଶ ମନ୍ତ୍ରୀ
• ଯୁଦ୍ଧ ସମାପ୍ତ କରିବା ପାଇଁ ପାକିସ୍ତାନ କରିପାରେ ମଧ୍ୟସ୍ଥି !

ନୂଆଦିଲ୍ଲୀ, ୨୪ ।୩: ଟ୍ରମ୍ପଙ୍କ ପକ୍ଷରୁ ପାଞ୍ଚ ଦିନର ଯୁଦ୍ଧ ବିରତି ଘୋଷଣା ସତ୍ତ୍ୱେ ଇସ୍ରାଏଲ ଇରାନକୁ ନିଶାଣ କରି ଚାଲିଛି। ଯୁଦ୍ଧ ୩ ସପ୍ତାହ ଟପିଛି। ସଦ୍ୟତମ ଆକ୍ରମଣରେ, ତେଲ ଅଭିଭ ଇରାନର ଅନେକ ସହର ଉପରେ ଆକ୍ରମଣ କରିଛି, ଯେଉଁଥିରେ ଇସ୍ଫାହାନ ମଧ୍ୟ ଅନ୍ତର୍ଭୁକ୍ତ। ଏହି ଅଂଚଳ ପରମାଣୁ ଏବଂ ଶକ୍ତି କେନ୍ଦ୍ର ପାଇଁ ଜଣାଶୁଣା। ଏହି ସମୟରେ, ପାକିସ୍ତାନ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷର ଏକ ପ୍ରମୁଖ ମଧ୍ୟସ୍ଥତାକାରୀ ଭାବରେ ଉଭା ହୋଇଛି। ଏହା ବ୍ୟତୀତ, ଇସ୍ରାଏଲୀ ଗଣମାଧ୍ୟମ ଆଉଟଲେଟ ୟେନେଟ୍ ରିପୋର୍ଟ କରିଛି ଯେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଆମେରିକାର ବିଶେଷ ପ୍ରତିନିଧି ଷ୍ଟିଭ୍ ୱିଟକଫଙ୍କୁ କହିଛନ୍ତି ଯେ ଯଦି ତେହେରାନର ସର୍ତ୍ତ ପୂରଣ ହୁଏ ତେବେ ସର୍ବୋଚ୍ଚ ନେତା ମୋଜତାବା ଖାମେନି ଆମେରିକା ସହିତ ଏକ ଚୁକ୍ତି ପାଇଁ 'ସମ୍ମତି ଏବଂ ଆଶୀର୍ବାଦ' ଦେବେ। ୱାଶିଂଟନ ଏବଂ ତେହେରାନ ମଧ୍ୟରେ 'ସକାରାତ୍ମକ ଆଲୋଚନା' ସମ୍ପର୍କରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ଏବଂ ପାଞ୍ଚ ଦିନ ପାଇଁ ଇରାନ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବାର ନିଷ୍ପତ୍ତି ପରେ ଇରାନ ଆମେରିକା ସହିତ ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିବା ପରେ ଏହି ସଦ୍ୟତମ ବିକାଶ ଘଟିଛି।ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ, ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ତେହେରାନ 'ସକାରାତ୍ମକ ଆଲୋଚନା' ପରେ 'ଏକ ଚୁକ୍ତି' କରିବାକୁ ଚାହୁଁଛି । ଇସଲାମିକ୍ ରିପବ୍ଲିକ ଏପରି କୌଣସି ଆଲୋଚନାକୁ ଅସ୍ୱୀକାର କରିଛି । ଇରାନ ସଂସଦ ବାଚସ୍ପତି ମହମ୍ମଦ ବାକର ଗାଲିବାଫ କହିଛନ୍ତି ଯେ ଆମେରିକା ସହିତ ଏପରି କୌଣସି ଆଲୋଚନା ହୋଇନାହିଁ। ଏହା ସହିତ, ଜଣେ ପାକିସ୍ତାନୀ ଅଧିକାରୀ କହିଛନ୍ତି ଯେ ଯୁଦ୍ଧ ସମାପ୍ତ କରିବା ପାଇଁ ସିଧାସଳଖ ଆଲୋଚନା ଏହି ସପ୍ତାହର ଆରମ୍ଭରେ ଇସଲାମାବାଦରେ ହୋଇପାରେ। ଆମେରିକାର ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ଶୁକ୍ରବାର ଫ୍ରାନ୍ସରେ ଜି- ୭ ବୈଠକକୁ ୟୁକ୍ରେନରେ ରୁଷର ଯୁଦ୍ଧ ଏବଂ ଇରାନ ଉପରେ ଆମେରିକା-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଉପରେ ଆଲୋଚନା ପାଇଁ ସାକ୍ଷାତ କରିବେ ବୋଲି ବିଦେଶ ବିଭାଗ କହିଛି।

### ୱାଶିଂଟନରୁ ତେହରାନକୁ ବାର୍ତ୍ତା

## ବୁଝାମଣା ପାଇଁ ପ୍ରସ୍ତୁତ ଟ୍ରମ୍ପ

ୱାଶିଂଟନ/ତେହରାନ, ୨୪ ।୩: ଗତ ମାସ ୨୮ ଫେବୃଆରୀରୁ ଆରମ୍ଭ ହୋଇଥିବା ଯୁଦ୍ଧ ମଧ୍ୟରେ, ତେହରାନକୁ ମଧ୍ୟସ୍ଥମାନଙ୍କ ମାଧ୍ୟମରେ ୱାଶିଂଟନରୁ ଏକ ବାର୍ତ୍ତା ମିଳିଛି। ଏହି ବାର୍ତ୍ତାଟି ଆମେରିକା ଏବଂ ଇରାନ ମଧ୍ୟରେ ସମ୍ଭାବ୍ୟ ଆଲୋଚନା ସୃଷ୍ଟି କରିପାରେ। ଇରାନ ବିଦେଶ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଙ୍କେତ ଦେଇଥିଲେ ଯେ ଦୁଇ ଦେଶ ମଧ୍ୟରେ ଏକ ବୁଝାମଣା ସମ୍ଭବ। ସିବିଏସ୍ ନ୍ୟୁଜ ରିପୋର୍ଟ ଅନୁସାରେ, ଇରାନୀ ଅଧିକାରୀ କହିଛନ୍ତି, "ମଧ୍ୟସ୍ଥମାନଙ୍କ ମାଧ୍ୟମରେ ଆମେ ଆମେରିକାରୁ କିଛି ଅର୍ଥପୂର୍ଣ୍ଣ ପ୍ରସ୍ତାବ ପାଇଛୁ। ଆମେ ସେଗୁଡ଼ିକୁ ପର୍ଯ୍ୟାଲୋଚନା କରୁଛୁ।" ଏହା ପୂର୍ବରୁ ଟ୍ରମ୍ପ ସୋସିଆଲ୍ ମିଡିଆରେ ଘୋଷଣା କରିଥିଲେ ଯେ ଆମେରିକା ଏବଂ ଇରାନ ମଧ୍ୟରେ ଶତ୍ରୁତାକୁ ପୂର୍ଣ୍ଣରୂପେ ସମାପ୍ତ କରିବା ସମ୍ବନ୍ଧରେ ବହୁତ ଭଲ ଏବଂ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଛି। ପରେ ସେ ସାମ୍ବାଦିକମାନଙ୍କୁ କହିଥିଲେ ଯେ ଦୁଇ ପକ୍ଷ ମଧ୍ୟରେ ପ୍ରାୟ ୧୫ଟି ବିଷୟରେ ସମ୍ମତି ହୋଇଛି। ଏହା ପରେ ଇରାନୀ ଅଧିକାରୀମାନେ କହିଛନ୍ତି ଯେ "ସେମାନେ ଶାନ୍ତି ଚାହୁଁଛନ୍ତି।" ରାଷ୍ଟ୍ରପତି ଟ୍ରମ୍ପ ସପ୍ତାହାନ୍ତରେ ଇରାନକୁ ଦିଆଯାଇଥିବା ଧମକକୁ ମଧ୍ୟ ଫେରାଇ ନେଇଥିଲେ।

### ପଶ୍ଚିମ ଏସିଆ ସଂଘର୍ଷ

## ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୪ ।୩: ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ସମ୍ପର୍କରେ କେନ୍ଦ୍ର ସରକାର ବୁଧବାର ସନ୍ଧ୍ୟା ୫ଟାରେ ଏକ ସର୍ବଦଳୀୟ ବୈଠକ ସଂସଦ ଭବନ ଆନେକ୍ସରେ ଆୟୋଜନ କରିଛନ୍ତି । ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନାର ଭାରତ ଉପରେ ପ୍ରଭାବ ବିଷୟରେ ଆଲୋଚନା କରାଯିବା ପାଇଁ ଏହି ବୈଠକରେ ସମସ୍ତ ଦଳର ଗୃହ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି । ସରକାର ବିରୋଧୀ ଦଳ ସହିତ ଘରୋଇ ଗ୍ୟାସ (ଏଲପିଜି) ଯୋଗାଣ ଏବଂ ଅସ୍ଥିର ବଜାର ପରିସ୍ଥିତି ବିଷୟରେ ମଧ୍ୟ ଆଲୋଚନା କରିବେ। ତଥାପି, ସରକାରଙ୍କ କଠୋର ସମାଲୋଚକ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ବୈଠକରେ ଯୋଗ ଦେବାର ସମ୍ଭାବନା କମ୍ । ରାହୁଲ ଗାନ୍ଧୀ ନିଜେ ଗଣମାଧ୍ୟମ ସହ କଥାବାର୍ତ୍ତାରେ କହିଛନ୍ତି ଯେ, ପୂର୍ବ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ କେରଳ ଯାଉଛନ୍ତି । ଉଲ୍ଲେଖନୀୟ ଯେ, ବିରୋଧୀ ନେତାମାନେ ଏହି ପ୍ରସଙ୍ଗରେ ସରକାରଙ୍କ ମତକୁ ସମାଲୋଚନା କରି ଯଥାଶୀଘ୍ର ଏକ ସର୍ବଦଳୀୟ ବୈଠକ ଡାକିବାକୁ ଦାବି କରିଥିଲେ । ମଙ୍ଗଳବାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ନେତା ଜୟରାମ ରମେଶ ପଶ୍ଚିମ ଏସିଆ ବିବାଦର ସମାଧାନ ପାଇଁ ସରକାରଙ୍କ ପଦକ୍ଷେପକୁ ନିଶାଣ କରିଥିଲେ।

### ସୁପ୍ରିମକୋର୍ଟଙ୍କ ଐତିହାସିକ ନିଷ୍ପତ୍ତି

## ସେନାରେ ମହିଳା ଅଧିକାରୀଙ୍କୁ ସମାନ ଅଧିକାର



ନୂଆଦିଲ୍ଲୀ, ୨୪ ।୩ : ସୁପ୍ରିମକୋର୍ଟ ସେନାରେ ମହିଳା ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଦେଇଛନ୍ତି। ସ୍ଥଳସେନା, ନୌସେନା ଏବଂ ବାୟୁସେନାରେ ସର୍ଟ ସର୍ଭିସ୍ କମିଶନ ଅଧୀନରେ କାର୍ଯ୍ୟରତ ମହିଳାମାନଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ଭାରତୀୟ ସେନାରେ ଲିଙ୍ଗଗତ ସମାନତାକୁ ସୁଦୃଢ଼ କରି ଏକ ବଡ଼ ପଦକ୍ଷେପ ସ୍ୱରୂପ, ମହିଳା ଅଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବା ନେଇ ଘୋଷଣା କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଏକ ଖଣ୍ଡପୀଠ ସମ୍ବିଧାନର ଧାରା ୧୪୨ ଅନୁଯାୟୀ ନିଜର ବିଶେଷ କ୍ଷମତା ପ୍ରୟୋଗ କରି ଏହି ରାୟ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ ଭୁଲ ମୂଲ୍ୟାୟନ ଯୋଗୁଁ ସ୍ଥାୟୀ କମିଶନ ପାଇବାରୁ ବଞ୍ଚିତ ମହିଳା ସାମରିକ ଅଧିକାରୀମାନେ ପୂର୍ଣ୍ଣ ପେନସନ୍ ପାଇବାକୁ ହକ୍‌ଦାର। ଏହି ଅଧିକାରୀମାନଙ୍କୁ ସମୟ ପୂର୍ବରୁ ଚାକିରିରୁ ମୁକ୍ତ କରାଯାଇଥିଲେ ମଧ୍ୟ, ପେନସନ ପାଇଁ ଆବଶ୍ୟକୀୟ ଅତି କମରେ ୨୦ ବର୍ଷର ଚାକିରି ପୂରଣ କରିଥିବା ବୋଲି ବିବେଚନା କରାଯିବ। ବର୍ଷକୁ କେବଳ ୨୫୦ ମହିଳା ଅଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ନିୟମକୁ କୋର୍ଟ ରଦ୍ଦ କରିଛନ୍ତି। ପୂର୍ବରୁ ମହିଳାମାନଙ୍କୁ ସ୍ଥାୟୀ ନିଯୁକ୍ତି ନଦେବା ପଛରେ ଏକ ପାତରଅନ୍ତର ମନୋଭାବ ରହିଥିଲା। ଏବେ ଯୋଗ୍ୟତା, ଶାରୀରିକ ସୁସ୍ଥତା ଏବଂ ଶୃଙ୍ଖଳିତ ରେକର୍ଡ ଆଧାରରେ ମହିଳାଙ୍କୁ ସମାନ ସୁଯୋଗ ମିଳିବ।

## ଏଥର ବି ବଢ଼ିବନି ବିଜୁଳି ଦର



ଭୁବନେଶ୍ୱର, ୨୪ ।୩ : ରାଜ୍ୟରେ ଚଳିତ ବର୍ଷ ମଧ୍ୟ ବିଜୁଳି ଦର ବଢ଼ିବ ନାହିଁ। ଟାରିଫ ନ ବଢ଼ାଇବା ନେଇ କମିଶନ ନିଷ୍ପତି ନେଇଥିବା ଓଇଆରସି ସୂଚନା ଦେଇଛି। ଗତ ୫ବର୍ଷ ହେବ ବିଜୁଳି ଟାରିଫ ବଢ଼ି ନ ଥିବାବେଳେ ୨୦୨୩-୨୪ରେ କମିଥିଲା ୧୦ପଇସା । ଏହାଛଡା ବିଦ୍ୟୁତ ବିତରଣ କମ୍ପାନୀ ଉପରେ ଲଗାମ ରଖିବା ସହ ଗ୍ରାହକଙ୍କ ସୁବିଧା ପାଇଁ କିଛି ବଡ଼ ପଦକ୍ଷେପ ନିଆଯାଇଛି। ଓଇଆରସି ପକ୍ଷରୁ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ବିଦ୍ୟୁତ ବିତରକ କମ୍ପାନୀ କରୁଥିବା ଖର୍ଚ୍ଚର ସିଏଜି ଅଡିଟ ହେବ। ୫୦ପ୍ରତିଶତରୁ ଅଧିକ କ୍ଷତି ସହୁଥିବା ଫିଡ଼ରଗୁଡ଼ିକରେ ସ୍ମାର୍ଟ ମିଟର ଲାଗିବ । କୃଷି କ୍ଷେତ୍ରରେ ୬୦ ପ୍ରତିଶତରୁ ଅଧିକ ଲୋଡ଼ ନେଉଥିଲେ ସେଗୁଡ଼ିକ ସୋଲାର ଦ୍ୱାରା ବିଦ୍ୟୁତ୍ କରଣ କରାଯିବ ବୋଲି କୁହାଯାଇଛି।

## ୨୯ ସୁଦ୍ଧା ଝଡ଼, ବଜ୍ରପାତ !

### ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୪ ।୩(ନିପ୍ର): ମାର୍ଚ୍ଚ ୨୭ ତାରିଖ ସକାଳ ଠାରୁ ୨୯ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ମାର୍ଚ୍ଚ ୨୭ ତାରିଖ ସକାଳ ଠାରୁ ୨୮ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲାଗୁଡିକ ହେଲା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ବଲାଙ୍ଗିର, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ, ଗଜପତି । ଏସବୁ ଜିଲ୍ଲାରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ସେହିପରି ୨୮ ତାରିଖ ସକାଳ ଠାରୁ ୨୯ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ । ଏସବୁ ଜିଲ୍ଲାରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ତେବେ ୨୪ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ଏବଂ ୨୯ ତାରିଖ ସକାଳ ଠାରୁ ୩୧ ତାରିଖ ସକାଳ ପର୍ଯ୍ୟନ୍ତ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

## ମୋଷ୍ଟ ୱାଣ୍ଟେଡ୍ ଶୁକ୍ରୁର ଆତ୍ମ ସମର୍ପଣ



ଭୁବନେଶ୍ୱର, ୨୪ ।୩(ନିପ୍ର): ମୋଷ୍ଟ ୱାଣ୍ଟେଡ୍ ମାଓ ନେତା ଶୁକ୍ରୁ କନ୍ଧମାଳ ପୋଲିସ ପାଖରେ ଆତ୍ମସମର୍ପଣ କରିଛି । ଶୁକ୍ରୁ ଏକେ-୪୭ ସହ ଆତ୍ମସମର୍ପଣ କରିଛି । ଶୁକ୍ରୁ ସହ ଆଉ ୪ ନକ୍ସଲ ମଧ୍ୟ ଆତ୍ମସମର୍ପଣ କରିଛନ୍ତି । ଶୁକ୍ରୁକୁ ଧରାଇ ଦେବା ପାଇଁ ୫୫ ଲକ୍ଷର ପୁରସ୍କାର ଥିଲା । କନ୍ଧମାଳରେ ବେଶ୍ ସକ୍ରିୟ ଥିଲା ଏହି ମାଓ ନେତା । ଏଇଟସ୍ କମ୍ପାନୀ ନାଁରେ ନୂଆସଂଗଠନ ଚଳାଇଥିଲା ଶୁକ୍ରୁ । ଶୁକ୍ରୁକୁ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଥିଲା ଓଡ଼ିଶା ପୋଲିସ । ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବାକୁ ଧାର୍ଯ୍ୟ ହୋଇଛି ଅବଧି । ଏହି କ୍ରମରେ ଶୁକ୍ରୁ ଆତ୍ମସମର୍ପଣ କରିଛି।

### ଜଳ ପରିଚାଳନାରେ ନୂତନ ଅଧ୍ୟାୟ ସୃଷ୍ଟି ହେବ

# ଓଡ଼ିଶାରେ ପ୍ରସ୍ତୁତ ହେବ ରୋଡ୍‌ମ୍ୟାପ: ମୁଖ୍ୟମନ୍ତ୍ରୀ



■ ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି ପ୍ରାୟ ୪୦ ପ୍ରତିଶତ ଅର୍ଥ
■ ଜଳ ଶକ୍ତି ଅଭିଯାନ ଜନଆନ୍ଦୋଳନର ରୂପ ନେଇଛି
■ ନାଗରିକ-କୈନ୍ଦ୍ରିକ ସେବାକୁ ଶକ୍ତିଶାଳୀ କରାଯାଇଛି

ଭୁବନେଶ୍ୱର, ୨୪ ।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ନେତୃତ୍ୱ ଯୋଗୁଁ ଦେଶର ପ୍ରତି ପରିବାରରେ ପାଇପ ପାଣି ପହଞ୍ଚିବ। ସେହିପରି 'ହର୍ ଘର୍ ଜଲ୍'(ପ୍ରତି ଘରକୁ ପିଇବା ପାଣି) ଲକ୍ଷ୍ୟ ପୂରଣ ପାଇଁ ଓଡ଼ିଶାରେ ରୋଡମ୍ୟାପ ପ୍ରସ୍ତୁତ ହେବ।ଫଳରେ ରାଜ୍ୟରେ ଜଳ ପରିଚାଳନାରେ ନୂତନ ଅଧ୍ୟାୟ ସୃଷ୍ଟି ହେବ । ଜଳ ଜୀବନ ମିଶନ ୨.୦ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଚୁକ୍ତି ଅବସରରେ ମଙ୍ଗଳବାର ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଡିଜିଟାଲ ମନିଟରିଂ ଓ ଜନସାଧାରଣଙ୍କ ଭାଗିଦାରିତାକୁ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ୨୦୨୮ ପର୍ଯ୍ୟନ୍ତ ମିଶନ କାର୍ଯ୍ୟକାରୀ ହେବାକୁ ଥିବାବେଳେ ମହିଳାଙ୍କ ଜୀବନରେ ସୁଧାର ଆଣିବ ବୋଲି କହିଛନ୍ତି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର ପାଟିଲ । ଓଡିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ନୂଆଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରାଳୟ ଓ ଓଡିଶା ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭିସି ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର ପାଟିଲ ଏବଂ ରାଷ୍ଟ୍ର ମନ୍ତ୍ରୀ ବି. ସୋମନ୍ନା ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, 'ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ ସଂଯୋଗ ମିଳିଛି । କେନ୍ଦ୍ର କ୍ୟାବିନେଟ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଛି । 'ହର ଘର ଜଳ' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ବସୁଧା ହେଲ୍ପଲାଇନ, ହ୍ୱାଟ୍ସଆପ ସେବା ଓ ଡିଜିଟାଲ୍ ଗ୍ରୀଭାନ୍ସ ପ୍ଲାଟଫର୍ମ ମାଧ୍ୟମରେ ନାଗରିକ-କୈନ୍ଦ୍ରିକ ସେବାକୁ ଶକ୍ତିଶାଳୀ କରାଯାଇଛି । ରାଜ୍ୟରେ ଜଳ ଶକ୍ତି ଅଭିଯାନ ଏକ ଜନଆନ୍ଦୋଳନର ରୂପ ନେଇଛି । ଏହା ଅନ୍ତର୍ଗତ ୨.୨୧ ଲକ୍ଷ ଜଳ ସଂରକ୍ଷଣ ଓ ବର୍ଷାଜଳ ସଂଗ୍ରହ ଭିତ୍ତିଭୂମି, ୪୩ ହଜାରରୁ ଅଧିକ ଜଳାଶୟ ପୁନରୁଦ୍ଧାର, ୪୨ ହଜାର ଭୂଗର୍ଭ ଜଳ ପୁନର୍ଭରଣ ଓ ୨ ଲକ୍ଷରୁ ଅଧିକ ୱାଟରସେଡ କାର୍ଯ୍ୟ ସମ୍ପନ୍ନ ହୋଇଛି । ସେହିପରି ୨ କୋଟିରୁ ଅଧିକ ଗଛ ରୋପଣ ହୋଇଛି।

# ଦେବୀ କାଳରାତ୍ରି



ଦେବୀ ଦୁର୍ଗାଙ୍କ ଅନ୍ୟତମ ରୂପ କାଳରାତ୍ରି। ତେବେ ତାଙ୍କ ଭକ୍ତମାନଙ୍କ ପ୍ରତି ସେ ଦୟାଳୁ, ଦୁଷ୍ଟ ଆତ୍ମା, ଭୟ ଏବଂ ଅନ୍ଧକାର ବିରୋଧରେ ରକ୍ଷକ ଭାବରେ କାର୍ଯ୍ୟ କରନ୍ତି। ତାଙ୍କର ପୂଜା ସାହସ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରେ ବୋଲି ବିଶ୍ୱାସ କରାଯାଏ। ତାଙ୍କୁ ପୂଜା କରିବା ମନ୍ତ୍ର ହେଉଛି- ଓଁ ଐଂ ହ୍ରୀଂ କ୍ଲୀଂ କାଳରାତ୍ରେ ନମଃ। ଏହା ଜପ କଲେ ଭୟ ଓ ବାଧା ଦୂର ହୁଏ ବୋଲି ଭକ୍ତଙ୍କ ମଧ୍ୟରେ ବିଶ୍ୱାସ ରହିଛି।

କୃଷ୍ଣ ଚର୍ମ ଏବଂ ବିକ୍ଷିପ୍ତ କେଶ ସହିତ, କାଳରାତ୍ରି ହେଉଛି ନବରାତ୍ରୀ ଦୁର୍ଗାଙ୍କର ସବୁଠାରୁ ଭୟଙ୍କର ରୂପ, ସେ ଗଧ ଉପରେ ଉପବେଶନ କରନ୍ତି। ସେ ନକାରାତ୍ମକତା ଏବଂ ଭୟକୁ ନଷ୍ଟ କରନ୍ତି, ଭକ୍ତମାନଙ୍କୁ ମନ୍ଦ ଶକ୍ତି ଏବଂ ଅନ୍ଧକାର ପ୍ରଭାବରୁ ରକ୍ଷା କରନ୍ତି। କାଳରାତ୍ରି ଦେବୀଙ୍କ କାହାଣୀରେ ବର୍ଣ୍ଣନା କରାଯାଇଛି ଯେ ଦେବୀ ପାର୍ବତୀଙ୍କ କପାଳରୁ ଉଗ୍ର ଦେବୀ ଶୁମ୍ଭ, ନିଶୁମ୍ଭ ଏବଂ ଶକ୍ତିଶାଳୀ ରକ୍ତବୀଜ ରାକ୍ଷସମାନଙ୍କୁ ପରାସ୍ତ କରିବା ପାଇଁ ଆବିର୍ଭୂତ ହୋଇଥିଲେ। ସେ ଦୁଷ୍ଟତା ଏବଂ ଭୟକୁ ନଷ୍ଟ କରିବା ପାଇଁ ଏକ ଅନ୍ଧକାର, ଭୟଙ୍କର ରୂପ ଗ୍ରହଣ କରିଥିଲେ, ଅନ୍ଧକାର ଆତ୍ମା ବିରୁଦ୍ଧରେ ରକ୍ଷାକର୍ତ୍ତା ହୋଇ ଏବଂ ବିଶ୍ୱ ସନ୍ତୁଳନ ସୁନିଶ୍ଚିତ କରିଥିଲେ। ତାଙ୍କର ନାମ, 'କାଳରାତ୍ରି,' ଅନ୍ଧକାର ରାତିକୁ ବୁଝାଏ, କିଛି ଲୋକଙ୍କ ପାଇଁ ବିଲୋପ ଏବଂ ଭୟର ସମୟ, କିନ୍ତୁ ତାଙ୍କ ଭକ୍ତମାନଙ୍କ ପାଇଁ ସଶକ୍ତିକରଣର ଉତ୍ସ।

**କାଳରାତ୍ରି ଉତ୍ପତ୍ତି ସମସ୍ୟା:** ରାକ୍ଷସ ଶୁମ୍ଭ ଏବଂ ନିଶୁମ୍ଭ, ସେମାନଙ୍କର ସେନାପତି ଚଣ୍ଡ, ମୁଣ୍ଡ ଏବଂ ରାକ୍ଷସ ରକ୍ତବୀଜଙ୍କ ସହାୟତାରେ, ଦେବତାମାନଙ୍କ ପାଇଁ ବିପଦ ପାଲଟିଥିଲେ। ରକ୍ତବୀଜ ବିଶେଷ ଭାବରେ ବିପଜ୍ଜନକ ଥିଲା କାରଣ ତାଙ୍କ ରକ୍ତର ପ୍ରତ୍ୟେକ ବୁନ୍ଦାରୁ ଏକ ନୂତନ ରକ୍ତବୀଜ ଭୂମିକୁ ସ୍ପର୍ଶ କରୁଥିଲା, ଯାହା ତାଙ୍କୁ ପ୍ରାୟ ଅଜେୟ କରିଦେଉଥିଲା।

**ପାର୍ବତୀଙ୍କ ହସ୍ତକ୍ଷେପ:** ଦେବତାମାନେ ଦେବୀ ପାର୍ବତୀଙ୍କୁ ସାହାଯ୍ୟ ପାଇଁ ପ୍ରାର୍ଥନା କରିଥିଲେ। ସେ ରାକ୍ଷସମାନଙ୍କ ସହିତ ମୁକାବିଲା କରିବା ପାଇଁ ତାଙ୍କର ଭୟଙ୍କର ରୂପ, ଦେବୀ ଚଣ୍ଡୀ ସୃଷ୍ଟି କରିଥିଲେ।

କାଳରାତ୍ରି ଜନ୍ମ: ଚଣ୍ଡୀ ରକ୍ତବୀଜ ଏବଂ ଅନ୍ୟାନ୍ୟ ସେନାପତିମାନଙ୍କୁ ପରାସ୍ତ କରିପାରି ନଥିଲେ। ଏହାର ଜବାବରେ, ଦେବୀ ପାର୍ବତୀ ନିଜେ ଏକ ଅନ୍ଧକାର, ଭୟଙ୍କର ରୂପ - ମା କାଳରାତ୍ରି - ଭାବରେ ପ୍ରକାଶିତ ହୋଇ ଏହି ଭୟଙ୍କର ଶତ୍ରୁମାନଙ୍କୁ ସିଧାସଳଖ ମୁକାବିଲା କରିବା ପାଇଁ ନିଜ କପାଳରୁ ଉଭା ହୋଇଥିଲେ।

କାଳରାତ୍ରିଙ୍କ ଭୂମିକା ଏବଂ ଗୁରୁତ୍ୱ

**ଦୁଷ୍ଟତାର ବିନାଶ:** ଶୁମ୍ଭ, ନିଶୁମ୍ଭ ଏବଂ ରକ୍ତବୀଜର ଅନ୍ଧକାର ଶକ୍ତିକୁ ଦୂର କରିବା ପାଇଁ କାଳରାତ୍ରି ସୃଷ୍ଟି ହୋଇଥିଲା, ଏହିପରି ସନ୍ତୁଳନ ପୁନଃସ୍ଥାପନ ଏବଂ ବ୍ରହ୍ମାଣ୍ଡକୁ ସୁରକ୍ଷା ଦେବା ପାଇଁ।

ରାତିର ପ୍ରତୀକ: ତାଙ୍କର ନାମ, କାଳରାତ୍ରି, ଅର୍ଥ 'ଅନ୍ଧକାର ରାତି', ଯାହା ବିଲୋପର ଅନ୍ଧକାର ରାତିକୁ ପ୍ରତୀକ କରେ, ଯେତେବେଳେ ପୁରୁଣା କ୍ରମ ନୂତନ ସୃଷ୍ଟି ପାଇଁ ପଥ ପ୍ରସ୍ତୁତ କରିବା ପାଇଁ ନଷ୍ଟ ହୋଇଯାଏ।

**ଭକ୍ତଙ୍କ ରକ୍ଷାକାରିଣୀ:** ତାଙ୍କର ଭୟଙ୍କର ରୂପ ସତ୍ତ୍ୱେ, କାଳରାତ୍ରି ତାଙ୍କ ଭକ୍ତମାନଙ୍କ ପ୍ରତି ଦୟାଳୁ, ଦୁଷ୍ଟ ଆତ୍ମା, ଭୟ ଏବଂ ଅନ୍ଧକାର ବିରୁଦ୍ଧରେ ଏକ ରକ୍ଷକ ଭାବରେ କାର୍ଯ୍ୟ କରନ୍ତି। ତାଙ୍କର ପୂଜା ସାହସ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରେ ବୋଲି ବିଶ୍ୱାସ କରାଯାଏ। ତାଙ୍କୁ ପୂଜା କରିବା ମନ୍ତ୍ର ହେଉଛି- ଓଁ ଐଂ ହ୍ରୀଂ କ୍ଲୀଂ କାଳରାତ୍ରେ ନମଃ। ଏହା ଜପ କଲେ ଭୟ ଓ ବାଧା ଦୂର ହୁଏ ବୋଲି ଭକ୍ତଙ୍କ ମଧ୍ୟରେ ବିଶ୍ୱାସ ରହିଛି।



**ଦେବୀଙ୍କ ଏହି ରୂପ ଭୟଙ୍କର ଦେଖାଯାଇପାରେ, କିନ୍ତୁ ଏହା ଅତ୍ୟନ୍ତ ଶୁଭ। ତେଣୁ, ଦେବୀଙ୍କ ନାମ ମଧ୍ୟରୁ ଗୋଟିଏ ହେଉଛି ଶୁମ୍ଭକାରୀ। ତାଙ୍କୁ ସ୍ମରଣ କରିବା ଦ୍ୱାରା ଭୂତ, ଭୟ ଏବଂ ଅନ୍ୟାନ୍ୟ ଅସୁବିଧା ତୁରନ୍ତ ଦୂର ହୁଏ। ତେଣୁ, ଆସନ୍ତୁ ଜାଣିବା ନବରାତ୍ରିର ସପ୍ତମ ଦିନରେ ଦେବୀ କାଳରାତ୍ରିଙ୍କୁ ପୂଜା କରିବା ପାଇଁ କେଉଁ ରଙ୍ଗର ପୋଷାକ ପିନ୍ଧିବା ଉଚିତ।**



ଚୈତ୍ର ନବରାତ୍ରିର ସପ୍ତମ ଦିନରେ କେଉଁ ରଙ୍ଗର ପୋଷାକ ଶୁଭ ବୋଲି ବିବେଚନା କରାଯାଏ ?

ନବରାତ୍ରିର ସପ୍ତମ ଦିନ ଦେବୀ କାଳରାତ୍ରିଙ୍କୁ ସମର୍ପିତ। ଏହି ଦିନ ନୀଳ ପୋଷାକ ପିନ୍ଧିବା ଶୁଭ ବୋଲି ବିବେଚନା କରାଯାଏ। ମହାସପ୍ତମୀରେ, ଦେବୀ କାଳରାତ୍ରିଙ୍କୁ ପୂଜା କରିବା ସମୟରେ ନୀଳ ପୋଷାକ ପିନ୍ଧିବା ଉଚିତ। ଏହା କରିବା ଦ୍ୱାରା ଶୁଭ ଫଳ ମିଳିଥାଏ। ନୀଳ ରଙ୍ଗକୁ ସାହସ, ସ୍ଥିରତା ଏବଂ ଆତ୍ମବିଶ୍ୱାସର ପ୍ରତୀକ ବୋଲି ବିବେଚନା କରାଯାଏ। ନବରାତ୍ରି ସପ୍ତମୀ ପୂଜାରେ ନୀଳ ପୋଷାକ ପିନ୍ଧି ଦେବୀ କାଳରାତ୍ରିଙ୍କୁ ପୂଜା କରିବା ଜୀବନରେ ସକାରାତ୍ମକ ଶକ୍ତି ଆସେ। ନୀଳ ରଙ୍ଗ ବ୍ୟତୀତ, ମହାସପ୍ତମୀରେ ଧୂସର ରଙ୍ଗ ମଧ୍ୟ ପିନ୍ଧିପାରିବେ। ଧୂସର ରଙ୍ଗକୁ ମଧ୍ୟ ଶୁଭ ବୋଲି ବିବେଚନା କରାଯାଏ।

## ଦେବୀ ଦୁର୍ଗାଙ୍କ ପୂଜା ଏବଂ ମନ୍ତ୍ର ଜପ କରିବା ସମୟ

**ପ୍ରତିବର୍ଷ ଶାରଦୀୟ ନବରାତ୍ରିର ଆଗମନ ଭକ୍ତଙ୍କ ଜୀବନରେ ନୂତନ ଶକ୍ତି ଏବଂ ସକାରାତ୍ମକତା ଆଣିଥାଏ । ମା' ଦୁର୍ଗାଙ୍କ ନଅଟି ରୂପର ଆରାଧନା କରିବା ସହ ଭକ୍ତମାନେ ପୂର୍ଣ୍ଣ ନିଷ୍ଠାର ସହିତ ଉପବାସ, ପୂଜା ଏବଂ ଧ୍ୟାନ କରନ୍ତି । ଏହି ୧୦ ଦିନିଆ ପର୍ବ ଶକ୍ତି ଉପାସନାର ସବୁଠାରୁ ବଡ଼ ଅବସର । ଯେଉଁଥିରେ ଭକ୍ତମାନେ ସେମାନଙ୍କ ଇଚ୍ଛା ପୂରଣ ପାଇଁ ଦେବୀ ମାତାଙ୍କୁ ପ୍ରାର୍ଥନା କରନ୍ତି ।**





## ନବରାତ୍ରିରେ ଉପବାସ ଏବଂ ଧ୍ୟାନର ଗୁରୁତ୍ୱ

ନବରାତ୍ରିରେ ବ୍ରତ ଏବଂ ଉପବାସକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ । ଉପବାସ କେବଳ ଧାର୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ । କାରଣ ଏହା ଆମ ଶରୀରକୁ ପବିତ୍ର କରିଥାଏ । ଏହି ସମୟରେ, ମାଂସ, ମଦ୍ୟପାନ ଏବଂ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ରହିବାର ମାନ୍ୟତା ରହିଛି । ଏଭଳି ବିଶ୍ୱାସ କରାଯାଏ ଯେଉଁ ଭକ୍ତମାନେ ସଂଯମ ଏବଂ ଭକ୍ତିର ସହିତ ନବରାତ୍ରି ପାଳନ କରିଥାନ୍ତି ସେମାନଙ୍କ ମନ ଶୃଙ୍ଖଳିତ ହୋଇଥାଏ ଏବଂ ଭଗବାନଙ୍କ ପ୍ରତି ମଣିଷର ଭକ୍ତି ଗଭୀର ହୁଏ ।

### ମନ୍ତ୍ର ଜପର ନିୟମ ଏବଂ ସମୟ:

ନବରାତ୍ରି ସମୟରେ ଦେବୀ ଦୁର୍ଗାଙ୍କ ମନ୍ତ୍ର ଜପ କରିବା ଅତ୍ୟନ୍ତ ଫଳପ୍ରଦ ବୋଲି ବିବେଚନା କରାଯାଏ । ଏହାଦ୍ୱାରା ଆମ ମନକୁ ଶାନ୍ତି ମିଳିବା ସହ ମଣିଷର ଆଧ୍ୟାତ୍ମିକ ଉନ୍ନତି ମଧ୍ୟ ହୋଇଥାଏ । କିନ୍ତୁ ମନ୍ତ୍ର ଜପ କରିବାର ସଠିକ୍ ସମୟ ଏବଂ ପଦ୍ଧତି ଜାଣିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ।

**ସକାଳ ସୂର୍ଯ୍ୟୋଦୟ:**
ଏହି ସମୟରେ ମନ୍ତ୍ର ଜପ କରିବା ସବୁଠାରୁ ଶୁଭ ବୋଲି ବିବେଚନା କରାଯାଏ । ଏହା ସୁଖ, ସୌଭାଗ୍ୟ ଏବଂ ପ୍ରସିଦ୍ଧି ଆଣିଥାଏ ।

**ଅପରାହ୍ନ ସମୟ:**
ଯଦି ଆପଣ କୌଣସି ବିଶେଷ ଫଳ ଚାହୁଁଛନ୍ତି ତେବେ ଅପରାହ୍ନରେ ଦେବୀ ମା'ଙ୍କ ମନ୍ତ୍ର ଜପ କରିବା ଉଚିତ ।

**ସନ୍ଧ୍ୟା:**
ସନ୍ଧ୍ୟା ପୂର୍ବରୁ ମନ୍ତ୍ର ଜପ କରିବା ଶାନ୍ତି ଏବଂ ମଙ୍ଗଳ ପାଇଁ ସର୍ବୋତ୍ତମ ହୋଇଥାଏ । ଯେତେବେଳେ କି ସନ୍ଧ୍ୟାରେ ଜପ କରିବା ତନ୍ତ୍ର ସାଧନା ପାଇଁ ଉଲ୍ଲେଖ କରାଯାଇଛି ।



**ଜପ କରିବା ପୂର୍ବରୁ ସଂକଳ୍ପ ଏବଂ ପୂଜା:**
ଦେବୀ ମା'ଙ୍କ ମନ୍ତ୍ର ଜପ ଆରମ୍ଭ କରିବା ପୂର୍ବରୁ ସଂକଳ୍ପ ନେବା ଅପରିହାର୍ଯ୍ୟ ବୋଲି ବିବେଚନା କରାଯାଏ । ସଂକଳ୍ପ ବିନା ଜପକୁ ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏହା ପରେ ଇଷ୍ଟଦେବ ଏବଂ ଅନ୍ୟାନ୍ୟ ଦେବୀ ଦେବତାଙ୍କୁ ପୂଜା କରିବା, ଦୀପ ଏବଂ ଧୂପ ଜଳାଇବା ଏବଂ ତା'ପରେ ଜପ ଆରମ୍ଭ କରିବା ଉଚିତ ।

**ଜପ ସମୟରେ ସତର୍କତା:**
ଜପ ସମୟରେ ମନର ଏକାଗ୍ରତା ଅତ୍ୟନ୍ତ ଜରୁରୀ ହୋଇଥାଏ । ଏହି ସମୟରେ କ୍ରୋଧ, ଆଳସ୍ୟ, ନିଦ୍ରା ଯିବା, ଛିଙ୍କିବା କିମ୍ବା ଗୋଡ ପ୍ରସାରିତ କରି ବସିବା ଅଶୁଭ ବୋଲି ବିବେଚନା କରାଯାଏ । ଏପରି କି ଭୁଲ ମନ୍ତ୍ର ଜପର ସମ୍ପୂର୍ଣ୍ଣ ଲାଭକୁ ବାଧା ଦେଇପାରେ ।

## କାହିଁକି କୋପ କରନ୍ତି ରାହୁ ?

ସର୍ଭିଙ୍କ ଜାତକରେ ଗ୍ରହଙ୍କ ଉଭୟ ଶୁଭ ଓ ଅଶୁଭ ପ୍ରଭାବ ରହିଛି। ରାହୁ ଓ କେତୁଙ୍କ କୁପ୍ରଭାବ କାରଣରୁ ବ୍ୟକ୍ତି ବିଶେଷଙ୍କ ଜୀବନରେ ଅନେକ ସମସ୍ୟା ଦେଖାଦେଇଥାଏ। ତେବେ ଦୈନନ୍ଦିନ ଜୀବନରେ କରୁଥିବା କିଛି ଭୁଲ୍ କାରଣରୁ ଜାତକରେ ରାହୁଙ୍କ ସ୍ଥିତି ଖରାପ ହେବା ସହ ଅନେକ ସମସ୍ୟା ଲାଗି ରହିଥାଏ। ଜାଣତରେ ଅଜାଣତରେ କରୁଥିବା କିଛି ଭୁଲ୍ ପାଇଁ ରାହୁଙ୍କ କୁପ୍ରଭାବ ଫଳରେ ଆର୍ଥିକ କ୍ଷେତ୍ରରେ ସମସ୍ୟା, ମାନସିକ ଦୁଶ୍ଚିନ୍ତା, ସମ୍ପର୍କରେ



ତିକ୍ତତା, ହଠାତ୍ ଦୁର୍ଘଟଣା, କର୍ମକ୍ଷେତ୍ରରେ ପ୍ରଭାବ, ଧନ ଅଭାବ ସହ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଆଦି ହୋଇଥାଏ। ଜାଣନ୍ତୁ କେଉଁ ସରଳ ଉପାୟରେ ଏଥିରୁ ମୁକ୍ତି ପାଇବେ.. ସର୍ଭିଙ୍କ ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟସେବନ, କର୍ମକ୍ଷେତ୍ର, ଗାଧୁଆ ଘରେ ଅପରିଷ୍କାର ଆଦି ହେବା ଦ୍ୱାରା ଜାତକରେ ରାହୁଙ୍କ ସ୍ଥିତି ଖରାପ ହୋଇଥାଏ। ଅଶୁଭ ଫଳ ମିଳିଥାଏ। ତେଣୁ ଏହି ସମସ୍ତ ସ୍ଥାନକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ। ଘରେ ପୁରୁଣା ଭଙ୍ଗା ଜିନିଷ, ଅବ୍ୟବହୃତ ଜିନିଷ, ଖରାପ ବୈଦ୍ୟୁତିକ ଜିନିଷଆଦି ରଖିବା ଦ୍ୱାରା ରାହୁଙ୍କ କୋପର ସାମ୍ନା କରିବାକୁ ପଡ଼ିଥାଏ। ଏହାସହ ଘରେ ନକରାତ୍ମକ ଶକ୍ତି ମଧ୍ୟ ପ୍ରବେଶ କରିଥାଏ। ଏହାଦ୍ୱାରା ଉନ୍ନତିରେ ବାଧା, ଆୟରେ ହ୍ରାସ, ଘରେ କଳହ ଆଦି ହୋଇଥାଏ। ବିଳମ୍ବିତ ରାତି ଯାଏଁ ଅନିଦ୍ରା ରହିବା, ସକାଳେ ବିଳମ୍ବ ଯାଏଁ ଶୋଇବା ଦ୍ୱାରା ରାହୁଙ୍କ କୁପ୍ରଭାବ ଜାତକରେ ପଡ଼ିଥାଏ। ତେଣୁ ଏହି ଭୁଲ୍ ଆଦୌ କରନ୍ତୁ ନାହିଁ। ବାରମ୍ବାର ମିଛ କୁହନ୍ତୁ ନାହିଁ। ଏହା ଦ୍ୱାରା ମଧ୍ୟ ରାହୁଙ୍କ କୋପର ସାମ୍ନା କରିବାକୁ ପଡ଼ିଥାଏ।

## କୁନ୍ତରା କଲେଜରେ ପାଠଚକ୍ର

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ସୋମବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଓଡ଼ିଶାରେ ଲୋକ ପ୍ରଶାସନର ଭୂମିକା' ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱ ଓ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଯୋଗେନ୍ଦ୍ର ମୁଦୁଲିଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଡ଼.ସିଂ ଶୁଭଲକ୍ଷ୍ମୀ ବାଇଧର ମୁଖ୍ୟ ଅତିଥି, ସୁନ୍ଦରଗଡ଼ ଜିଲ୍ଲା ବଣେଇଗଡ ମହାବିଦ୍ୟାଳୟର ଅଧ୍ୟାପକ ବରୁଣ କର୍କରିଆ ମୁଖ୍ୟବକ୍ତା, ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ସିପୁନ କୁମାର ଦାଶ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଥିଲେ।

## ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ(ନିପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ସମ୍ମିଳନ କକ୍ଷରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଥାଏ। ଏହି ବର୍ଷର ବିଷୟବସ୍ତୁ ହେଉଛି ସଚେତନତା ମୂଳକ ସଭା ସହିତ ଆଲୋଚନା, ଡିବେଟ୍ ଓ କ୍ୱିଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ସିଏଚସି ଧାମନଗର ଓ ସିଏଚସି ବରପଦାର ଏନପିଏଚଡବ୍ଲୁ (ପୁରୁଷ) କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି, ତାହାର ନିରାକରଣ ଓ ସମାଜର ସମ୍ମିଳିତ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହଭାଗିତା ମାଧ୍ୟମରେ ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଡାକ୍ତରମାନେ ଯୋଗଦେଇ "ଟିବି ମୁକ୍ତ ଭାରତ" ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ।

## କାଶୀନଗର ଏନଏସିର ସାଧାରଣ ବୈଠକ




କାଶୀନଗର(ନିପ୍ର): କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ ଅଧ୍ୟକ୍ଷା ଏମ ସୁଦ୍ଧା ରାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏନ ଏ ସି ର ଗୋଷ୍ଠୀ ସଂଗଠିକା ଉଜ୍ୱଳତା ସ୍ୱାଲ ସିଂ ପ୍ରଥମେ ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ପରିଷଦର ଉନ୍ନତି ମୂଳକ କାମ ସବୁ କିପରି ସବୁ ଚାଲୁ ରହିଛି ସେ ବିଷୟରେ ବିଭାଗୀୟ ଅଧିକାରୀ ମାନଂକୁ ଉପସ୍ଥାପନା କରିବାକୁ ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନ ପରାମର୍ଶ ଦେଇଥିଲେ। ପରିଷଦର ସଫେଇ କାର୍ଯ୍ୟକ୍ରମ, କାର୍ଯ୍ୟାଳୟ ସମ୍ମୁଖରେ ଥିବା ବନ୍ଧର ସୌନ୍ଦର୍ଯ୍ୟକରଣ, ପରିଷଦ ମଧ୍ୟରେ ଥିବା ସୌନ୍ଦର୍ଯ୍ୟ କରଣ ପ୍ରକଳ୍ପର ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱ ଦେବା, ପାନୀୟ ଜଳ ବ୍ୟବସ୍ଥା,ଡ୍ରେନେଜ ବ୍ୟବସ୍ଥା ର ଉନ୍ନତି କରଣ, ଅଂଶୁଘାତରୁ ରକ୍ଷା ପାଇବା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବା ସହ ଜଳ ଛାତ୍ର ଖୋଲିବା ଏମିତି ବିଭିନ୍ନ ବିଷୟରେ ରେ ଆଲୋଚନା ହୋଇ ଥିବା ସୂଚନା ମିଳିଛି।

## ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ପହଞ୍ଚିଲା ଆଜ୍ଞାମାଳ

ନିରାକାରପୁର,(ନିପ୍ର): ଚଳିତମାସ ଆସନ୍ତା ୨୬ତାରିଖ ଗୁରୁବାର ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ପାଳିତ ହେବ ଅଶୋକାଷ୍ଟମୀ ରଥଯାତ୍ରା। ଶ୍ରୀଜୀଉ ରାଜପ୍ରତିଷ୍ଠିତ ଠାକୁର ହୋଇଥିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସମସ୍ତ ପ୍ରସ୍ତୁତିପର୍ବ ଏବେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପାରମ୍ପରିକ ରୀତିନୀତିରେ ଆଜି ପୁରୀ ଶ୍ରୀମନ୍ଦିରରୁ ଚନ୍ଦନକାଠ, ପାଟପତନୀ ଓ ପାଉଣା(ଆଜ୍ଞାମାଳ) ଅଣା ଯାଇଛି।ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର ଓ ପରିଚାଳନା କମିଟି ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଆଜ୍ଞାମାଳ ଆଣି ଆଜି ଅପରାହ୍ନରେ ଶ୍ରୀ ଜୀଉଙ୍କ ପୀଠରେ ପହଞ୍ଚିଥିବା ଜଣାଯାଇଛି ।ପାରମ୍ପରିକ ରୀତିନୀତି ଅନୁସାରେ ଏହି ଆଜ୍ଞାମାଳ କପିଳେଶ୍ୱରଙ୍କ ମନ୍ଦିର ପାଖରେ ପହଞ୍ଚିବା ପରେ ପରିଚାଳନା କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ପାଛୋଟି ନିଆଯାଇଥିଲା।

## ବରିଷ୍ଠ ଅସ୍ଥିଶଲ୍ୟ ବୈଦ୍ୟରାଜଙ୍କ ମୃତ୍ୟୁ

ଭାପୁର,(ନିପ୍ର): ଭାପୁର ପଞ୍ଚାୟତ ଅନ୍ତର୍ଗତ ମନ୍ଦାରବେରେଣୀ ଗ୍ରାମର ବରିଷ୍ଠ ଅସ୍ଥିଶଲ୍ୟ ବୈଦ୍ୟରାଜ ରାଜକିଶୋର ବେହେରା (୮୪) ଙ୍କ ସୋମବାର ରାତ୍ରିରେ ବୟସାଧିକ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ତାଙ୍କର ବଡପୁଅ ନବ କିଶୋର ବେହେରା ମୁଖାଗ୍ନି ଦେଇ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଅସ୍ଥିଶଲ୍ୟ ଚିକିତ୍ସାରେ ତାଙ୍କର ବିଶେଷ ସୁନାମ ରହିଥିବାବେଳେ ତାଙ୍କର ମୃତ୍ୟୁ ଖବର ଶୁଣି ଭାପୁର ତଥା ପାଖାପାଖି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା।

### ଚୈତ୍ର ତୃତୀୟ ମଙ୍ଗଳବାର

# ଶ୍ୟାମଳାଇ ଓ କରେଇଶୁଣୀ ପୀଠରେ ଭକ୍ତଙ୍କ ଭିଡ



ହିଞ୍ଜିଳିକାଟୁ,(ନିପ୍ର): ଚୈତ୍ର ମାସ ତୃତୀୟ ପାଳି ମଙ୍ଗଳବାର ଉପଲକ୍ଷେ ହିଞ୍ଜିଳିକାଟୁ ବ୍ଲକ ନୂଆଁ ବୁରୁପଡ଼ା ସ୍ଥିତ ଶକ୍ତିପୀଠ ମା ଶ୍ୟାମଳାଇଙ୍କ ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ମଙ୍ଗଳବାର ଭୋରରୁ ମା'ଙ୍କ ମାର୍ଜଣା, ମଙ୍ଗଳଆଳତୀ, ସୂର୍ଯ୍ୟପୂଜା, ମଇଲମ, ବାଲଭୋଗ, ଦେବୀନୀତି ସହ ସମସ୍ତ ରୀତିନୀତି ସମାପନ ପରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ମନ୍ଦିର ଦ୍ୱାର ଖୋଲା ଯାଇଥିଲା । ମଙ୍ଗଳବାର ପ୍ରାତଃହରୁ ମନ୍ଦିର ପ୍ରାର୍ଶ୍ୱରେ ମାନସିକ ଧାରୀ ମାନେ ନିଜ ନିଜ ଶିଶୁମାନଙ୍କୁ ମୁଣ୍ଡନ କରିବା ସହ ପଞ୍ଚାମୃତ ଭୋଗ ମା'ଙ୍କ ନିକଟରେ ସମର୍ପଣ କରିଥିଲେ। ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ସକାଶେ ଭକ୍ତମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲମ୍ବା ଲାଇନରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ମନ୍ଦିର ଚର୍ତୁପ୍ରାର୍ଶରେ ବିଭିନ୍ନ ରକମର ଖେଳଣା, ବାରମଜା, ଥଣ୍ଡାପାନୀୟ, ବେଲୁନ, ଘରକରଣା ସାମଗ୍ରୀ ସମେତ ବିଭିନ୍ନ ରକମର ଦୋକାନର ଅସ୍ଥାୟୀ ଦୋକାନ ବଜାର ମାନ ଗଢି ଉଠିଥିଲା । ମନ୍ଦିର ନିକଟରେ ଛାଗବଳି ନିଷେଧ ରହିଥିଲେ ମଧ ଭକ୍ତମାନେ ପରିବାର ଓ ସମ୍ପର୍କୀୟଙ୍କ ସହ ଛାଗବଳି ପକାଉଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ମନ୍ଦିର ପ୍ରଶାସନ ଓ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ପାନୀୟ ଜଳ ବଣ୍ଟନ ସହ ଭକ୍ତଙ୍କ ଉପରେ ସିଞ୍ଚନ କରାଯାଉଥିବା ଦେଖିବାକୁ ମିଳିଥିଲା । ମଙ୍ଗଳବାର ଭୋରରୁ ହିଞ୍ଜିଳି ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠିଙ୍କ ତତ୍ତ୍ୱାବଧାନରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ମନ୍ଦିର ପରିସରରେ ମୃତୟନ ରହିବା ସହ ଶାନ୍ତି ଶୃଙ୍ଖଳା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ । ଭକ୍ତ ମାନେ ନିଜ ନିଜର କାର୍ଯ୍ୟ ସମାପନ କରି ସନ୍ଧ୍ୟାରେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଭକ୍ତମାନଙ୍କ ପ୍ରତ୍ୟାବର୍ତ୍ତନ ପରେ ମନ୍ଦିର ଚର୍ତୁପାଶ୍ୱର୍ରେ ଅଇଁଠା ଖଲି, ପ୍ଲେଟ ଓ ପ୍ଲାଷ୍ଟିକ ଗ୍ଲାସ ପଡି ରହିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ ମନ୍ଦିର ପ୍ରଶାସନଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ଅନୁରୂପ ଭାବେ ସ୍ଥାନୀୟ ବ୍ଲକ ଖରିଡ଼ା ଗ୍ରାମରେ ଅଧିଷ୍ଠିତ ମା' କରେଇଶୁଣୀଙ୍କ ପୀଠରେ ମଧ ଭକ୍ତ ମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ବହୁ ମାନସିକ ଧାରୀ ନିଜ ନିଜ ଶିଶୁଙ୍କ ମୁଣ୍ଡନ କରାଇବା ସହ ମନ୍ଦିର ଚର୍ତୁପ୍ରାର୍ଶରେ ଭୋଜିଭାତର ଆୟୋଜନ କରିଥିବା ଦେଖିବାକୁ ମିଳିଥିଲା ।

### ବେଆଇନ ପଥର ବ୍ଲାଷ୍ଟିଙ୍ଗକୁ ବିରୋଧ

## ପୁଲିସ-ଗ୍ରାମବାସୀ ମୁହାଁମୁହିଁ, ୧୦ରୁ ଅଧିକ ଆହତ

ଟାଙ୍ଗୀ,(ନିପ୍ର) : ଥାନା ପାଲଟିଲା ରଣକ୍ଷେତ୍ର , ପ୍ରଶାସନର ଅବହେଳା କାରଣରୁ ଦେଖଣା ହାରି ପାଲଟିଲେ ପଥଚାରୀ। ପଥର ବ୍ଲାଷ୍ଟିଙ୍ଗକୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନସ୍ଥ ବୃଷବନ୍ଧ ପାହାଡ଼ ଖାତା ନମ୍ବର ୨୧୪ ପ୍ଲଟ ନମ୍ବର ୫୫୪କୁ ସତ୍ୟପ୍ରିୟ ଶ୍ରୀଚନ୍ଦନ ନାମକ ଜଣେ ବ୍ୟକ୍ତି ସରକାରୀ ଭାବେ ନିଲାମ ନେଇଛନ୍ତି। ତେବେ ସେ ଅନ୍ୟ ଜଣେ ବ୍ୟକ୍ତି ସମୀର ଭୂଜବଳ ଗୁମାସ୍ତା ସରକାରୀ ପାହାଡ଼କୁ ବେଆଇନ ବ୍ଲାଷ୍ଟିଙ୍ଗ କରି ଫଟାଇବା ଫଳରେ ଏହି ଥାନା ଅଧିନସ୍ଥ କୁଞ୍ଜୁରୀ ପଞ୍ଚାୟତ ଆଡିଆପଡା ଗ୍ରାମବାସୀ ପଥରଖଣ୍ଡ ଚାରିଆଡେ ପଡିବା ଫଳରେ ସେମାନେ କ୍ଷତିଗ୍ରସ୍ତ ହେଉଥିବା ସଂପର୍କରେ ବାରମ୍ବାର ତହସିଲଦାରଙ୍କ ଠାରୁ ଆରମ୍ଭ କରି ପୋଲିସ୍ ଅଧିକାରୀଙ୍କ ନିକଟରେ ଅଭିଯୋଗ ସତ୍ୱେ କୌଣସି ପ୍ରତିକାର ନହେବାରୁ ଗଣ୍ଡଗୋଳ ସୃଷ୍ଟି ହେଉଥିଲା। ଏହି ଘଟଣାକୁ ନେଇ ଠିକାଦାରଙ୍କ ଆଡ଼ିଆପଡ଼ାର ବସନ୍ତ ମହାରଥିଙ୍କ ବିରୁଦ୍ଧରେ ଥାନାରେ ବାରମ୍ବାର ଅଭିଯୋଗ ପରେ ତାଙ୍କ ବିରୁଦ୍ଧରେ ଚାରୋଟି ମୋକଦମା ଥିବାରୁ ତାଙ୍କୁ ଆଜି ଟାଙ୍ଗୀ ପୁଲିସ ଉଠାଇ ଆଣିଥିଲା।ଅପରାହ୍ନ ପ୍ରାୟ ୪ଟାରେ ବସନ୍ତଙ୍କୁ ପୁଲିସ ଛାଡ଼ିବା ପାଇଁ ଆଡିଆପଡ଼ାର ଶତାଧିକ ମହିଳା ଟାଙ୍ଗୀ ଥାନା ପ୍ରବେଶ ଦ୍ୱାରରେ ଧାରଣା ଦେଇଥିଲେ। ଏହି ସମୟରେ ଟାଙ୍ଗୀ ଥାନା ଅଧିକାରୀ ମହିଳା ମାନଙ୍କୁ ଦୁର୍ବ୍ୟବହାର କରିଥିବା ଶୁଣିବାକୁ ମିଳୁଛି । ଫଳରେ ଉତ୍ୟକ୍ତ ମହିଳାମାନେ ଥାନା ଭିତରକୁ ବଳପୂର୍ବକ ପ୍ରବେଶ ପାଇଁ ଧସ୍ତାଧସ୍ତି କରିଥିଲେ। ଧସ୍ତାଧସ୍ତି ସମୟରେ ଆଡିଆପଡ଼ା ଗ୍ରାମର ସତ୍ୟ ଦାସ ଓ ଜ୍ୟୋତ୍ସ୍ନା ମହାରଥି ଦୁଇ ମହିଳା ଅଚେତ ହୋଇପଡିଥିଲେ। ଏହି ଦୁଇ ମହିଳାଙ୍କୁ ପାଣି ମାରି ଚେତା କରାଉଥିବା ସମୟରେ ଥାନା ଭିତରକୁ ନଯିବା ପାଇଁ ସୁରକ୍ଷା ଦାୟିତ୍ୱ ରେ ଥିବା କିଛି ପୁଲିସ କର୍ମଚାରୀଙ୍କୁ ଅନେକ ମହିଳା ଅତର୍କିତ ପାଣି ପାଉଚ ମାଡ କରିବା ଆରମ୍ଭ କରିଦେଇଥିଲେ। ପାଣି ପାଉଚ ମାଡ଼କୁ ପ୍ରତିହତ କରିବା ପାଇଁ ଆଇଆଇସି ରବୀନ୍ଦ୍ର ଭୂଜବଳଙ୍କ ସମେତ ସମସ୍ତ ଅଫିସର ଓ କର୍ମଚାରୀ ଉତ୍ୟକ୍ତ ଦୁଇଶହରୁ ଉର୍ଦ୍ଧ୍ୱ ଉଭୟ ମହିଳା ପୁରୁଷଙ୍କୁ ଥାନା ପରିସରରୁ ହଟାଇବା ପାଇଁ ଗୋଡ଼ାଇ ଗୋଡ଼ାଇ ଲାଠିମାଡ଼ କରିଥିବା ବେଳେ ପୁଲିସ ଉପରକୁ ପଥରମାଡ଼ ଆରମ୍ଭ କରିଥିଲେ। ପୁଲିସର ଲାଠି ମାଡ଼ରେ ଆଡାଆପଡାର ବସନ୍ତ ଦାସଙ୍କ ପତ୍ନୀ ସତ୍ୟ, ମାଟିଆ ଦାସଙ୍କ ପତ୍ନୀ ସଂଜୁକ୍ତା, ଗଣେଶ ମହାରଥିଙ୍କ ପତ୍ନୀ କୌଶଲ୍ୟା, ବ୍ରଜବନ୍ଧୁ ସାମନ୍ତସିଙ୍ଗାର ପତ୍ନୀ ଝତଣା, ଛେତ ସାମସଲଙ୍କ ପତ୍ନୀ ପ୍ରେମୀ ଦେଇଙ୍କ ସମେତ ୧୦ରୁ ଅଧିକ ମହିଳା ଆହତ ହୋଇଥିବା। ଆହତ ମହିଳାମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଲାଠି ମାଡରେ କିଛି ପୁରୁଷ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ପୁଲିସ ମଧ୍ୟ ଉତ୍ୟକ୍ତ ଲୋକଙ୍କ ଅର୍ନଗଳ ପଥରମାଡ଼ରେ ଶିକାର ହୋଇଥିବା ବେଳେ ଖୋଦ ଆଇଆଇସି ଶ୍ରୀ ଭୂଜବଳ, ସବଇନସପେକ୍ଟର ଏସ କେ ମୁର୍ମୁ ଆହତ ହୋଇଥିବା ବେଳେ ସବଇନସପେକ୍ଟର ଆର କେ ମହାକୁଡ, ହୋମଗାର୍ଡ ରାଜେନ୍ଦ୍ର ବିଶ୍ୱାଳ ମଧ ଆହତ ହୋଇଥିବା ଜଣାପଡିଛି। ଅପରାହ୍ନ ସାଢେ ପାଞ୍ଚଟା ସାଢେ ୬ଟା ପର୍ଯ୍ୟନ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା ଏପରିକି ମହିଳା ଓ ପୁରୁଷମାନେ ଥାନା ସମ୍ମୁଖରେ ମଧ ରିପୋର୍ଟ ଲେଖା ହେବା ବେଳକୁ ସେମାନଙ୍କ ଗାଁକୁ ଫେରିଯାଇଥିବା ଜଣାପଡ଼ିଛି । ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଭିଡ଼ ଲାଗିରହିଛି। ବେଆଇନ ବ୍ଲାଷ୍ଟିଙ୍ଗକୁ ବିରୋଧ ଆଜିର ପରିସ୍ଥିତି ପାଇଁ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ଏଭଳି ଅଭାବନିୟ ତଥା ଉତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚପଦସ୍ଥ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡିଛି । ଥାନା ପରିସରରେ କୁଆପଥର ଭଳି ଢେଲା ପଥରମାଡ଼ରେ ଛାଇଯିବା ସହ ଅଭାବନିୟ ସଂଗିନ ପରିସ୍ଥିତି ଦେଖିବାକୁ ମିଳିଛି। ତେବେ ଟାଙ୍ଗୀ ଥାନା ଅଧିକାରୀଙ୍କ ଅପାରଗତା କାରଣରୁ ଏପରି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରାଯାଉ

## ପୁରୁଣା ବସ୍‌ଷ୍ଟାଣ୍ଡରେ ଗାଡ଼ି ରହଣି ନେଇ ଅନିୟମିତତା

ନିମାପଡ଼ା, (ନି.ପ୍ର.): ନିମାପଡ଼ା ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହେବା ଦ୍ୱାରା ଶହ ଶହ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଇଛି । ପୁରୁଣା ବସ୍‌ଷ୍ଟାଣ୍ଡରେ ସମସ୍ତ ବସ୍ ରହୁଥିବା ବେଳେ କାଁ ଭାଁ ବସ୍ ପୂର୍ବ ସୂଚନା ନ ଦେଇ ଆସୁ ନଥିବାରୁ ପାସେଞ୍ଜରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଦିନ ପ୍ରବଳ ଭିଡ଼ ଥିଲେ ମଧ ଅନେକ ବସ୍ ଷ୍ଟାଣ୍ଡରେ ନରହି ଜୟଶ୍ରୀ ଛକରେ ରହଣି କରିବାରୁ ଯାତ୍ରୀମାନଙ୍କ ମଧରେ ପ୍ରବଳ ଅସନ୍ତୋଷ ଦେଖା ଦେଇଥିଲା । ଷ୍ଟାଣ୍ଡରେ ପୌର ପ୍ରଶାସନ ପକ୍ଷରୁ କୌଣସି ନୋଟିସ / ସୂଚନା ଦିଆଯାଇ ନଥିବାରୁ ବସ୍ କର୍ତୃପକ୍ଷ ମନୋମୁଖୀ ଭାବେ ଯିବା ଆସିବା କରୁଥିବା ଲକ୍ଷ୍ୟ କରାଯାଇଛି । ପାସେଞ୍ଜରଙ୍କ ରହଣି ପାଇଁ କୌଣସି ସୁବିଧା ନଥିବାରୁ ରାସ୍ତା କଡ଼ରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି । ନୂତନ ବସ୍‌ଷ୍ଟାଣ୍ଡ (୪ କୋଟି ବ୍ୟୟ)କୁ କାର୍ଯ୍ୟକ୍ଷମ କରିବା ସହିତ ପୁରୁଣା ବସ୍‌ଷ୍ଟାଣ୍ଡରେ ସମସ୍ତ ବସ୍ ଯାତାୟାତ ସମୟ ସାରଣୀ ସୂଚନା ରଖିବାକୁ ପାସେଞ୍ଜରମାନେ ଦାବି କରିଛନ୍ତି । ସରକାରୀ (ମୋ ବସ୍/ ଲକ୍ଷ୍ମୀବସ୍) ଚଳାଚଳ ସଂପର୍କରେ ସଠିକ୍ ସୂଚନା ମିଳୁ ଥିବାରୁ ଗ୍ରାହକମାନେ ସେହି ବସ୍‌କୁ ଅଧିକ ପସନ୍ଦ କରୁଛନ୍ତି ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ସମ୍ବନ୍ଧୀୟ ସଚେତନତା

ଭାପୁର(ନିପ୍ର): କଟକ ଏସ.ସି.ବି. ମେଡିକାଲରେ ଗତ ୧୫ ତାରିଖ ରାତ୍ରିରେ ଅଗ୍ନିକାଣ୍ଡ ଘଟି ରୋଗୀ ମୃତାହତ ହେବାପରେ ରାଜ୍ୟ ସରକାରଙ୍କ ଚେତା ପଶିଛି ଫଳରେ,ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିଶମ ବିଭାଗ ତରଫରୁ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କୁ ଅଗ୍ନୀ ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ବନ୍ଧୀୟ ସଚେତନତା ପ୍ରଦାନ କରାଯାଉଛି। ଏହି



ପରିପ୍ରେକ୍ଷୀରେ,ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ନିମାଣୀ,ବାଘୁଆପଲ୍ଲୀ ଏଂ ପଦ୍ମାବତୀ ଗ୍ରାମରେ ଅବସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ମାନଙ୍କୁ ସୋମବାର ଦିନ ନିଆଁ ଲାଗିଲେ କିପରି ଅଗ୍ନୀ ନିର୍ବାପକ ଯନ୍ତ୍ର ର ବ୍ୟବହାର କରି ପ୍ରାଥମିକ ସ୍ତରରେ ନିଆଁ କୁ ଆୟତ୍ତ କରିପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ଭଗତ ସିଂଙ୍କ ସହିଦ ଦିବସରେ ଜନସଭା

ହିଞ୍ଜିଳିକାଟୁ,(ନି.ପ୍ର): ମହାନ ବିପ୍ଳବୀ ସହିଦ-ଏ- ଭଗତ ସିଂଙ୍କ ସହିଦ ଦ୍ୱିସ ପାଳନ ଅବସରରେ ସୋମବାର ହିଞ୍ଜିଳିକାଟୁରେ ଏଆଇଡିଓ୍ୱାଓ ଆନୁକୁଲ୍ୟରେ ଏକ ଜନସଭା ଅନୁଷ୍ଠିତ ହୋଇଛି। ଏଆଇଡିଓ୍ୱାଓ ସଭ୍ୟ ଅନିଲ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସୟୁସିଆଇ (ସି) ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ ଓ ମୁଖ୍ୟବକ୍ତା ଭାବେ ଏସୟୁସି ଆଇ (ସି)ହିଞ୍ଜିଳିକାଟୁ ଆଞ୍ଚଳିକ ସମ୍ପାଦକ କମ୍ରେଡ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଙ୍କ ସହ ଏଆଇଡିଓ୍ୱାଇଓ ଜିଲ୍ଲା ସଂଗଠକ ବିଭୂତି ଭୂଷଣ ସାହୁ, ସମର ବେହେରା, ଉଦ୍ଧବ କୁମାର ମହାକୁଡ଼ ଓ ଅଶୋକ କୁମାର ସାହୁ ପ୍ରମୁଖ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଆପୋଷହୀନ ଧାରାର ମହାନ୍ ଯୋଦ୍ଧା ସହିଦ - ଏ - ଭଗତ ସିଂ ଏବଂ ତାଙ୍କ ଦୁଇ ସହ ଯୋଦ୍ଧା ସୁଖଦେବ ଓ ରାଜଗୁରୁଙ୍କ ବଳିଦାନକୁ ମନେ ପକାଇ ତାଙ୍କ ଜୀବନ ସଂଗ୍ରାମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଜିର ସମାଜ ପରିବର୍ତ୍ତନ ପାଇଁ ଛାତ୍ର ଓ ଯୁବ ସମାଜକୁ ଭଗତ ସିଂ ଭଳି ବିଭିନ୍ନ ମହାପୁରୁଷ ମାନଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ଜୀବନ ଅତିବାହିତ କରିବାକୁ ପଡ଼ିବ ଏବଂ ଉନ୍ନତ ନୀତି ନୈତିକତା ଏବଂ ମୂଲ୍ୟବୋଧ ସଂସ୍କୃତିର ଚର୍ଚ୍ଚା ଆରମ୍ଭ ପାଇଁ ଆହ୍ୱାନ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଛାତ୍ର, ବୁଦ୍ଧିଜୀବି ଓ ସଚେତନ ନାଗରିକ ଉପସ୍ଥିତ ଥିଲେ।

## ଘରୋଇ ସ୍କୁଲରେ ପିଇବା ପାଣି ଲାଇନ କାଟିଦେଲେ, ଧାରଣାରେ ଶିକ୍ଷୟିତ୍ରୀ



କଟକ,(ନିପ୍ର): ଜଳ ହିଁ ଜୀବନ। ଖରାଦିନରେ ପାଣି ମୁନ୍ଦେ ପିଇବା ପାଇଁ ଲୋକେ ଡହଳବିକଳ ହେଉଯାଉଛନ୍ତି। ହେଲେ ବିଦ୍ୟାଳୟରେ ପିଇବାକୁ ପାଣି ମିଳୁନି। ପିଇବା ପାଣି ଲାଇନ କାଟି ଦେବାରୁ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଯାହାକୁ ନେଇ କଟକ ଖ୍ରୀଷ୍ଟ କଲେଜିଏଟ ବିଦ୍ୟାଳୟର ଶିକ୍ଷୟତ୍ରୀମାନେ ମଙ୍ଗଳବାର ଧାରଣାରେ ବସିଥିଲେ। ଗତ ୩ ଦିନ ହେବ ସ୍ଥାନୀୟ ମିଶନରୋଡ଼ ସ୍ଥିତ ଖ୍ରୀଷ୍ଟ କଲେଜିଏଟ ସ୍କୁଲର ପାଣି ପାଇପ ଲାଇନକୁ କଟକ ଖ୍ରୀଷ୍ଟ ଏଡୁକେସନ ବୋର୍ଡ଼ କାଟିଦେବା ଯୋଗୁ ପିଲାମାନେ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି ବୋଲି ଧାରଣାରେ ବସିଥିବା ଶିକ୍ଷୟତ୍ରୀମାନେ ଅଭିଯୋଗ କରିଛନ୍ତି । ସ୍କୁଲ କ୍ୟାମ୍ପସକୁ ଏକ ଘରୋଇ ବିଦ୍ୟାଳୟ ହାତକୁ କଟକ ଖ୍ରୀଷ୍ଟିଆନ ଶିକ୍ଷା ବୋର୍ଡ଼ ଲିଜରେ ଦେବାପରେ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ପୂର୍ବରୁ ଲାଇନ କାଟିଦେବା ଆଉ ଏବେ ପାଣି ଲାଇନ କାଟିଦେବା ନେଇ ସ୍କୁଲ ପକ୍ଷରୁ ଖ୍ରୀଷ୍ଟିଆନ ବୋର୍ଡ଼ ଓ ସିଆରସିସିଙ୍କୁ ଜଣାଇଥିଲେ ବି କିଛି ସୁଫଳ ମିଳିପାରିନାହିଁ । ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ଓ ଖ୍ରୀଷ୍ଟିଆନ ଶିକ୍ଷା ବୋର୍ଡ଼ର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ବ୍ରହ୍ମପୁରରେ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ



ବ୍ରହ୍ମପୁର,( ନିପ୍ର ): ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସୁପରଭାଇଜର ଓ ଗଣନାକାରୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ତିନୋଟି ପର୍ଯ୍ୟାୟରେ ଆୟୋଜିତ ହେଉଛି। ପ୍ରଥମ ପର୍ଯ୍ୟାୟ ୨୩ ରୁ ୨୫ ମାର୍ଚ୍ଚ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟ ୨୬, ୨୮ ଓ ୨୯ ମାର୍ଚ୍ଚରେ ଏବଂ ତୃତୀୟ ପର୍ଯ୍ୟାୟ ୩୦, ୩୧ ମାର୍ଚ୍ଚ ଓ ୦୨ ଏପ୍ରିଲରେ ଆୟୋଜିତ ହେବ। ପ୍ରଶିକ୍ଷଣ ବ୍ରହ୍ମପୁରର ସିଟି ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲରେ ଚାଲିଛି। ମୋଟ ୧୪ ଜଣ ଫିଲ୍ଡ୍ ଟ୍ରେନର ୭ଟି କ୍ଲାସରୁମ୍‌ରେ ପ୍ରଶିକ୍ଷଣ ଦେଉଥିବା ବେଳେ ପ୍ରତ୍ୟେକ ବ୍ୟାଚରେ ୪୨ ଜଣ ସୁପରଭାଇଜର ଓ ଗଣନାକାରୀ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୯୫ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ମୋଟ ୭୩୩ ଜଣ ଗଣନାକାରୀ ଓ ୧୩୩ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ନିଗମ ଆୟୁକ୍ତ ଶ୍ରୀମତୀ ଏ. ସସ୍ୟ ରେଡ୍ଡି ଉଦଘାଟନ କରିଥିଲେ। ଡିରେକ୍ଟୋରେଟ ଅଫ ସେନସସ ଅପରେସନସରୁ ଗଞ୍ଜାମ ଜିଲ୍ଲା ଇନ୍‌ଚାର୍ଜ ସନ୍ତୋଷ କୁମାର ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ। ଉପ ଆୟୁକ୍ତ-ସହର ଓ ପ୍ରିନ୍ସିପାଲ ସେନସସ୍ ଅଫିସର ଆଶୀର୍ବାଦ ପରିଡାଙ୍କ ନିରୀକ୍ଷଣରେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସହାୟକ ଆୟୁକ୍ତ ବିଶାଳ ଗୌରବ ମଲ୍ଲିକ, ଅତିରିକ୍ତ ତହସିଲଦାର ହୃଷିକେଶ ପଣ୍ଡା ଏବଂ ସହାୟକ ଆୟୁକ୍ତ ଓ ମାଷ୍ଟର ଟ୍ରେନର ବିଭୁ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ୨୦୨୬-୨୭ ବର୍ଷ ପାଇଁ ଜନଗଣନା କାର୍ଯ୍ୟକ୍ରମ ଦୁଇ ପର୍ଯ୍ୟାୟରେ ହେବ। ହାଉସ ଲିଷ୍ଟିଙ୍ଗ ଓ ହାଉସିଂ ସେନସସ ୧୬ ଏପ୍ରିଲରୁ ୧୫ ମେ ୨୦୨୬ ପର୍ଯ୍ୟନ୍ତ ଏବଂ ପ୍ରଜାଗଣନା ପର୍ଯ୍ୟାୟ ୦୯ ଫେବୃଆରୀରୁ ୨୮ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ହେବ।

## ଏସସିବିରେ ନୂତନ ଅଧୀକ୍ଷକଙ୍କ ଦାୟିତ୍ୱ ଗ୍ରହଣ



କଟକ, (ନିପ୍ର): ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ଅଧିକ୍ଷକ ଭାବେ ଡକ୍ଟର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏଫଏମଟି ବିଭାଗର ବିଭାଗୀୟ ମୁଖ୍ୟ ଭାବେ ଦୀର୍ଘ ଅନୁଭବ ରଖିଛନ୍ତି । ଚିକିତ୍ସା ସେବା, ଶିକ୍ଷା ଓ ପ୍ରଶାସନ ମାମଲାରେ ତାଙ୍କର ଦକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରାଯାଇଛି । ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ସଠିକ ଭାବେ ଅବଗତ ହୋଇ ଓ ସମନ୍ୱୟ ରକ୍ଷା ପୂର୍ବକ ସେ ନିଜର କାର୍ଯ୍ୟଭାର ତୁଲାଇବେ ବୋଲି କହିଛନ୍ତି। ହସପିଟାଲରେ ରୋଗୀ ସେବାକୁ ପ୍ରାଥମିକତା ଦିଆଯିବ ବୋଲି କହିବା ସହ ଯେଉଁଠି କୌଣସି ଅବହେଳା ବା ବ୍ୟବସ୍ଥାଗତ ତ୍ରୁଟି ଥାଏ, ସେଗୁଡ଼ିକୁ ଚିହ୍ନଟ କରି ସମୀକ୍ଷା କରାଯିବା ସହ ଭବିଷ୍ୟତରେ ସେହି ଭୁଲର ପୁନରାବୃତ୍ତି ନହେବାକୁ ପ୍ରଶାସନିକ ଓ ପ୍ରାୟୋଗିକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ଏସସିବି ମେଡ଼ିକାଲ କଲେଜ ଓ ହସପିଟାଲ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦିଗରେ ପ୍ରତିବଦ୍ଧ ଏବଂ ଆଗକୁ ଏହା ଜାରି ରହିବ ବୋଲି ଡ ଚୌଧୁରୀ କହିଛନ୍ତି। ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଦେବା, ସୁବ୍ୟବସ୍ଥିତ ପରିଚାଳନା ଓ ସ୍ୱଚ୍ଛ ପ୍ରଶାସନ ଆମର ପ୍ରାଥମିକ ଲକ୍ଷ୍ୟ ରହିବ ବୋଲି ଡ ଚୌଧୁରୀ କହିଛନ୍ତି ।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କର୍ମଶାଳା

ନିରାକାରପୁର(ନିପ୍ର):ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର୍ ପରିସରରେ ଶକ୍ତିଶ୍ରୀ ଯୋଜନା ତରଫରୁ ଅଧକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ' ନାରୀ ସଶକ୍ତିକରଣ ' ବିଷୟକ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ପ୍ରବକ୍ତା ଡାକ୍ଟର ଆଶୁତୋଷ ମିଶ୍ର ମୁଖ୍ୟ ଆଲୋଚକ ଭାବରେ ଯୋଗଦେଇ ଶକ୍ତି ଓ ଶ୍ରୀ ମଧ୍ୟରେ ଥିବା ସମ୍ପର୍କକୁ ଶ୍ରୀଜଗନ୍ନଥ ସଂସ୍କୃତିର ଅନ୍ତରାଳରେ ଲୁଚିରହିଥିବା ପ୍ରକୃତି ଉପାସନା ଦିଗରେ ବାକ୍ତବ୍ୟ ରଖି ଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରତାପ କିଶୋର ଛୋଟରାୟ ସ୍ୱଭାବ କବି ଗଙ୍ଗାଧର ମେହେର କୃତ ତପସ୍ୱିନୀ କାବ୍ୟରେ ନାରୀ ଚରିତ୍ର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଜନ୍ମେଜୟ ଚୌଧୁରୀ ଜଗନ୍ନାଥଙ୍କ ସଂସ୍କୃତିରେ ନାରୀର ସ୍ଥାନକୁ ଦେବୀ ଉପାସନାର ଦୃଷ୍ଟାନ୍ତ ଦେଇ ଛାତ୍ରୀମାନଙ୍କୁ ଜାଗରଣ କରାଇଥିଲେ, ଶିକ୍ଷା ବିଭାଗର ଅଧ୍ୟାପିକା ଡକ୍ଟର ସଂଯୁକ୍ତା ପଟ୍ଟନାୟକ ନାରୀ ସଶକ୍ତିକରଣର ବିଭନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

ତିଥି :(ସପ୍ତମୀ): (ମୃଗଶିରା ବୃଷ)
ଅମୃତ ବେଳା:ରାତ୍ରୀ ଘ ୧।୨ ଗତେ ଘ ୩।୨୬ ମଧ୍ୟେ

## ଆଜିର ଅନୁଚିନ୍ତନ

ସମସ୍ତ ପ୍ରାଣୀ ହୃଦେ ମୁହିଁ, ଜୀବ ସ୍ୱରୂପେ ବିରାଜଇ
ବେଦାନ୍ତ ଜ୍ଞାନ ଜାତ ମୁହିଁ, ବେଦାର୍ଥ ମୁଁ ଅଟଇ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଯୁଦ୍ଧ ଓ ଭାରତର ଆଭିମୁଖ୍ୟ

ଇରାନ ସହିତ ସକାରାତ୍ମକ କଥାବାର୍ତ୍ତା ହୋଇଥିବା ଦାବି ଓ ଏହି ପରିପ୍ରେକ୍ଷୀରେ ୫ ଦିନ ଯୁଦ୍ଧ ବନ୍ଦ ଘୋଷଣା କରିଥିବା ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଚାହାନ୍ତି,ଯଦି କୂଟନୈତିକ ବୁଝାମଣା ସ୍ତରରେ ଆମେରିକା ପହଞ୍ଚିପାରୁଛି,ତେବେ ଇସ୍ରାଏଲ ମଧ୍ୟ ଯୁଦ୍ଧ ସ୍ଥଗିତ କରୁ। ଆଉ ଯୁଦ୍ଧ ହେବ ନାହିଁ କି ସେମାନେ ନିଜ ପାଖରେ ଅଣୁଅସ୍ତ୍ର ରଖିବେ ନାହିଁ। ଯଦି ଇରାନ ସହିତ କୂଟନୈତିକ ସ୍ତରରେ କଥାବାର୍ତ୍ତା ଭଲ ଭାବରେ ଚାଲେ,ତେବେ ବିଶ୍ୱର ସବୁଠୁ ବ୍ୟସ୍ତତମ ସାମୁଦ୍ରିକ ପଥ ହର୍ମୁଜ 'ମିଳିତ ଭାବରେ' ନିୟନ୍ତ୍ରଣ କରିହେବ। ଯାହା ଦ୍ୱାରା ଇରାନ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ଶାସନ ବ୍ୟବସ୍ଥାର ପରିବର୍ତ୍ତନ ଘଟିବ। ମିଳିତ ଭାବରେ ହର୍ମୁଜ ଚଳାଇବା ପ୍ରସଙ୍ଗ ନେଇ ଟ୍ରମ୍ପଙ୍କ ଏହି ଉକ୍ତିଟି ହେଉଛି ହୋଇପାରେ 'ମୁଁ ଓ ଆୟାତୋଲ୍ଲା,ଆୟାତୋଲ୍ଲା ଯିଏ ବି ହେଉ,ଯିଏ ବି ପରବର୍ତ୍ତୀ ଆୟାତୋଲ୍ଲା ହୁଅନ୍ତୁ ନା କାହିଁକି ?'

ଏଭଳି ଭାବରେ ଟ୍ରମ୍ପଙ୍କ ଏବର ମତିଗତି ରହିଛି। ଏଥିରୁ ତାଙ୍କର ମତିଗତି ଇରାନ ପ୍ରତି ଓ ନିଜ ସ୍ୱାର୍ଥ ହାସଲ ପ୍ରତି କେତେ ତାହା ବାରି ହେଉଛି। ଏବଂ ଇରାନ ପ୍ରତି ଯେଭଳି ସେ ମନୋଭାବ ରଖୁଛନ୍ତି ମନେ ହେଉଛି ଦିବାସ୍ୱପ୍ନ ମଧ୍ୟରେ ଘୂରି ବୁଲୁଛନ୍ତି। ଅଣୁଅସ୍ତ୍ର ପାଖରେ ରଖିବା ଓ ହର୍ମୁଜ ମିଳିତ ଭାବରେ ନିୟନ୍ତ୍ରଣକୁ ଛାଡ଼ିବା ଇରାନ ପକ୍ଷେ ଏତେ ସହଜ ହେବ ନାହିଁ। ତାଛଡ଼ା ଇରାନ ଆମେରିକାର ମତିଗତି ଭଲ ଭାବରେ ଜାଣେ।

ଯୁଦ୍ଧର ଅନ୍ୟ ଦିଗଟି ହେଉଛି ଯେବେଠୁ ଇରାନ ଇସ୍ରାଏଲର ପ୍ରତିରକ୍ଷା କ୍ଷେତ୍ର ଓ ଡିମୋନା ସହରକୁ ଆକ୍ରମଣ କରିଛି ସେବେଠାରୁ ଇସ୍ରାଏଲ ଉତ୍କ୍ଷିପ୍ତ ହୋଇ ରହିଛି । ତେଣୁ ଯୁଦ୍ଧରୁ ନିବୃତ୍ତ ହେଉନାହିଁ। ଇସ୍ରାଏଲର କହିବା କଥା ଇରାନ ଗଚ୍ଛିତ ରଖିଥିବା ୟୁରାନିୟମ ହଟାଉ, ବାଲିଷ୍ଟିକ କ୍ଷେପଣାସ୍ତ୍ର ଉତ୍ପାଦନ ବନ୍ଦ କରିବା,ସର୍ବୋପରି ଛାୟାଯୁଦ୍ଧ ଚଳାଇଥିବା ଶକ୍ତିଗୁଡ଼ିକ ଇରାନ ଚାନ୍ଦା ଦେବା ବନ୍ଦ କରୁ ଇତ୍ୟାଦି। ଏସବୁକୁ ଇରାନ ମାନି ନେବ ତାହା ବିଶ୍ୱାସ କରି ହେଉନାହିଁ।

ଟ୍ରମ୍ପ ହର୍ମୁଜ ଖୋଲିବା ପାଇଁ ୪୮ ଘଣ୍ଟାର ମହଲତ ଦେବା ଓ ମହଲତ ଚାଲିଥିବା ବେଳେ ୫ଦିନ ଯୁଦ୍ଧ ବନ୍ଦ ରଖିବା ପଛରେ ହୁଏତ ଇରାନ ଉପରେ ଚାପ ସୃଷ୍ଟି କରିବା ମତଲବରେ ଅଛନ୍ତି ଓ ତାହା ପରିପୂରଣ ନ ହେଲେ ପୁଣି ଯୁଦ୍ଧ ଜାରି ରହିପାରେ ଏପରି ଆଶଙ୍କା ଉପୁଜୁଛି। ସୁତରାଂ ସାଧାରଣ ଭାବରେ ଯୁଦ୍ଧ ଏବେ ବନ୍ଦ ହୋଇନାହିଁ, ଜଣେ ବିଶ୍ରାମ ନେବା ବେଳେ ଅନ୍ୟ ଜଣେ ଜାରି ରଖିଛି।

ସହଜେ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୀତି ବିଗିଡ଼ିବା ଆରମ୍ଭ କଲାଣି। ଯୁଦ୍ଧ ନୁହେଁ ବୁଦ୍ଧ। କଥାବାର୍ତ୍ତା ଓ କୂଟନୈତିକ ସଂପର୍କ ଦ୍ୱାରା ଯୁଦ୍ଧ ବନ୍ଦ କରିବା ସପକ୍ଷରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂକେତକୁ ଅଣଦେଖା କରାଯିବା ଅନୁଚିତ। ଯଦି ଅଣଦେଖା କରାଯାଏ ପୃଥିବୀରେ ବାସ କରିବା ବେଳକୁ ବେଳ ଯାତନା ଓ ଦୁର୍ଦ୍ଦଶାରେ ଭରିଯିବ, ଏହା ଅନିବାର୍ଯ୍ୟ। ଏପରି ହିଁ ପ୍ରତୀୟମାନ ହେଉଛି।

# ମର୍ଯ୍ୟାଦା,କରୁଣା ଆଉ ଆଦର୍ଶର ପ୍ରତୀକ ଶ୍ରୀରାମ

**ମନୋଜ କୁମାର ବେହେରା**

ଗୋସ୍ୱାମୀ ତୁଳସୀଦାସ ଲେଖିଥିଲେ,'ବିପ୍ର ଧେନୁ ସୁର ସନ୍ତୁ ହିତ ଲୀହ୍ନ ମନୁଜ ଅବତାର'। ଉଲ୍ଲେଖରେ ମିଳିଥାଏ କି ଇକ୍ଷାକୁ ବଂଶୀୟ ଅଯୋଧ୍ୟାର ଚକ୍ରବର୍ତ୍ତୀ ରାଜା ଦଶରଥ ପୁତ୍ର ପ୍ରାପ୍ତିର ପାଇଁ ପୁତ୍ରେଷ୍ଟି ଯଜ୍ଞ କରିଥିଲେ,ଯାହାର ଫଳ ସ୍ୱରୂପ ଶ୍ରୀହରିଙ୍କ ସପ୍ତମ ଅବତାର ରୂପରେ ଶ୍ରୀରାମଚନ୍ଦ୍ର ତାଙ୍କୁ ପୁତ୍ର ରୂପରେ ପ୍ରାପ୍ତ ହେଲା । ଜଣେ ମା'ର ମମତ୍ୱର ଦୃଷ୍ଟିରେ



ରାଣୀ କୌଶଲ୍ୟା ପ୍ରକଟ ହେଇଥିବା ଶ୍ରୀହରିଙ୍କ ବିଶାଳକାୟ ରୂପକୁ ଦେଖିକରି ଅନୁରୋଧ କଲେ କି ଆପଣ ମୋର ଗର୍ଭରେ ଜନ୍ମ ନେଇକରି ଶିଶୁ-ଲକ୍ଷଣ କରନ୍ତୁ । ମୋର ବାତ୍ସଲ୍ୟ-ସ୍ନେହର ପୂର୍ଣ୍ଣତାତ ଆପଣଙ୍କୁ ବାଳ ରୂପରେ ପ୍ରାପ୍ତ ହେବ । ରାମକଥାରେ ବନବାସ ପ୍ରସଙ୍ଗର ମୂଳତଃ ସଂସାରୀ ଜୀବନକୁ ସେମାନଙ୍କର ଜୀବନରେ ଘଟୁଥିବା ଘଟଣା, ବ୍ୟାକୁଳତା, କଥପୋକଥନ ,ଉତ୍ଥାନ-ପତନର ମଧ୍ୟରେ ସନ୍ତୁଳନ ବନେଇ କରି ବାହାରୁ ବାହାରିବାର ସାଂକେତିକ ନିଷ୍କର୍ଷର ରୂପରେ ହି ଗ୍ରହଣ କରିବା ଉଚିତ୍ । ଯେମିତି ପ୍ରଭୁରାମ ଭରପୂର,ସାନନ୍ଦର ସହିତ ଜୀଇଁଥିଲେ ତଥା ଚଉଦ ବର୍ଷର ଦୀର୍ଘ ଅନ୍ତରାଳ ପର୍ଯ୍ୟନ୍ତ ସାଧାରଣ ବସ୍ତ୍ରରେ ଜଙ୍ଗଲ-ଜଙ୍ଗଲରେ ବୁଲିବା ବାଲା ଶ୍ରୀରାମ ସ୍ୱୟଂରେ ଏହି ଯଥାର୍ଥର ପ୍ରତୀକ ଅଟନ୍ତି ନିଜ-ନିଜ ଭାଗର ବନବାସ ସମସ୍ତଙ୍କୁ ସ୍ୱୟଂ ହିଁ କାଟିବାକୁ ପଡିଥାଏ । ନିଜର ପରିସ୍ଥିତି ଉପରେ କାହାକୁ ଦୋଷ ନଦେବା ଆଉ ସତ୍ ସାହସରେ ଏହାର ମୁକାବିଲା କରିକି ପରିସ୍ଥିତିକୁ ନିଜର ପକ୍ଷରେ କରି ନେବାର ପାଠ ତାଙ୍କଠୁ ଶିଖିବା ଉଚିତ । କଣ୍ଟକାକୀର୍ଣ୍ଣ ପଥ ଉପରେ ସହଜ ଆଉ ବିଶିଷ୍ଟ ସବୁ ଏକ ସମାନ ଅଟନ୍ତି । ନିଜର କର୍ମ ଏବଂ ପ୍ରାରବ୍ଧର ଗତି ଉପରେ ସମସ୍ତଙ୍କୁ ପ୍ରସ୍ତୁତ ରହିବା ଦରକାର ତେଣିକି ତାହା ଯାହା ହେଇଥାଉ ।

ରାମଙ୍କ ଜୀବନରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ କ୍ଷଣ ଏହା ଯେ ଆପଣ ଜୀବନକୁ ଦୀନ-ଦୁଃଖୀ ଆଉ ଅସହାୟରେ ଜୀଉଁଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ କେମିତି ପ୍ରେରକ ହେଇପାରିବେ । ସେମାନଙ୍କୁ ମୁଖ୍ୟଧାରକୁ ଆଣିକରି ସମ୍ମାନିତ ଜୀବନରେ ପ୍ରକାଶ କେମିତି ପ୍ରଦାନ କରିପାରିବେ। ଶ୍ରୀରାମ ଚଉଦ ବର୍ଷର ଜଙ୍ଗଲ-ପ୍ରବାସକୁ ଏହି ସଂକଳ୍ପର ସହିତ ଜୀଇଁଥିଲେ । ଆଉ ଯା' ଭିତରେ କୈବର୍ତ୍ତରାଜଙ୍କୁ ନିଜର ସ୍ନେହରେ ପ୍ରିୟ ବନେଇବା,ଜନ୍ମ-ଜନ୍ମରେ ହରିଦର୍ଶନର ଭୋକିଲା ଥିବା ଏକନିଷ୍ଠ,ସ୍ନେହ-ଶବରୀ କୁଟୀରକୁ ଯାଇକରି ତାଙ୍କଠୁ ଅଇଁଠା କୋଳି ଖାଇବା । ଆଉ ବାନର ଜାତି,ଯିଏ ଗୋଟିଏରୁ ଅନ୍ୟ ଶାଖାକୁ ଡେଇଁକରି ଜୀବନ ବିତଉଥିଲେ,ତାଙ୍କ ଠାରେ ମୈତ୍ରୀ କରି ସୀତାଙ୍କୁ ଖୋଜିବାର ପୁରା ଶ୍ରେୟ ସେମାନଙ୍କୁ ଦେଇଥିଲେ। ଶ୍ରୀରାମଙ୍କ ଏହି ଭିନ୍ନ ଭିନ୍ନ ଗୁଣ,ଧନ,ଜାତି ଆଉ ସଂସ୍କୃତିର ସହିତ ସର୍ବଗ୍ରାହକତା ଅଦ୍‌ଭୁତ ଅଟେ । ରାଜା ନହୋଇ କରି ମଧ୍ୟ ସେ ସମସ୍ତଙ୍କୁ ଗୋଟିଏ ମଞ୍ଚ ଉପରେ ଅନ୍ୟାୟର ବିରୁଦ୍ଧ ଏକତ୍ର କରିଦେଲେ । ଲଙ୍କାଧୀଶଙ୍କୁ ଅଯୋଧ୍ୟା କିମ୍ବା ଅନ୍ୟ ରାଜାଙ୍କଠୁ ସୈନ୍ୟ ସହାୟତା ଆଣି ପରାସ୍ତ କରିପାରି ଥାନ୍ତେ । କିନ୍ତୁ ରାମ ଏଭଳି କଲେ ନାହିଁ । କାରଣ ସ୍ପଷ୍ଟ ଯେ ସେ ବିଖଣ୍ଡିତ ହୋଇଥିବା ଜନଶକ୍ତିକୁ ସଠିକ୍ ଦିଶା ଦେଲେ । ରାମ ରଥ ବିହୀନ ଥିଲେ,ବାନର ସେନାଙ୍କ ସାହାଯ୍ୟରେ,ତାପସ ବେଶଧାରୀ, ସୈନ୍ୟଙ୍କ ସାଜସଜ୍ଜାରେ ଚିନ୍ତିତ ଥିଲେ । କିନ୍ତୁ ସହଧର୍ମିଣୀ-ଅସ୍ମିତାର ଲଢେଇ ପାଇଁ ଯେଉଁ ସାହସ ଆଉ ସଂକଳ୍ପର ଆବଶ୍ୟକ ହୋଇଥାଏ,ତାଙ୍କ ପାଖରେ ଭରି ରହିଥିଲା । ସମ୍ପୂର୍ଣ୍ଣ ରାମକଥାକୁ ପଢିକରି ଏମିତି ପ୍ରତୀତ ହେଉଛି କି ସେ ଅନ୍ତିମ ସମୟ ପର୍ଯ୍ୟନ୍ତ ଯୁଦ୍ଧକୁ ଟାଳୁଥିଲେ ଆଉ ବିକଳ୍ପ ଉପରେ ବିଚାର ବିମର୍ଶ କରୁଥିଲେ । ଆଜି ଦୁନିଆରେ ଯୁଦ୍ଧ ଜାରି ରହିଛି । କିଛି ଅହଂକାରୀ,ଆଉ ନିଜର ଏକଚାଟିଆ ଜିଦ୍ ପାଇଁ ଅନ୍ୟ ଦେଶ ନିଆଁରେ ଜଳୁଛନ୍ତି । ଏମିତି ସମୟରେ ରାମଙ୍କ ଚରିତ୍ର,ରାମଙ୍କ ଆଚରଣ ଆଉ ତାଙ୍କର ମହାନତାକୁ ଅହଂକାରୀ ଲୋକ,ଦେଶମାନେ ଶିକ୍ଷା ନେବା ଉଚିତ । ଅହଂକାରୀ ରାଷ୍ଟ୍ରମାନେ ଯେଉଁ ଶକ୍ତି ସବୁ ଏକାଠି କରି ରଖିଛନ୍ତି,ତାହା ଅନ୍ୟମାନଙ୍କୁ ଭୟଭୀତ କରିବା ପାଇଁ ନୁହେଁ,ପରସ୍ପରର ସହଯୋଗ,ଆଉ ସମସ୍ୟା ସମାଧାନରେ ତାହାର ସଦୁପଯୋଗ କରନ୍ତୁ । ଅତଃ ଆଜିର ସମୟରେ ଯିଏ ନିଜର ପ୍ରଜାଙ୍କ ଆର୍ତ୍ତ-ଡାକକୁ ଅଣଦେଖା କରିଦିଏ,ତାକୁ ଶ୍ରୀରାମଙ୍କୁ ହୃଦୟଙ୍ଗମ କରିବା ଉଚିତ ।

ଫୋନ୍-୭୯୭୮୮୩୦୬୧୧

# ଅଧିକାରର ଉତ୍ସବ ଓ କର୍ତ୍ତବ୍ୟର ଆହ୍ୱାନ

**ଅଖିଳ ତରାଇ**

> ସରକାର କେବଳ ଦରମା ବଢ଼ାଇଲେ ହେବ ନାହିଁ, ଶିକ୍ଷକମାନଙ୍କ କାର୍ଯ୍ୟର ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବା ଉଚିତ। ପ୍ରତି ସ୍କୁଲରେ ଶିକ୍ଷକମାନଙ୍କ ପାଠପଢ଼ାର ମାନ ଯାଞ୍ଚ କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଆବଶ୍ୟକ। ଶ୍ରେଣୀଗୃହରେ ମୋବାଇଲ୍ ବ୍ୟବହାର ଉପରେ କଡ଼ା କଟକଣା ଲଗାଯିବା ଉଚିତ। ପରୀକ୍ଷା ଫଳାଫଳ ଅନୁଯାୟୀ ଶିକ୍ଷକଙ୍କ କାର୍ଯ୍ୟର ମୂଲ୍ୟାୟନ ହେବା ଦରକାର। ଯଦି ଜଣେ ଶିକ୍ଷକ ଭଲ କାମ କରୁଛନ୍ତି ତାଙ୍କୁ ସମ୍ମାନିତ କରାଯାଉ କିନ୍ତୁ ଯିଏ ଅବହେଳା କରୁଛି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିହାତି ଆବଶ୍ୟକ।

ଓଡ଼ିଶାର ଶିକ୍ଷା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଦୀର୍ଘ ଦିନରୁ ଆନ୍ଦୋଳନରତ ହଜାର ହଜାର ଶିକ୍ଷକଙ୍କ ଦାବିକୁ ସରକାର ମାନି ନେଇଛନ୍ତି। ଚାକିରି ନିୟମିତ ହେବା ସହ ଦରମାରେ ଆଖିଦୃଶିଆ ବୃଦ୍ଧି ଘଟିବା ଫଳରେ ଶିକ୍ଷକ ସମାଜରେ ଖୁସିର ଲହରି ଖେଳିଯାଇଛି। ରାଜରାସ୍ତାରେ ଆନନ୍ଦ ଉତ୍ସବ, ମିଠା ବଣ୍ଟା ଏବଂ ସରକାରଙ୍କୁ କୃତଜ୍ଞତା ଜଣାଇବାର ଦୃଶ୍ୟ ଏବେ ସବୁଠି। ଜଣେ ଶ୍ରମିକ ନିଜର ନ୍ୟାଯ୍ୟ ମଜୁରି ପାଇଲେ ଯେତିକି ଖୁସି ହୁଏ, ଜଣେ ଶିକ୍ଷକ ନିଜର ପରିଶ୍ରମର ଉଚିତ ମୂଲ୍ୟ ପାଇଲେ ସେତିକି ଆତ୍ମସନ୍ତୋଷ ପାଇବା ସ୍ୱାଭାବିକ। କିନ୍ତୁ ଏହି ଖୁସି ମନାଇବା ଭିତରେ ଆମକୁ ସେହି ଅନ୍ଧାରୀ କୋଣକୁ ଚାହିଁବାକୁ ପଡ଼ିବ, ଯେଉଁଠି ଗରିବ ପିଲାଟିଏ ଉତ୍ତମ ଶିକ୍ଷା ପାଇଁ ଆଶା ବାନ୍ଧି ସରକାରୀ ସ୍କୁଲକୁ ଆସିଥାଏ। ପ୍ରଶ୍ନ ଉଠୁଛି ଶିକ୍ଷକମାନେ ଯେଉଁ ଉତ୍ସାହରେ ନିଜର ଅଧିକାର ପାଇଁ ଲଢୁଥିଲେ ସେହି ସମାନ ନିଷ୍ଠା ଶ୍ରେଣୀଗୃହରେ ଦେଖିବାକୁ ମିଳିବ ତ ?

ଗଣତନ୍ତ୍ରରେ ଜଣେ ନାଗରିକର ଅଧିକାର ଯେତିକି ଗୁରୁତ୍ୱପୂର୍ଣ୍ଣ, ତା'ର କର୍ତ୍ତବ୍ୟ ମଧ୍ୟ ସେତିକି ଅପରିହାର୍ଯ୍ୟ। ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶିକ୍ଷକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିଛନ୍ତି। ଏହା କେବଳ ସେମାନଙ୍କ ପରିବାର ପ୍ରତି ସୁରକ୍ଷା ନୁହେଁ ବରଂ ଏକ ସାମାଜିକ ବିନିଯୋଗ। ଶିକ୍ଷକମାନେ ହେଉଛନ୍ତି ସମାଜର ମାର୍ଗଦର୍ଶକ। ସେମାନଙ୍କ ହାତରେ ଦେଶର ଭବିଷ୍ୟତ ଗଢ଼ା ହୁଏ। ଯଦି ଜଣେ ଶିକ୍ଷକ ନିଜର ଦାୟିତ୍ୱକୁ କେବଳ ଏକ ମାସିକ ଦରମା ପାଇବା ପାଇଁ 'ଚାକିରି' ବୋଲି ଭାବନ୍ତି, ତେବେ ଶିକ୍ଷା ବ୍ୟବସ୍ଥାରେ କେବେବି ସଂସ୍କାର ଆସିପାରିବ ନାହିଁ। ଆଜିର ପରିପ୍ରେକ୍ଷୀରେ ଅଧିକାରର ଲଢ଼େଇ ଶେଷ ହୋଇଛି ଏବଂ କର୍ତ୍ତବ୍ୟର ପରୀକ୍ଷା ଆରମ୍ଭ ହୋଇଛି। ଏକ ସମୟ ଥିଲା ଯେତେବେଳେ ସରକାରୀ ସ୍କୁଲରୁ ପଢ଼ିଥିବା ପିଲାମାନେ ଦେଶ ଓ ଦୁନିଆରେ ବଡ଼ ବଡ଼ ପଦବୀ ମଣ୍ଡନ କରୁଥିଲେ। କିନ୍ତୁ ଆଜି ଚିତ୍ର ବଦଳି ଯାଇଛି। ସରକାରୀ ସ୍କୁଲରେ ରୂପାନ୍ତରଣ ଜରିଆରେ ଚକଚକିଆ କୋଠା, ସ୍ମାର୍ଟ କ୍ଲାସରୁମ୍ ଓ ପିଇବା ପାଣିର ସୁବିଧା କରାଯାଇଛି। କିନ୍ତୁ ଏସବୁ ସତ୍ତ୍ୱେ ଅଭିଭାବକମାନେ ନିଜ ପିଲାଙ୍କୁ ଘରୋଇ ସ୍କୁଲକୁ ପଠାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଜଣେ ଦିନମଜୁରିଆ ମଧ୍ୟ କଷ୍ଟ କରି ପିଲାକୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ାଉଛି। କାରଣ କ'ଣ ? କାରଣ ହେଉଛି ସରକାରୀ ସ୍କୁଲରେ ଶିକ୍ଷାଦାନର ଅଭାବ। ଶିକ୍ଷକ ଅଛନ୍ତି, ପାଠ୍ୟପୁସ୍ତକ ଅଛି, ମଧ୍ୟାହ୍ନ ଭୋଜନ ଅଛି କିନ୍ତୁ 'ଶିକ୍ଷାଦାନର ଗୁଣବତ୍ତା' ଗାୟବ। କିଛି ଶିକ୍ଷକଙ୍କ ବେପରୁଆ ମନୋବୃତ୍ତି ଯୋଗୁଁ ସମଗ୍ର ସରକାରୀ ଶିକ୍ଷା ବ୍ୟବସ୍ଥା ବଦନାମ ହେଉଛି। ଆଜିର ଯୁବ ଶିକ୍ଷକମାନଙ୍କ ମଧ୍ୟରେ ଏକ ବିଚିତ୍ର ପ୍ରବୃତ୍ତି ଦେଖିବାକୁ ମିଳୁଛି। ସୋସିଆଲ୍ ମିଡିଆରେ ନିଜକୁ ଲୋକପ୍ରିୟ କରିବା ପାଇଁ ଶ୍ରେଣୀଗୃହ ଭିତରେ 'ରିଲ୍ସ' ତିଆରି କରିବା ଏକ ନିଶାରେ ପରିଣତ ହୋଇଛି। ନିଜର ଫୋଲୋର୍ସ ବଢ଼ାଇବା ପାଇଁ ଶିକ୍ଷକମାନେ ପାଠ ପଢ଼ାଇବା ସମୟରେ ମୋବାଇଲ୍ ବ୍ୟବହାର କରୁଛନ୍ତି। ପିଲାଙ୍କୁ କିଛି କାମ ଦେଇ ନିଜେ ସୋସିଆଲ ମିଡିଆରେ ବ୍ୟସ୍ତ ରହିବା ଜାତିର ଭବିଷ୍ୟତ ସହ ଖେଳ ଖେଳିବା ସହ ସମାନ। ଶିକ୍ଷକଟିଏ ସମାଜ ପାଇଁ ଏକ ଆଦର୍ଶ ହେବା ଉଚିତ, ସୋସିଆଲ୍ ମିଡିଆର 'ଷ୍ଟାର' ନୁହେଁ। ଯଦି ଜଣେ ଶିକ୍ଷକ ଶ୍ରେଣୀଗୃହରେ ପାଠ ପଢ଼ାଇବା ବଦଳରେ ନିଜର ସୌନ୍ଦର୍ଯ୍ୟ ବା କଳା ପ୍ରଦର୍ଶନରେ ବ୍ୟସ୍ତ ରହିବେ ତେବେ ପିଲାମାନେ କ'ଣ ଶିଖିବେ ? ଏଭଳି ବ୍ୟକ୍ତିବାଦୀ ମନୋଭାବ ଶିକ୍ଷାର ମାନକୁ ଭୂତଳଗାମୀ କରୁଛି। ଏଠାରେ ସ୍ପଷ୍ଟ କରିବା ଆବଶ୍ୟକ ଯେ ସବୁ ଶିକ୍ଷକ ଦାୟିତ୍ୱହୀନ ନୁହନ୍ତି। ଆଜି ମଧ୍ୟ ଅନେକ ଶିକ୍ଷକ ଅଛନ୍ତି ଯେଉଁମାନେ ନିଜ ପକେଟରୁ ପଇସା ଖର୍ଚ୍ଚ କରି ପିଲାଙ୍କୁ ସୁବିଧା ଦିଅନ୍ତି, ସ୍କୁଲକୁ ନିଜ ଘର ଭଳି ସଜାନ୍ତି ଏବଂ ପିଲାଙ୍କୁ ମନ ଦେଇ ପଢ଼ାନ୍ତି। ଏହିଭଳି ଦେବତୁଲ୍ୟ ଶିକ୍ଷକଙ୍କ ପାଇଁ ହିଁ ସମାଜରେ ସମ୍ମାନ ବଞ୍ଚି ରହିଛି। କିନ୍ତୁ ସମସ୍ୟା ହେଉଛି ସେହି ଅଳ୍ପ କିଛି ଶିକ୍ଷକଙ୍କୁ ନେଇ, ଯେଉଁମାନେ ସ୍କୁଲକୁ କେବଳ ସମୟ କାଟିବା ପାଇଁ ଏକ ସ୍ଥାନ ବୋଲି ଭାବନ୍ତି। ସେମାନଙ୍କର ଏହି ବେପରୁଆ ପଣ ପାଇଁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ବ୍ୟବସାୟ ବଢ଼ିଚାଲିଛି। ଜଣେ ଗରିବ ବାପା ଯେତେବେଳେ ଦେଖେ ଯେ ସରକାରୀ ସ୍କୁଲରେ ଶିକ୍ଷକ ପଢ଼ାଉ ନାହାନ୍ତି ସେ ବାଧ୍ୟ ହୋଇ ଋଣ କରି ପିଲାକୁ ଟ୍ୟୁସନ ପଠାଏ କିମ୍ବା ଘରୋଇ ସ୍କୁଲରେ ନାମ ଲେଖାଏ। ସରକାର କେବଳ ଦରମା ବଢ଼ାଇଲେ ହେବ ନାହିଁ, ଶିକ୍ଷକମାନଙ୍କ କାର୍ଯ୍ୟର ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବା ଉଚିତ। ପ୍ରତି ସ୍କୁଲରେ ଶିକ୍ଷକମାନଙ୍କ ପାଠପଢ଼ାର ମାନ ଯାଞ୍ଚ କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଆବଶ୍ୟକ। ଶ୍ରେଣୀଗୃହରେ ମୋବାଇଲ୍ ବ୍ୟବହାର ଉପରେ କଡ଼ା କଟକଣା ଲଗାଯିବା ଉଚିତ। ପରୀକ୍ଷା ଫଳାଫଳ ଅନୁଯାୟୀ ଶିକ୍ଷକଙ୍କ କାର୍ଯ୍ୟର ମୂଲ୍ୟାୟନ ହେବା ଦରକାର। ଯଦି ଜଣେ ଶିକ୍ଷକ ଭଲ କାମ କରୁଛନ୍ତି ତାଙ୍କୁ ସମ୍ମାନିତ କରାଯାଉ କିନ୍ତୁ ଯିଏ ଅବହେଳା କରୁଛି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିହାତି ଆବଶ୍ୟକ।

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯଦି ମେରୁଦଣ୍ଡ ଦୁର୍ବଳ ହୋଇଯାଏ, ତେବେ ଜାତି ମୁଣ୍ଡ ଟେକି ଛିଡ଼ା ହୋଇପାରିବ ନାହିଁ। ଶିକ୍ଷକମାନଙ୍କ ନିୟମିତକରଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ଏହି 'ଖୁସି' ସେତେବେଳେ ସାର୍ଥକ ହେବ ଯେତେବେଳେ ପ୍ରତିଟି ଗରିବ ପିଲା ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଇପାରିବ। ଶିକ୍ଷକମାନଙ୍କୁ ବୁଝିବାକୁ ହେବ ଯେ ସେମାନେ କେବଳ ଜଣେ କର୍ମଚାରୀ ନୁହନ୍ତି ବରଂ ଜଣେ ଜଣେ ସମାଜ ସଂସ୍କାରକ। ରିଲ୍ସର ଦୁନିଆରୁ ବାହାରି ପିଲାଙ୍କ ଭବିଷ୍ୟତକୁ ସଜାଡ଼ିବା ହିଁ ଜଣେ ଶିକ୍ଷକର ପ୍ରକୃତ ସଫଳତା। ଘରୋଇ ଶିକ୍ଷାର ମୋହ ତୁଟାଇ ସରକାରୀ ଶିକ୍ଷାକୁ ଶ୍ରେଷ୍ଠ କରିବା ଦିଗରେ ଏବେ ଶିକ୍ଷକମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବା ଉଚିତ।

ଗଞ୍ଜାମ, ମୋ: ୭୭୮୭୦୦୧୦୦୧

# ଏଆଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିକଟରେ ତିନୋଟି ପ୍ରମୁଖ ଉପକ୍ରମର ଘୋଷଣା କରିଛନ୍ତି । ଏସବୁ ଉପକ୍ରମ ଭାରତର ଗଣମାଧ୍ୟମ, ପ୍ରସାରଣ ଏବଂ ଡିଜିଟାଲ କ୍ଷେତ୍ରକୁ ସୁଦୃଢ଼ କରିବା ସହିତ ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବ। ଏହି ତିନୋଟି ଉପକ୍ରମରୁ ପ୍ରଥମଟି ହେଉଛି- ଏଆଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ। ଗୁଗଲ ଏବଂ ୟୁଟ୍ୟୁବର ସହଭାଗିତାରେ ଭାରତର ସୃଜନଶୀଳ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇସିଟି) ମାଧ୍ୟମରେ ଏହା କାର୍ଯ୍ୟକାରୀ ହେବ। ଦ୍ୱିତୀୟ ଉପକ୍ରମଟି ହେଉଛି ୱେଭ୍ସ ଓଟିଟି ପ୍ଲାଟଫର୍ମ ଜରିଆରେ ନାଗରିକଙ୍କୁ କଣ୍ଟେଣ୍ଟ ବା କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସହାୟତା କରିବା ଲାଗି ମାଇ ୱେଭ୍ସ ପ୍ଲାଟଫର୍ମର ଶୁଭାରମ୍ଭ। ଏହାସହିତ ଡିଡି ଫ୍ରି' ଡିଶ ସେବାର ଉପଲବ୍ଧତା ବୃଦ୍ଧି କରିବା ପାଇଁ ଟେଲିଭିଜନ ସେଟରେ ଆଡଭାନ୍ସଡ୍ ଇଲେକ୍ଟ୍ରୋନିକ୍ ପ୍ରୋଗ୍ରାମ୍ ଗାଇଡ୍ (ଇପିଜି) ଏବଂ ଇନ୍-ବିଲ୍ଟ ସାଟେଲାଇଟ୍ ଟ୍ୟୁନରର ପ୍ରଚଳନ କରାଯାଇଛି । ଏହା ଦେଶରେ 'ଅରେଞ୍ଜ ଇକୋନୋମି'କୁ ପ୍ରୋତ୍ସାହନ ଦେବ ଏବଂ ସାର୍ବଜନୀନ ପ୍ରସାରଣକୁ ସୁଦୃଢ଼ କରିବ। ଏସବୁ ଉପକ୍ରମ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ଏକ ଏଆଇ ଦକ୍ଷ ଶ୍ରମଶକ୍ତି ପ୍ରସ୍ତୁତ କରିବାରେ ମଧ୍ୟ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପର ପ୍ରତିନିଧି, ୟୁଟ୍ୟୁବ୍ ଇଣ୍ଡିଆର ମୁଖ୍ୟ ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରଯୁକ୍ତିବିଦ୍ୟାକୁ ସାର୍ବଜନୀନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଛନ୍ତି ଶ୍ରୀ ବୈଷ୍ଣବ।

ସେ କହିଥିଲେ, ଏହି ପଦକ୍ଷେପଗୁଡ଼ିକ ପ୍ରଯୁକ୍ତିବିଦ୍ୟାକୁ ଅଧିକ ସୁଲଭ ଏବଂ ସହଜଲଭ୍ୟ କରିବ। ଇନ-ବିଲ୍ଟ ସାଟେଲାଇଟ୍ ଟ୍ୟୁନର ଏବଂ ଉନ୍ନତ ପ୍ରୋଗ୍ରାମ ଗାଇଡ୍ ସହିତ ନାଗରିକମାନେ ବିନା କୌଣସି ଅତିରିକ୍ତ ଉପକରଣରେ ବିଭିନ୍ନ କାର୍ଯ୍ୟକ୍ରମକୁ ସହଜରେ ଦେଖିପାରିବେ। ମାଇ ୱେଭ୍ସକୁ ଏକ ଶକ୍ତିଶାଳୀ ପ୍ଲାଟଫର୍ମ ।ଏହା କଣ୍ଟେଣ୍ଟ ନିର୍ମାତାମାନଙ୍କୁ ନିଜର କଣ୍ଟେଣ୍ଟ ଅପଲୋଡ୍ ଏବଂ ସେୟାର କରିବାକୁ ଅଧିକ କ୍ଷମତା ଦେବ। ଏହାଦ୍ୱାରା ଭାରତର ଡିଜିଟାଲ୍ ଇକୋସିଷ୍ଟମ ସୁଦୃଢ଼ ହେବ। କେନ୍ଦ୍ରୀୟ ବଜେଟର ଘୋଷଣା ମୁତାବକ 'ଅରେଞ୍ଜ ଇକୋନୋମି'କୁ ପ୍ରୋତ୍ସାହନ ଦେବା ଏବଂ ସୃଜନଶୀଳ କ୍ଷେତ୍ରକୁ ସମର୍ଥନ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତା ଉପରେ କେନ୍ଦ୍ର ମନ୍ତ୍ରୀ ଏପରି ଆଲୋକପାତ ବହୁ ଗୁରୁତ୍ୱ ରଖେ। ୟୁଟ୍ୟୁବ୍ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଏଆଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ୧୫ ହଜାର ଯୁବକଯୁବତୀଙ୍କୁ ନିଃଶୁଳ୍କ ତାଲିମ ଦିଆଯିବ। 'କ୍ରିଏଟର୍ସ କର୍ଣ୍ଣର' କାର୍ଯ୍ୟକ୍ରମର ଲୋକପ୍ରିୟତା ବଢୁଛି । ଏଥିରେ କେତେକ କଣ୍ଟେଣ୍ଟକୁ ୩୦ ଲକ୍ଷରୁ ଅଧିକ ଦର୍ଶକ ଦେଖିଛନ୍ତି ।

ଭାରତର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆଞ୍ଚଳିକ ବିବିଧତାକୁ ପ୍ରଦର୍ଶନ କରିବା ପାଇଁ ଦୂରଦର୍ଶନ ଏବଂ ମାଇ ୱେଭ୍ସ ଭଳି ପ୍ଲାଟଫର୍ମକୁ ସକ୍ରିୟ ଭାବରେ ବ୍ୟବହାର କରିବାକୁ ଦେଶର ନିର୍ମାତାମାନଙ୍କୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଥିଲେ। ଏଥିସହିତ ଦେଶର ଜୀବନ୍ତ ଗଣମାଧ୍ୟମ ପରିଦୃଶ୍ୟରେ ଯୋଗଦାନ ଦେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ କହିଥିଲେ, ପ୍ରଥମ ପଦକ୍ଷେପ ଲୋକଙ୍କୁ ସକ୍ଷମ କରିବ, ଦ୍ୱିତୀୟଟି ସୁଯୋଗର ବିସ୍ତାରକୁ ସକ୍ଷମ କରିବ ଏବଂ ତୃତୀୟଟି ସମସ୍ତଙ୍କ ପାଇଁ ବିଷୟବସ୍ତୁ ବା କଣ୍ଟେଣ୍ଟର ଉପଲବ୍ଧତା ସୁନିଶ୍ଚିତ କରିବ। ଏଆଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ପରିଚାଳିତ ହେବ। ପ୍ରଥମ ପର୍ଯ୍ୟାୟ, ୨୩ ମାର୍ଚ୍ଚରୁ ୩୦ ଜୁନ୍, ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗୁଗଲ କ୍ୟାରିଅର୍ ସାର୍ଟିଫିକେଟ୍ ଏବଂ ଗୁଗଲ କ୍ଲାଉଡ୍? ଜେନେରେଟିଭ୍? ଏଆଇ ପ୍ରଶିକ୍ଷଣ ମାର୍ଗ ମାଧ୍ୟମରେ ବ୍ୟାପକ ଭାବେ ମୌଳିକ ଏଆଇ ଶିକ୍ଷା ଉପରେ ଧ୍ୟାନ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟ, ଜୁଲାଇରୁ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ସୃଜନଶୀଳ ଶିଳ୍ପ ପାଇଁ ଉନ୍ନତ, ହସ୍ତଶିଳ୍ପ ଏବଂ ପ୍ରକଳ୍ପ-ଭିତ୍ତିକ ବିଶେଷଜ୍ଞତା ଉପରେ ଧ୍ୟାନ ଦେବ।(ପିଆଇବି)

# ଚରିତ୍ରରେ ପ୍ରତିଫଳିତ ହୁଏ ଜ୍ଞାନ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

> ଯେପରି କୁହାଯାଏ - ଡିଗ୍ରୀ କେବଳ ଆମର ଶିକ୍ଷା ଖର୍ଚ୍ଚର ରସିଦ। ଜ୍ଞାନ ହେଉଛି ଯାହା ଆମର ଚରିତ୍ରରେ ପ୍ରତିଫଳିତ ହୁଏ। ଏହି ଉକ୍ତି ଆମକୁ ଗଭୀର ଭାବରେ ପ୍ରତିଫଳିତ କରିବାକୁ ପ୍ରେରଣା ଦିଏ। ଡିଗ୍ରୀ ହେଉଛି ପୁସ୍ତକ ପୃଷ୍ଠାରୁ ପ୍ରାପ୍ତି, ଯାହା ଅତୀତର ବିନିଯୋଗକୁ ପ୍ରମାଣିତ କରେ, କିନ୍ତୁ ପ୍ରକୃତ ଜ୍ଞାନ ହେଉଛି ଯାହା ଆମର ଆଚରଣ, ନିଷ୍ପତ୍ତି ଏବଂ ନୀତିଶାସ୍ତ୍ରରେ ପ୍ରତିଫଳିତ ହୁଏ। ବ୍ୟକ୍ତିତ୍ୱ ବିକାଶର ମୂଳ ଏହି ଜ୍ଞାନରେ ନିହିତ, ଯାହା ଡିଗ୍ରୀକୁ ଅତିକ୍ରମ କରି ଆମକୁ ଭଲ ମଣିଷ କରିଥାଏ।

ଆଜିର ଯୁଗରେ, ଶିକ୍ଷା ବଜାର ସମୃଦ୍ଧ ହେଉଛି। ସବୁଠି ଡିଗ୍ରୀ ପାଇଁ ପ୍ରତିଯୋଗିତା ଚାଲିଛି। ଯେମିତି ବିଏ, ଏମଏ, ପିଏଚଡି, ଏମବିଏ, ଏମସିଏ ଇତ୍ୟାଦି ଇତ୍ୟାଦି - ଏହି ପଦବୀଗୁଡ଼ିକ ଜୀବନରେ ସଫଳତାର ପଥ ହୋଇଗଲାଣି। କିନ୍ତୁ ଏଗୁଡ଼ିକ କ'ଣ ପ୍ରକୃତରେ ସଫଳତାର ଚାବିକାଠି ? ନା, ଆଦୌ ନୁହଁ। ଯେପରି କୁହାଯାଏ - ଡିଗ୍ରୀ କେବଳ ଆମର ଶିକ୍ଷା ଖର୍ଚ୍ଚର ରସିଦ। ଜ୍ଞାନ ହେଉଛି ଯାହା ଆମର ଚରିତ୍ରରେ ପ୍ରତିଫଳିତ ହୁଏ। ଏହି ଉକ୍ତି ଆମକୁ ଗଭୀର ଭାବରେ ପ୍ରତିଫଳିତ କରିବାକୁ ପ୍ରେରଣା ଦିଏ। ଡିଗ୍ରୀ ହେଉଛି ପୁସ୍ତକ ପୃଷ୍ଠାରୁ ପ୍ରାପ୍ତି, ଯାହା ଅତୀତର ବିନିଯୋଗକୁ ପ୍ରମାଣିତ କରେ, କିନ୍ତୁ ପ୍ରକୃତ ଜ୍ଞାନ ହେଉଛି ଯାହା ଆମର ଆଚରଣ, ନିଷ୍ପତ୍ତି ଏବଂ ନୀତିଶାସ୍ତ୍ରରେ ପ୍ରତିଫଳିତ ହୁଏ। ବ୍ୟକ୍ତିତ୍ୱ ବିକାଶର ମୂଳ ଏହି ଜ୍ଞାନରେ ନିହିତ, ଯାହା ଡିଗ୍ରୀକୁ ଅତିକ୍ରମ କରି ଆମକୁ ଭଲ ମଣିଷ କରିଥାଏ। ପ୍ରଥମେ, ଡିଗ୍ରୀର ସୀମାକୁ ବୁଝିବା । ଡିଗ୍ରୀ ହେଉଛି ପରୀକ୍ଷା ସ୍କୋର ଉପରେ ଆଧାରିତ ଏକ କାଗଜ ପ୍ରମାଣପତ୍ର। ଏହା କେବଳ ପୁସ୍ତକ ଜ୍ଞାନର ଏକ ସଂଗ୍ରହ। ଉଦାହରଣ ସ୍ୱରୂପ, ଆବ୍ରାହମ ଲିଙ୍କନ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ, ତଥାପି ସେ ଯୁକ୍ତରାଷ୍ଟ୍ରର ଜଣେ ମହାନ ରାଷ୍ଟ୍ରପତି ହୋଇଥିଲେ। ଭାରତରେ, ମହାତ୍ମା ଗାନ୍ଧୀଙ୍କ ପାଖରେ ଆଇନ ଡିଗ୍ରୀ ଥିଲା, କିନ୍ତୁ ତାଙ୍କର ପ୍ରକୃତ ଜ୍ଞାନ ଅହିଂସା ଏବଂ ସତ୍ୟାଗ୍ରହରେ ପ୍ରତିଫଳିତ ହୋଇଥିଲା। ତାଙ୍କ ପାଖରେ ଡିଗ୍ରୀ ଥିଲା, କିନ୍ତୁ ତାଙ୍କ ଚରିତ୍ର ତାଙ୍କୁ ଅମର କରିଦେଇଥିଲା। ଆଜିକାଲି ଯୁବକମାନେ ଚାକିରି ପାଇଁ ଡିଗ୍ରୀ ସଂଗ୍ରହ କରନ୍ତି, କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା, ସହନଶୀଳତା ଏବଂ ନେତୃତ୍ୱର ଅଭାବ ସେମାନଙ୍କୁ ବିଫଳ କରିଥାଏ। ପ୍ରକୃତ ଜ୍ଞାନ ଆଭ୍ୟନ୍ତରୀଣ - ଏହା ଆମ ମାନଙ୍କ କ୍ରୋଧ ଉପରେ ନିୟନ୍ତ୍ରଣ, ଅନ୍ୟମାନଙ୍କ ପ୍ରତି କରୁଣା ଏବଂ ଅସୁବିଧାର ସମ୍ମୁଖୀନ ହେବା ସମୟରେ ଧୈର୍ଯ୍ୟ ଭାବରେ ପ୍ରକାଶିତ ହୁଏ। ଡିଗ୍ରୀ ଆମ ମାନଙ୍କୁ ଚାକିରି ଦେଇପାରେ, କିନ୍ତୁ ଚରିତ୍ର ଆମମାନଙ୍କୁ ସମ୍ମାନ ପ୍ରଦାନ କରେ। ନିଜକୁ ପଚାରନ୍ତୁ ଯେ ମୋର ଡିଗ୍ରୀ କ'ଣ ମୋର ଆଚରଣକୁ ପ୍ରତିଫଳିତ କରେ ? ପ୍ରାଚୀନ ଭାରତୀୟ ଦର୍ଶନରେ ଭଗବଦ ଗୀତା କହେ, 'ଜ୍ଞାନମ୍ ବିଜ୍ଞାନସହିତମ୍,' ଅର୍ଥାତ୍ ଜ୍ଞାନ ହେଉଛି ଯାହା ଜ୍ଞାନୀ। ବ୍ୟକ୍ତିତ୍ୱ ବିକାଶ ପାଇଁ, ପ୍ରତିଦିନ ଆତ୍ମ-ମୂଲ୍ୟାଙ୍କନ ଅଭ୍ୟାସ କରିବା ଉଚିତ୍ । ଏକ ଡାଏରୀ ରଖିବା ଉଚିତ , ଯାହା ଆଜି ଆମେ ମାନେ କେତେ ଜ୍ଞାନ ଅର୍ଜନ କରିଛନ୍ତି ତାହା ଲେଖି ରଖିବା ଦରକାର ଯାହା ଆମ ମାନଙ୍କ ଚରିତ୍ରକୁ ସୁଦୃଢ଼ କରିବ। ଉଦାହରଣ ସ୍ୱରୂପ, ଯଦି ଆମେମାନେ କ୍ଷୁବ୍ଧ, ତେବେ ଧ୍ୟାନ ଏବଂ ଯୋଗ ମାଧ୍ୟମରେ ଧୈର୍ଯ୍ୟ ବିକଶିତ କରିବା ଉଚିତ୍ । ଏହା ଆମର ଚରିତ୍ରକୁ ଉନ୍ନତ କରିବ, ଯାହା ଡିଗ୍ରୀ ଅପେକ୍ଷା ବହୁତ ମୂଲ୍ୟବାନ। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନୈତିକ ମୂଲ୍ୟବୋଧର ବିକାଶ। ଡିଗ୍ରୀ ବଜାରରେ ବିକ୍ରି ହୋଇପାରିବ, କିନ୍ତୁ ଚରିତ୍ର କେବେବି ନୁହେଁ। ଦୁର୍ନୀତି, ମିଛ ଏବଂ ସ୍ୱାର୍ଥପରତା ଆଜିର ଡିଗ୍ରୀଧାରୀ ପିଢ଼ିର ଅଭିଶାପ। ପ୍ରକୃତ ଜ୍ଞାନ ସଚ୍ଚୋଟତା ଶିଖାଏ। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଉଠ, ଜାଗ୍ରତ ହୁଅ, ଏବଂ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ରୁହ ନାହିଁ।' କିନ୍ତୁ ଲକ୍ଷ୍ୟ କ'ଣ ? ଟଙ୍କା ରୋଜଗାର କରିବା ପାଇଁ ନୁହେଁ, ବରଂ ଚରିତ୍ର ଗଠନ କରିବା ପାଇଁ। ବ୍ୟକ୍ତିତ୍ୱ ବିକାଶ ପାଇଁ, ସେବାର ପଥ ଗ୍ରହଣ କରିବା ଉଚିତ୍ । ଜଣେ ଗରିବ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଉଚିତ୍, ନିଜ ପଡ଼ୋଶୀଙ୍କ ସହିତ ସମନ୍ୱୟରେ ରଖିବା ଉଚିତ୍ । ଏହା ଆମର ଜ୍ଞାନକୁ ଚରିତ୍ରରେ ପରିଣତ କରିବ। ଏକ କାହାଣୀ ମନେ ପଡ଼େ- ଜଣେ ଗରିବ ଚାଷୀଙ୍କ ପାଖରେ ଡିଗ୍ରୀ ନଥିଲା, କିନ୍ତୁ ତାଙ୍କର କଠିନ ପରିଶ୍ରମ ଏବଂ ସାଧୁତା ତାଙ୍କୁ ତାଙ୍କ ଗାଁର ନେତା କରିଥିଲା। ଲୋକମାନେ ତାଙ୍କ ଚରିତ୍ର ଦ୍ୱାରା ଅନୁପ୍ରାଣିତ ହୋଇଥିଲେ, ତାଙ୍କ ଡିଗ୍ରୀ ଦ୍ୱାରା ନୁହେଁ। ତୃତୀୟରେ ହେଉଛି ଦକ୍ଷତା ବିକାଶ ଏକ ମୁଖ୍ୟ କଥା। ଏହା ବ୍ୟକ୍ତିତ୍ୱର ତୃତୀୟ ସ୍ତମ୍ଭ। ଡିଗ୍ରୀ ତାତ୍ତ୍ୱିକ ଜ୍ଞାନ ପ୍ରଦାନ କରେ, କିନ୍ତୁ ବ୍ୟବହାରିକ ଦକ୍ଷତା ଚରିତ୍ରର ପ୍ରମାଣ। ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ - ଏହି ଗୁଣଗୁଡ଼ିକ କାର୍ଯ୍ୟ ଜୀବନରେ ଝଲସୁଛି। ଆଜିର ଡିଜିଟାଲ ଯୁଗରେ, ଅନଲାଇନ୍ ପାଠ୍ୟକ୍ରମରୁ ଶିଖି , ସେଗୁଡ଼ିକୁ ଅଭ୍ୟାସରେ ପରିଣତ କରିବା ଉଚିତ୍ ।

ଉଦାହରଣ ସ୍ୱରୂପ, ଏପିଜେ ଅବଦୁଲ କଲାମଙ୍କର ଇଞ୍ଜିନିୟରିଂ ଡିଗ୍ରୀ ଥିଲା, କିନ୍ତୁ ପିଲାମାନଙ୍କୁ ପ୍ରେରଣା ଦେବାର ତାଙ୍କର କ୍ଷମତାରେ ତାଙ୍କର ଜ୍ଞାନ ପ୍ରତିଫଳିତ ହୋଇଥିଲା। ସେ କହୁଥିଲେ, 'ସ୍ୱପ୍ନ ତାହା ନୁହେଁ ଯାହା ତୁମେ ଶୋଇବା ସମୟରେ ଦେଖ, ବରଂ ଯାହା ତୁମକୁ ଜାଗ୍ରତ ରଖେ।' ବ୍ୟକ୍ତିତ୍ୱ ବିକାଶ ପାଇଁ ସ୍ୱପ୍ନକୁ ଚରିତ୍ର ସହିତ ଲିଙ୍କ କରିବା ଉଚିତ୍ । ପ୍ରତିଦିନ ଏକ ନୂତନ କୌଶଳ ଶିଖିବା ଉଚିତ - ତାହା ସାଧାରଣ ଭାଷଣ ହେଉ କିମ୍ବା ଭାବପ୍ରବଣ ବୁଦ୍ଧି। ଡିଗ୍ରୀ ଜୀବନର ଶେଷ ନୁହେଁ, ଏହା ଆରମ୍ଭ ଆଉ ଜ୍ଞାନର କୌଣସି ସୀମା ନାହିଁ। ଏଥିପାଇଁ ବହୁତ ପୁସ୍ତକ ପଢିବା ଉଚିତ, ତାହା



ଆଧ୍ୟାତ୍ମିକ ପୁସ୍ତକ ହେଉ ଅବା ସାମାଜିକ ପଠନ ପୁସ୍ତକ ହେଉ । କିନ୍ତୁ ପଢ଼ିବା କେବଳ ଯଥେଷ୍ଟ ନୁହେଁ; ଏହାକୁ ଆମ ମାନଙ୍କ ଜୀବନରେ ପ୍ରୟୋଗ କରିବା ଉଚିତ୍। କଷ୍ଟକୁ ସୁଯୋଗ ଭାବରେ ବିଚାର କରିବା ଉଚିତ୍ । ମହାମାରୀ ସମୟରେ ଅନେକ ଡିଗ୍ରୀ ହରାଇଥିଲେ, କିନ୍ତୁ ଯେଉଁମାନେ ଦୃଢ଼ ଚରିତ୍ର ବଜାୟ ରଖିଥିଲେ ସେମାନେ ଆଗକୁ ବଢ଼ିଲେ। ଶେଷରେ ମନେ ରଖିବା ଉଚିତ ଯେ ଡିଗ୍ରୀ ଆଲମାରିରେ ଧୂଳି ଜମା କରିପାରେ, କିନ୍ତୁ ଚରିତ୍ର ଜୀବନସାରା ଉଜ୍ଜ୍ୱଳ ହୁଏ। ବ୍ୟକ୍ତିତ୍ୱ ବିକାଶ ଏକ ଯାତ୍ରା ଯାହା ଡିଗ୍ରୀ ନୁହେଁ, ଆତ୍ମ-ଶୁଦ୍ଧି ସହିତ ଆରମ୍ଭ ହୁଏ। ଆଜି ହିଁ ପ୍ରତିଜ୍ଞା ନେବା ଉଚିତ ଯେ - ଆମ ଜ୍ଞାନକୁ ଚରିତ୍ରର ଅଳଙ୍କାର କରିବା ଆଉ ଆମର ଚରିତ୍ର ଦୃଢ଼ ହେଲେ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ମୋ - ୮୨୪୯୫୦୨୭୭୬

25.03.2026.pmd 1 3/24/2026, 5:28 PM

# କୌଶଲ୍ୟା ନାଏକଙ୍କୁ ରାଜ୍ୟ ଫରେଷ୍ଟ୍ରି ଆୱାର୍ଡ

କୁଚିଣ୍ଡା,୨୪ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବନଖଣ୍ଡ ଅଧୀନସ୍ଥ କିନାବଗା ବିଟ୍ ଫରେଷ୍ଟ ଗାର୍ଡ ସୁଶ୍ରୀ କୌଶଲ୍ୟା ନାଏକଙ୍କୁ ବିଶ୍ୱ ବନ ଦିବସ ଅବସରରେ ରାଜ୍ୟ ଫରେଷ୍ଟ୍ରି ଆୱାର୍ଡ ପ୍ରଦାନ କରାଯାଇଛି । ବିଶ୍ୱ ବନ ଦିବସ ଅବସରରେ ବନ ବିଭାଗର ୪୦ ଜଣଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଓଡ଼ିଶା ସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଭୁବନେଶ୍ୱରର ଲୋକସେବା ଭବନ କନଭେନସନ ସେଣ୍ଟରରେ ବିଶ୍ୱ ବନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ପୁରସ୍କାର ପ୍ରଦାନ କରିଛନ୍ତି । ତେବେ ସମ୍ବଲପୁର ସର୍କଲରେ କେବଳ ଜଣେ ମାତ୍ର ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । ଏହି



ପୁରସ୍କାର ପ୍ରଦାନ ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ସୂଚନାଯୋଗ୍ୟ ଯେ,ସୁଶ୍ରୀ ନାଏକ ବାମରା ଟିଏଫ କଲେଜରୁ ସ୍ନାତକ ପରେ ରାଜନୀତିରେ ମନ ବଳାଇଥିଲେ । ମାତ୍ର ୧୮ ବର୍ଷ ବୟସରେ ୨୦୦୯ ମସିହାରେ ସେ ବାମରା ବ୍ଲକ ସଦର ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ତେବେ ପରବର୍ତ୍ତୀ ସମୟରେ ୨୦୧୨ ମସିହାରେ ଫରେଷ୍ଟ ଗାର୍ଡ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ଟ୍ରେନିଂ ସମୟରେ ତାଙ୍କର ଦକ୍ଷତା ଯୋଗୁଁ ୨୦୨୧ ମସିହା ମହିଳା ଦିବସରେ ସମ୍ବଲପୁର ସର୍କଲ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଉତ୍ତମ ଫରେଷ୍ଟ ଗାର୍ଡ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଖୋଲଖାଲି ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

ବୁଗୁଡା,୨୪ ।୩ (ନିପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ଖୋଲଖାଲି ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ମିଳିତ ଜନଶୁଣାଣି ଶିବିରରେ ତହସିଲଦାର ତାପସ ରାଉତ, ବୁଗୁଡ଼ା ଥାନା ଅଧିକାରୀ ସିତାଂଶୁ ଶେଖର ମାନ୍ଧାତା, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ମୋଟ ୧୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୭ ଟି ବ୍ୟକ୍ତିଗତ ଅଭିଯୋଗ ଓ ୯ ଟି ଗୋଷ୍ଠୀଗତ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଶିବିରରେ ତତ୍କାଳୀନ ୧୪ଟି ଅଭିଯୋଗ ସମାଧାନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଏଇଇ ରାଜୀବ ଚରଣ ପ୍ରଧାନ, ସିଡିପିଓ ବବିତା କୁମାରୀ ପଣ୍ଡା, ବିଏସଏସଓ ରାମଚନ୍ଦ୍ର ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ପଦରାବିନ୍ଦ ଷଡଙ୍ଗୀ, ଆରଡ଼ି ଜେଇ ପପୁ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଉଦ୍ଘାଟନ ହେଲା ସୁଭଦ୍ରା ଦିଦି ଖାଦ୍ୟ ଯୋଗାଣ

ଦାମନଯୋଡ଼ି,୨୪/୩(ନିପ୍ର):ଓଡ଼ିଶା ଜୀବିକା ମିଶନ ତରଫରୁ ମାଥାଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁଭଦ୍ରା ଦିଦି ଖାଦ୍ୟ ଯୋଗାଣ ସୋମବାର ଉଦ୍ଘାଟିତ ହୋଇଯାଇଛି । କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ଅତିଥି ରୂପେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ ମିହିର କୁମାର କୁଳଦୀପ ଓ ମାଥାଲପୁର ସରପଞ୍ଚ ରଞ୍ଜିତା ଦିଶାରୀ ଉପସ୍ଥିତ ଥିଲେ ।ସେହିପରି ମାଥାଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ାଃ ସୁମନ କୁମାର ଟପ୍ପୋ,ଡ଼ାଃ ଅନୁପମା ପତି,ବିପିଏମ ନୀଳକଣ୍ଠ ପାଣି ଓ ପିଏଚଇଓ ବିଜୟ ଖିଲ,ଓଡ଼ିଶା ଜୀବିକା ମିଶନର ବିପିଏମ ସ୍ନେହଲତା ମିଶ୍ର,ବିଏଲସି,ବିପିସି ଓ ଏହି କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ରାଜ୍ୟ ବୈଷୟିକ ମାର୍ଗଦର୍ଶକ କେଏଏସଏନଆରଓ ସଂସ୍ଥାର ରାହେନା ଏସ.(କେରଳ) ମଧ୍ୟ ଉପସ୍ଥିତ ଥିଲେ । ମାଥାଲପୁରର ନୀଳାବାଡ଼ି ସ୍ୱୟଂ ସହାୟିକା ଗୋଷ୍ଠିର ତାଲିମପ୍ରାପ୍ତ ପାଞ୍ଚ ଜଣ ସଦସ୍ୟା ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି । ଓଡ଼ିଶା ଜୀବିକା ମିଶନ ତରଫରୁ ଆବଶ୍ୟକ ରୋଷେଇ ଉପକରଣ କ୍ରୟ ନିମନ୍ତେ ୧ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି ।ଉଲ୍ଲେଖଯୋଗ୍ୟ ଏଠାରେ ଆବଶ୍ୟକତା ମୁତାବକ ଖାଦ୍ୟ ପ୍ରସ୍ତୁତ କରି ରୋଗୀ ଓ ସହଯୋଗୀମାନଙ୍କ ସହିତ ବାହାରର ଯେଉଁ ମାନେ ଚାହିବେ, ସେମାନଙ୍କୁ ସୁଲଭ ମୂଲ୍ୟରେ ଆବଶ୍ୟକ ମୁତାବକ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ନୀଳାବାଡ଼ି ସ୍ୱୟଂ ସହାୟିକା ସଂଘ ପକ୍ଷରୁ ସୂଚନା ମିଳିଛି ।

# ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି

ହିଞ୍ଜିଳିକାଟୁ,୨୪ ।.୩ (ନିପ୍ର):ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୂଲ୍ୟରେ ହିଞ୍ଜିଳିକାଟୁ ବ୍ଲକ ଧୋବାଡ଼ି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ରଶ୍ମିତା କୁମାରୀ ରାଉତ, ସଭ୍ୟ କାଳିଆ ବେହେରା,ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣିଆ, ବ୍ଲକ ଉପାଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ । ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାରୀ ଯୋଜନାରୁ ବଞ୍ଚିତ,ଅପେକ୍ଷିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବିଭିନ୍ନ ଯୋଜନାରୁ ଉପକୃତ ହେବା ପାଇଁ ଅଭିଯୋଗ କରିଥିଲେ । ଆଜିର ଜନ ଶୁଣାଣି କାର୍ଯ୍ୟକ୍ରମରେ ଗୋଷ୍ଠୀଗତ ୨ ଓ ବ୍ୟକ୍ତିଗତ ଭାବେ ବିଭିନ୍ନ ବିଭାଗ ପାଇଁ ୨୫ ଟି ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜି.ରବି କୁମାର,ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ବନଶ୍ରୀ ଦାଶ ,ସିଡ଼ିପିଓ ବିଜୟ ଲକ୍ଷ୍ମୀ ପାଢ଼ୀ, ସାହାପୁର ରାଜସ୍ୱ ନିରୀକ୍ଷକ ବିଳାସ ନାହାକଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ସାହୁ, ସହକାରୀ ଯନ୍ତ୍ରୀ ଶର୍ମିଷ୍ଠା ପଣ୍ଡା, ଏଡିଇଓ ଚିଣ୍ଟୁ କୁମାର ସାହୁ, ବିଏଫଟି ଦୁର୍ଯ୍ୟୋଧନ ଦାସ, ଯୋଗାଣ ସହାୟିକ ସୁନୀଲ ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଶହୀଦ ଦିବସରେ ବାଇକ୍ ଶୋଭାଯାତ୍ରା

ନିରାକାରପୁର,୨୪ ।୩ (ନିପ୍ର): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ମାଇଁ ଭାରତ ଖୋର୍ଦ୍ଧା ଏବଂ ରାମାବିଲିର ବିଜୟଲକ୍ଷ୍ମୀ କ୍ଲବ୍ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ ଜାତୀୟ ଶହୀଦ ଦିବସ ଅତ୍ୟନ୍ତ ଭକ୍ତିପୂତ ପରିବେଶରେ ପାଳିତ ହୋଇଯାଇଛି ।ଏହି ଅବସରରେ ଜଙ୍କିଆ ହାଇସ୍କୁଲ ଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ବିଜେପିର ବରିଷ୍ଠ ନେତା କେଲୁ ଜଗଦେବ ଜାତୀୟ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାଟି ଜଙ୍କିଆ ବଜାର ପରିକ୍ରମା କରିବା ସହ ରାମାବିଲି ଓ ଛଣାଗିରି ଦେଇ ହଜ ଗ୍ରାମରେ ପହଞ୍ଚିଥିଲା । ହଜ ଗ୍ରାମର ଅମର ଶହୀଦ ସିଆରପିଏଫ୍ ଯବାନ କୃଷ୍ଣ ମୋହନ ପ୍ରହରାଜଙ୍କ ବାସଭବନରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ଉପସ୍ଥିତ ଅତିଥି ଓ ଜନସାଧାରଣ ଶହୀଦଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଦେଶ ମାତୃକା ପାଇଁ ତାଙ୍କର ବଳିଦାନକୁ ସ୍ମରଣ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ନେତୃବୃନ୍ଦ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଯୁବ ନେତା ଭବାନୀ ଶଙ୍କର ବରିଷଲ, ମାଧବ ମହାନ୍ତି, ଅକ୍ଷୟ କୁମାର ଦାସ, ପ୍ରକାଶ କୁମାର ଗୁମାନସିଂହ, ପ୍ରଦ୍ୟୁମ୍ନ ଜଗଦେବ, ବିରଞ୍ଚି ସାମନ୍ତସିଂହାର, ମହେଶ୍ୱର ବଳିୟାରସିଂହ, ମହେନ୍ଦ୍ର ରାଉତରାୟ ଓ ଭଗବାନ ନାୟକ ଥିବାବେଳେ ପ୍ରଶାସନିକ ଅଧିକାରୀ ରଞ୍ଜନ କୁମାର ପଟ୍ଟନାୟକ ଓ ତୁଷାର ନାୟକ, ବିଜୟଲକ୍ଷ୍ମୀ କ୍ଲବ୍ର ସ୍ୱେଚ୍ଛାସେବୀ କାର୍ତ୍ତିକ ସାମନ୍ତରାୟ, ସତ୍ୟନାରାୟଣ ଶ୍ରୀଚନ୍ଦନ, ବିଶ୍ୱଜିତ ରାଉତରାୟ ଓ ଭାରତ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ ।ଏଥିସହ ଶହୀଦଙ୍କ ସାନଭାଇ ବଳରାମ ପ୍ରହରାଜ ଓ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଗ୍ରାମର ଯୁବ ସ୍ୱେଚ୍ଛାସେବୀ ମହେନ୍ଦ୍ର ମାନସିଂହ ଓ ପ୍ରକାଶ ମାନସିଂହଙ୍କ ନେତୃତ୍ୱରେ ୨୦୦ରୁ ଅଧିକ ଯୁବକ ଓ ଗ୍ରାମବାସୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ସମଗ୍ର ହଜ ଗ୍ରାମ ପରିକ୍ରମା କରିଥିଲେ । ଦେଶପ୍ରେମୀଙ୍କ ଏହି ସମାଗମ ଅଞ୍ଚଳରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି ।

# ଦୁଇବର୍ଷ ହେବ ପାଇପ ଲାଗିଛି, ହେଲେ ଆସୁନାହିଁ ପାଣି

## ଖରାପ ପାଣି ପିଇ କିଡ଼ନୀ ରୋଗରେ ଆକ୍ରାନ୍ତ ଲୋକେ !

ରେଢ଼ାଖୋଲ,୨୪ ।୩ (ନିପ୍ର): ସରକାର ପିଇବା ପାଣି ପାଇଁ ବିଭିନ୍ନ ଯୋଜନା ମଧ୍ୟମରେ ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଥିବା ବେଳେ ଆଜିବି ଏଭଳି ଗାଁ ଯେଉଁ ଠାରେ ବର୍ଷ ସାରା ପାଣି ପାଁଇ ଡହଳ ବିକଳ ହେଉଛନ୍ତି ଲୋକ । ସରକାରଙ୍କ ଯୋଜନା କାହା ପାଇଁ । ଏଠାରେ ଗୋଟିଏ ନଳକୂଅ ଉପରେ ଭରସା ସାରା ଗାଁ ଲୋକ । ବସୁଧା ଯୋଜନା ସାତ ସପନ ଏମାନଙ୍କ ପାଇଁ । ଏଭଳି ଦେଖିବାକୁ ମିଳିଛି ରେଢ଼ାଖୋଲ ବ୍ଲକ ବଂଶାଜାଲ ପଂଚାୟତ ମୂଷାକଟା ଗାଁର ଅବସ୍ଥା । ପାଣି କହିଲେ ସାଧାରଣତଃ ଖରାଦିନେ ଲୋକ ମାନଙ୍କ ଅସୁବିଧା ହୋଇଥାଏ । କିନ୍ତୁ ଏହି ମୂଷାକଟା ଗାଁ ରେ ଲୋକମାନେ ବର୍ଷ ସାରା ପାଣି ପାଇଁ ଅସୁବିଧା ର ସମ୍ମୁଖୀନ ହୋଇଥାନ୍ତି । ଗାଁ ମଝିରେ ଥିବା ଗୋଟିଏ ମାତ୍ର ନଳକୂଅ ସମସ୍ତଙ୍କ ଶୋଷ ମେଣ୍ଟାଉଛି । ସେହି ପାଣି ପିଇ ଲୋକେ କିଡ଼ନୀ ରୋଗରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୫ ଜଣ ଏବେ ମଧ୍ୟ ଆକ୍ରାନ୍ତ ଅଛନ୍ତି । ବସୁଧା ଯୋଜନା ରେ ପାଇପ ପଡିଛି, ପାଣି ଟେପ ବି ଦୁଇବର୍ଷ ହେବ ଲାଗିଛି । କିନ୍ତୁ ପାଣି ଆସୁନାହିଁ । ପାଣି ଟ୍ୟାପ ସବୁ ଭାଙ୍ଗି ଗଲାଣି ।



ଏହି ମୂଷାକଟା ଗାଁ ରେ ୭୦ ପରିବାର ଥିବାବେଳେ ପ୍ରାୟ ୩୦୦ ଲୋକ ବସବାସ କରନ୍ତି । ଏହି ପାଣି ପାଇଁ ରେଢ଼ାଖୋଲ ବିଧାୟକ ପ୍ରଶନ୍ନ ଆଚାର୍ଯ୍ୟ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାହା ପ୍ରତିଶ୍ରୁତିରେ ରହିଯାଇଛି । ଏପଟେ ଯେଉଁଠି ପାଣି ପାଇଁ ଅସୁବିଧା ଅଛି ତାହା ଅତି ଶୀଘ୍ର ସମାଧାନ କରି ଲୋକେ କିଭଳି ପାଣି ପାଇବେ ତାହା ପ୍ରତି ଧ୍ୟାନ ଦିଆଯିବ ବୋଲି କହିଛନ୍ତି ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି ।

# ପୋଲିସର ଗୁଳିମାଡ଼ : ଅପରାଧୀ ଟିମା ଝାଙ୍କରକୁ କୋର୍ଟ ଚାଲାଣ

ରେଢ଼ାଖୋଲ,୨୪ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପୋଲିସକୁ ମିଳିଥିଲା ଏକ ବଡ଼ ସଫଳତା । ଗତ ବୁଧବାର ଭୋର ସକାଳୁ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ କୁଖ୍ୟାତ ଦୁର୍ଦ୍ଦାନ୍ତ ଅପରାଧୀ ଧନେଶ୍ୱର ଝାଙ୍କର ଓରଫ ଟିମା ଆହତ ହୋଇଥିଲେ । ସେ ସମ୍ବଲପୁର ଜିଲ୍ଲା ସଦର ଥାନା ରାସନପୁର ଗାଁ ର ବୋଲି ପୋଲିସ ପକ୍ଷରୁ ଜଣାପଡିଛି । ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଥାନା ଅନ୍ତର୍ଗତ ଡୁମ୍ରିଛାଲି ଜଙ୍ଗଲ ଅଞ୍ଚଳରେ ଧନେଶ୍ୱର ଝାଙ୍କର(ଟିମା) ଓ ତାଙ୍କର ୩ ଜଣ ସହଯୋଗୀ ସତ୍ୟଜିତ ପ୍ରଧାନ, ଦିଲ୍ଲୀପ ରାୟ ଓ ପ୍ରଶାନ୍ତ ମିର୍ଦ୍ଧା ଲୁଚି ରହିଥିବା ନେଇ ପୋଲିସ ଖବର ପାଇଥିଲା । ସମ୍ବଲପୁର ଏସପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶ କ୍ରମେ ନାକଟିଦେଉଳ ପୋଲିସ ଟିମ ସେଠାରେ ପହଞ୍ଚି ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବା ବେଳେ ଅଭିଯୁକ୍ତ ଟିମା ପୋଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରିଥିଲେ । ଏଥିରେ ଅଭିଯୁକ୍ତ ମାନେ ପୋଲିସ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇ ଖସିଯିବାକୁ ପ୍ରୟାସ କରିଥିଲେ । ମାତ୍ର ପୋଲିସ ପକ୍ଷରୁ ଆତ୍ମରକ୍ଷା ପାଇଁ ୨ ରାଉଣ୍ଡ ଗୁଳି ଚଳାଇଥିଲା । ପୋଲିସର ନିୟନ୍ତ୍ରିତ ଗୁଳି ଚାଳନାରେ ଟିମାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା । ଫଳରେ ଘଟଣା ସ୍ଥଳରୁ ପୋଲିସ ଟିମାଙ୍କ ସହ ତାଙ୍କର ୩ ଜଣ ସହଯୋଗୀଙ୍କୁ ଗିରଫ କରିଥିଲେ । ଗୁଳିବିଦ୍ଧ ହୋଇ ଗୁରୁତର ଟିମାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମସାର ରେ ଭର୍ତ୍ତି କରାଯାଇଥିଲା । ଅପର ପକ୍ଷରେ ଅପରାଧୀମାନଙ୍କ ନିକଟରୁ ଏକ ପିସ୍ତଲ, ଜୀବନ୍ତ ଗୁଳି, ଏକ ବୋଲେରୋ ଗାଡ଼ି, ତାର କଟା ଯନ୍ତ୍ର ସମେତ ଦୁଇ ବଣ୍ଡଲ ବିଦ୍ୟୁତ ତାର, ଚୋରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଥିଲେ । ଏଥିରେ ପୂର୍ବରୁ ଅପରାଧୀ ଟିମା ନାମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡକାୟତି, ରାହାଜାନି, ଆର୍ମସ ଆକ୍ଟ ଏବଂ ଆଲୁମିନିୟମ ତାର ଚୋରି ଭଳି ପ୍ରାୟ ୪୧ରୁ ଉର୍ଦ୍ଧ୍ୱ ସଙ୍ଗୀନ ମାମଲା ରହିଛି । ଏଥିରେ ପୂର୍ବରୁ ଉକ୍ତ ତିନି ସହଯୋଗୀ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଧନେଶ୍ୱର ଝାଙ୍କର(ଟିମା)ଙ୍କୁ ଭୀମସାରରୁ ସୁସ୍ଥ ହେବା ପରେ ରେଢ଼ାଖୋଲ ପୋଲିସ ଥାନାରେ ଆଣି ଅଟକ ରଖିଥିଲା ଏନେଇ ପୋଲିସ କେସ୍ ନଂ ୪୭/୨୬ରେ ଏକ ମାମଲା ରୁଜୁ କରି ସୋମବାର ଦିନ ରେଢ଼ାଖୋଲ କୋର୍ଟ ଚାଲାଣ କରି ଜେଲ୍ କୁ ପଠାଇଥିବା ପୋଲିସ ପକ୍ଷରୁ କୁହାଯାଇଛି ।

# ସ୍ଥାୟୀ ନିଯୁକ୍ତି ଦାବିରେ ଏପିଓଙ୍କ କଳାବ୍ୟାଜ୍ ପରିଧାନ

ଭାପୁର,୨୪ ।୩ (ନିପ୍ର): ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ମନରେଗା ଯୋଜନାରେ ଗତ ୧୫ ବର୍ଷ ଧରି କାର୍ଯ୍ୟରତ ରହିଥିବା ଏପିଓଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ରାଜ୍ୟ ଏପିଓ ସଂଘ ଡାକରାରେ ଭାପୁର ବ୍ଲକ ଏପିଓ ଅରୁଣ କୁମାର ଚିନ୍ନରାଙ୍କ କଳାବ୍ୟାଜ ପରିଧାନ ପୂର୍ବକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ ହୋଇଛି । ୧୫ ବର୍ଷର



ନିରନ୍ତର ସେବା ପରେ ମଧ୍ୟ ସେମାନେ ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଛନ୍ତି ।ରାଜ୍ୟ ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ସତ୍ତ୍ୱେ ଏହି ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ହେତୁ ଭାପୁର ବ୍ଲକରେ କାର୍ଯ୍ୟରତ ଏପିଓ କାର୍ଯ୍ୟାଳୟ ରେ ଶାନ୍ତିପୂର୍ଣ୍ଣ ଭାବରେ ନିଜର ଦାବି ପ୍ରତି ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପ୍ରତିବାଦ ମାର୍ଚ୍ଚ ମାସ ୧୮ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି । ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ତୁରନ୍ତ ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ସଂଘ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି । ଯଦି, ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ଚାକିରୀ ନିୟମିତ କରିବା ପାଇଁ ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ନିଜର ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଭାପୁର ବ୍ଲକରେ କାର୍ଯ୍ୟରତ ଏପିଓଙ୍କ ଠାରୁ ସୂଚନା ମିଳିଛି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

ବଣାଇ,୨୪ ।୩ (ନିପ୍ର); ବଣାଇ ବ୍ଲକ୍ ଅନ୍ତର୍ଗତ ସ୍ଥାନୀୟ ଆଦିବାସୀ ଉନ୍ନୟନ ସଂସ୍ଥା ସଭା ଗୃହଠାରେ ସୁନ୍ଦରଗଡ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣି କରିଥିଲେ । ଏହି ଜନଶୁଣାଣିରେ ମୋଟ ୧୧୫ ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ଦଳଗତ ଭାବେ ୬୨ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ଭାବେ ୫୩ ଅଭିଯୋଗ ଆଗତ ହୋଇ ଥିଲା । ଦଳଗତ ଅଭିଯୋଗ ମଧ୍ୟରେ ଚାଷ ଜମି ଜବର ଦଖଲ, ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରୟସହ ଉଚିତମୂଲ୍ୟପ୍ରଦାନ,ଚାଷ ପାଇଁ ଜଳସେଚନର ସୁବ୍ୟବସ୍ଥା ଇତ୍ୟାଦି ଆପତ୍ତି ମାନ ରହିଥିଲା । ସେହିଭଳି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମି ବାଡି, ବାର୍ଦ୍ଧକ୍ୟ ଭତ୍ତା ପ୍ରଭୃତି ରହିଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତିନି ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ।

# ମହିଳାଙ୍କୁ ହତ୍ୟା ପରେ ପୋଡ଼ି ଦେଇଥିବା ଅଭିଯୋଗ

ଦେବଗଡ଼,୨୪ ।୩ (ନିପ୍ର): ଦେବଗଡ଼ ଜିଲ୍ଲାର ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ନୂଆଡିହ ପଞ୍ଚାୟତର ମହ୍ଲାରବାହାଲ ଗ୍ରାମରେ ଘଟିଥିବା ନୃଶଂସ ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳକୁ ଆତଙ୍କିତ କରିଦେଇଛି ।

ଜଣେ ମହିଳାଙ୍କୁ ପ୍ରଥମେ ହତ୍ୟା କରାଯାଇଥିବା ସନ୍ଦେହ ହେଉଥିବା ବେଳେ, ପରେ ତାଙ୍କ ଶବକୁ ନିଆଁ ଲଗାଇ ପୋଡ଼ି ଦେଇଥିବା ନେଇ ଗୁରୁତର ଅଭିଯୋଗ ଉଠିଛି । ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସକାଳ ସମୟରେ ଗ୍ରାମ ଭିତରେ ମହିଳାଙ୍କ ଦରପୋଡ଼ା ଶବ ପଡ଼ିଥିବା ଦେଖି ଗ୍ରାମବାସୀମାନେ ଭୟଭୀତ ହୋଇ ପଡ଼ିଥିଲେ । ଘଟଣା ଖବର ପ୍ରସାର ହେବା ପରେ ଗାଁରେ ଲୋକମାନଙ୍କ ଭିଡ଼ ଜମିଥିଲା ଏବଂ ଅଞ୍ଚଳରେ ଭୟ ଓ ଉତ୍କଣ୍ଠାର ପରିସ୍ଥିତି ସୃଷ୍ଟି ହୋଇଥିଲା । ମୃତକ ଲକ୍ଷ୍ମୀ ସାହୁ (୪୮) ବୋଲି ପରିଚୟ ମିଳିଛି । ସେ ମେଣ୍ଡିପାଲି ଗ୍ରାମର ହେବା ସହିତ, ମୁରଲି ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଯଶୋବନ୍ତ ସାହୁଙ୍କୁ ଅଟକ ରଖିଥିବା ସୂଚନା ମିଳିଛି । ଘଟଣା ପଛରେ କିଏ ଓ କାହିଁକି ଏପରି ନୃଶଂସ କାଣ୍ଡ ଘଟାଇଲା, ସେଥିପାଇଁ ସ୍ପଷ୍ଟ କାରଣ ଏପର୍ଯ୍ୟନ୍ତ ଆସିପାରିନାହିଁ । ପୋଲିସ ପ୍ରାଥମିକ ତଦନ୍ତରେ ପାରିବାରିକ ବିବାଦ, ପୂର୍ବ ଶତ୍ରୁତା କିମ୍ବା ଅନ୍ୟ କୌଣସି ଅପରାଧିକ କାରଣ ଥାଇପାରେ ବୋଲି ସନ୍ଦେହ କରୁଛି । ଏସପି ଅନିଲ ମିଶ୍ରଙ୍କ ନିର୍ଦ୍ଦେଶରେ ଏସଡିପିଓ ରମେଶ ଚନ୍ଦ୍ର ମୋହନା ଓ ମୋହନା ଫାଣ୍ଡି ଅଧିକାରୀ ବିଷ୍ଣୁପ୍ରିୟା ରଣା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଖବର ପାଇ କୁଣ୍ଢେଇଗୋଳା ଥାନା ପୋଲିସ ମଧ୍ୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ଘେରାଉ କରିଥିବା ସହ ବୈଜ୍ଞାନିକ ଦଳକୁ ଡାକାଯାଇଥିବା ସୂଚନା ମିଳିଛି, ଯାହା ପ୍ରମାଣ ସଂଗ୍ରହ କରୁଛି । ପୋଲିସ ପକ୍ଷରୁ କୁହାଯାଇଛି ଯେ, ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଯିବ ଏବଂ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ । ଏହି ନୃଶଂସ ଘଟଣା ପରେ ସମଗ୍ର ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି ହୋଇଥିବା ବେଳେ, ଗ୍ରାମବାସୀମାନେ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ପୋଲିସର ତଦନ୍ତ ଅଗ୍ରଗତି ସହିତ ଘଟଣାର ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା ରହିଛି ।

# ଜନଗଣନା ପାଇଁ ପ୍ରଶିକ୍ଷଣ

କାଶୀନଗର,୨୪ ।୩ (ନିପ୍ର); କାଶୀନଗର ଠାରେ ଥିବା ତହସିଲ କାର୍ଯାଳୟର ବୈଠକ ଗୃହ ମଧ୍ୟରେ ଜନଗଣନା ୨୦୨୭ ପାଇଁ ୧୨୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ କାର୍ଯ୍ୟକ୍ରମ ସ୍ଥାନୀୟ ତହସିଲଦାର ତଥା ସେନ୍ସସ ଅଫିସର ସୁଧୀର କୁମାର ନନ୍ଦଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିଲା । ଏହି ତାଲିମ ଶିବିରରେ ଦୁଇ କ୍ଷେତ୍ର ତାଲିମ ପ୍ରଶିକ୍ଷକ ଦେବାଶିଷ ମାଢ଼ଙ୍ଗୀ ଓ ଜିତେନ୍ଦ୍ର କୁମାର ଗୌଡ଼ଙ୍କ ଠାରୁ ସବୁ ପ୍ରକାର ଡିଜିଟାଲ ସେନସସ ପାଇଁ ପ୍ରଶିକ୍ଷଣ ନେବା ପାଇଁ ଉପସ୍ଥିତ ଥିବା ସେନ୍ସସ ଅଧିକାରୀ ପରାମର୍ଶ ଦେଇଥିଲେ ।

# ଭଣ୍ଡାରିପୋଖରୀରେ ମିଳିତ ଜନ ଶୁଣାଣି

ଭଦ୍ରକ,୨୪ ।୩ (ନିପ୍ର): ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଠାରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୭୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା ।ଶୁଣାଣି ସମୟରେ ୩୩ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ରେଡ୍କ୍ରସ ମାଧ୍ୟମରେ ୯ଜଣ ଅଭିଯୋଗକାରୀଙ୍କୁ ସହାୟତା ଦିଆଯାଇଥିଲା । ଏଥି ସହିତ ଡିଆରସିଏଫ ତରଫରୁ ୯ଜଣଙ୍କ ପକ୍ଷରେ ମୋଟ ୨୮,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଉପସ୍ଥିତ ଥିବାବେଳେ ଜିଲ୍ଲା ପୁଲିସ ଅଧୀକ୍ଷକ ମଧ୍ୟ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି,୨୪ ।୩ (ନିପ୍ର): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣିରେ ଯୋଗଦାନ କରି ରାୟଗଡ଼ ବ୍ଲକ ପଞ୍ଚାୟତ ସମିତିର ସମୁଦାୟ ମୋଟ- ୫୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୪ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୩୮ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଗଜପତି ଜିଲ୍ଲାରେ ରାଜନୈତିକ ସମୀକରଣ ପରିବର୍ତ୍ତନମୁହାଁ

ପାରଳାଖେମୁଣ୍ଡି,୨୪ ।୩ (ନିପ୍ର):ପୌର ଓ ପଞ୍ଚାୟତ ନିର୍ବାଚନକୁ ବର୍ଷେ ବି ବାକି ନଥିବା ବେଳେ ଗଜପତି ଜିଲ୍ଲାରେ ରାଜନୈତିକ ସମୀକରଣ ପରିବର୍ତ୍ତନମୁହାଁ ହୋଇଛି । ଗୋଟିଏ ପଟେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଦଳରୁ ନିଲମ୍ବିତ ହେବା ପରେ ଜିଲ୍ଲାରେ ଦଳ ନେତୃତ୍ୱହୀନ ହୋଇଯାଇଥିବା ବେଳେ ଅନ୍ୟପଟେ ଗୋଷ୍ଠୀ କନ୍ଦଳ ବି ମୁଣ୍ଡ ଟେକିଛି । ଏଭଳି ପରିସ୍ଥିତିରେ ବିଧାୟକ ବିରୋଧୀ ଓ ସମର୍ଥକ ଗୋଷ୍ଠୀ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଯାଇଛି । ଯାହାର ଫାଇଦା ନେବାକୁ ବିଜେପି ଏବେ ଅଣ୍ଟା ଭିଡ଼ିଛି ଏଥିପାଇଁ ମିଶ୍ରଣ ପର୍ବକୁ ପ୍ରମୁଖ ମାଧ୍ୟମ ଭାବେ ଗ୍ରହଣ କରାଯାଇଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନୂଆ ନେତାଙ୍କୁ ଦଳରେ ସାମିଲ କରି ସଂଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାରେ ପ୍ରୟାସ ଜାରି ରଖିଛି । ଦୁଇ ଦିନ ହେଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀସ୍ତରୀୟ ମିଶ୍ରଣ ପର୍ବରେ କଂଗ୍ରେସ ଓ ବିଜେଡିର କର୍ମୀ ଓ ନେତାଙ୍କୁ ସାମିଲ




କରାଯାଇଥିଲା । ଗତ କାଲି ପୁଣି ପାରଳା ପୌର ପରିଷଦସ୍ତରରେ ଆୟୋଜିତ ମିଶ୍ରଣ ପର୍ବରେ ଉଭୟ ଦଳର କର୍ମୀ ସାମିଲ ହୋଇଛନ୍ତି । ଅବସରପ୍ରାପ୍ତ କିରାଣି ନରେଶ ସାହୁ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇ ପାରଳାଖେମୁଣ୍ଡି ପୌରପରିଷଦ ରାଜନୀତିରେ ସକ୍ରିୟ ଭାବେରେ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଯଥାଶୀଘ୍ର ମୋହନା ନିର୍ବାଚନମଣ୍ଡଳୀରେ ମଧ୍ୟ ବଡ଼ଧରଣର ମିଶ୍ରଣ ପର୍ବ ପାଇଁ ଆଭାସ ମିଳିଛି । ଯାହା ଦଳକୁ ଆହୁରି ସଂଗଠିତ କରିବ ବୋଲି ଜିଲ୍ଲା ବିଜେପି ସଭାପତି ନବକିଶୋର ଶବର ପ୍ରକାଶ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରାଜ୍ୟରେ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିଥିଲେ ହେଁ, ପାରଳାଖେମୁଣ୍ଡି ଓ ମୋହନାରେ ବିଜେପିକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ପୂର୍ବରୁ ଜିଲ୍ଲାରେ ସାଂଗଠନିକ ସ୍ଥିତି ଭଲ ନଥିବାରୁ ସରକାର ଗଠନ ପରେ ବି ଏଥିରେ ସୁଧାର ଆସି ପାରି ନଥିଲା । କିନ୍ତୁ ବର୍ତ୍ତମାନ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦଳ ଟାର୍ଗେଟ କରିଛି । କ୍ରସଭୋଟିଂ ପାଇଁ କଂଗ୍ରେସ ବିଧାୟକ ଦାଶର ଗମାଙ୍ଗ ତଥା ଜିଲ୍ଲା ସଭାପତିଙ୍କୁ ନିଲମ୍ବନ ପରେ ଜିଲ୍ଲାର ମଙ୍ଗ ଧରିବାକୁ ନେତା ଖୋଜ ଯାଉଥିବା ବେଳେ ବିଜେପି ତାର ଫାଇଦା ନେଉଛି । ମଙ୍ଗୁଆଳ ଯୋଗାଡ଼ କରିବା ପୂର୍ବରୁ ମଇଦାନ ଖାଲି କରିବାକୁ ବିଜେପି ଯୋଜନା କରୁଛି । ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ କହିଛନ୍ତି ଯେ, ଯେଉଁମାନେ ବିଜେପିରେ ସାମିଲ ହୋଇଛନ୍ତି, ରାଜନୀତିରେ ସେମାନଙ୍କର କୌଣସି ଅନୁଭୂତି ନାହିଁ ଏଣୁ. ସେମାନେ ଦଳ ଛାଡ଼ିଲେ ସଂଗଠନ ଉପରେ ଏହାର କୌଣସି ପ୍ରଭାବ ପଡ଼ିବନି କିଛି ଯୁବନେତା ସେମାନଙ୍କ ବ୍ୟାବସାୟିକ ଫାଇଦା ପାଇଁ ବିଜେପିରେ ସାମିଲ ହୋଇଛନ୍ତି ବୋଲି କହିଛନ୍ତି ।

# ବରିଷ୍ଠ ନାଗରିକଙ୍କ ପ୍ରତି ରାଉରକେଲା ପୋଲିସ ସକ୍ରିୟ

ରାଉରକେଲା,୨୪ ।୩ (ନିପ୍ର): ପୋଲିସ୍ ଜିଲ୍ଲାରେ ଥିବା ବରିଷ୍ଠ ନାଗରିକ ସେଲ୍ ମାଧ୍ୟମରେ ବୟୋଜ୍ୟେଷ୍ଠ ନାଗରିକଙ୍କ ପ୍ରତି ରାଉରକେଲା ପୋଲିସର ଅତୁଟ ସମର୍ଥନକୁ ସକ୍ରିୟ କରିବା ପାଇଁ ଆଜି ରାଉରକେଲା ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି ।

ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା, ସମ୍ମାନ ଓ କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ, ରାଉରକେଲା ପୋଲିସ ଥାନା ସ୍ତରରେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମାଧାନ ପାଇଁ ପୂର୍ବରୁ ରହିଥିବା ସିନିଅର ସିଟିଜେନ୍ ସେଲ୍କୁ ଆହୁରି ସୁଦୃଢ କରାଯାଇଛି । ସୁରକ୍ଷା ସମସ୍ୟା ସମାଧାନ ସହିତ, ଏହି ସେଲ୍ ଅପରାଧ ପ୍ରତିରୋଧ, ସାଇବର ସୁରକ୍ଷା ଓ ଆଇନଗତ ଅଧିକାର ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରି ବରିଷ୍ଠ ନାଗରିକମାନଙ୍କୁ ସ୍ୱୟଂ ସୁରକ୍ଷିତ ରହିବାରେ ସକ୍ଷମ କରାଯାଇଛି । ସ୍ଥାନୀୟ ଥାନାମାନଙ୍କ ସହ ସମନ୍ୱୟ ରଖି ସମସ୍ୟାଗୁଡ଼ିକୁ ଶୀଘ୍ର ଓ କାର୍ଯ୍ୟକାରୀ କରାଯିବା ସହିତ ସମାଧାନ କରାଯାଉଛି ଓ ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ରାଉରକେଲାର ବରିଷ୍ଠ ନାଗରିକଙ୍କ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଉରକେଲା ସହରର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୬୨ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି । ପଦକ୍ଷେପ ସ୍ୱରୂପ ରାଉରକେଲା ପୋଲିସ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ସୁନିଶ୍ଚିତତା ଓ କଲ୍ୟାଣ ବୃଦ୍ଧି ପାଇଁ ଚାଲୁଥିବା ପ୍ରୟାସର ଅଂଶ ଅଟେ । ଏହି ପରିଚୟ ପତ୍ର ମାଧ୍ୟମରେ ସହଜ ଚିହ୍ନଟ, ଶୀଘ୍ର ସହାୟତା ଓ ବୃଦ୍ଧମାନଙ୍କ ପାଇଁ ପୋଲିସର ପହଞ୍ଚ ଉନ୍ନତ କରିବାକୁ ଜରୁରୀ ସମୟରେ ସହାୟତା ମିଳିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏଥି ସହିତ, ରାଉରକେଲା ସହର ଅଧୀନରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ମୋଟ ୮୬ ଜଣ ବିଟ୍ ଅଫିସର୍ ନିଯୁକ୍ତ କରାଯାଇଛନ୍ତି ଓ ସେମାନଙ୍କୁ ଜ୍ୟେଷ୍ଠ ନାଗରିକମାନଙ୍କ ସହ ସମୟୋପଯୋଗୀ ସମ୍ପର୍କ ରଖିବା, ସେମାନଙ୍କ ସମସ୍ୟା ଶୁଣିବା ଓ ସୁରକ୍ଷା ନିଶ୍ଚିତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ରାଉରକେଲା ପୋଲିସ ସମୁଦାୟମୁଖୀ ପୋଲିସିଂ ପ୍ରତି ପ୍ରତିବଦ୍ଧ ରହି ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସହାୟକ ଓ ପ୍ରଗତିଶୀଳ ପରିବେଶ ସୃଷ୍ଟି ପାଇଁ ନିରନ୍ତର ପ୍ରୟାସ କରିବ ବୋଲି ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀ ।

25 03.2026.pmd 1 3/24/2026, 5:28 PM

## ସେନସେକ୍ସରେ ୧୩୭୨ ପଏଣ୍ଟ୍ ବୃଦ୍ଧି

ମୁମ୍ବାଇ,୨୪।୩: ଇରାନ ଯୁଦ୍ଧକୁ ନେଇ ପାଞ୍ଚଦିନିଆ ଯୁଦ୍ଧ ବିରତି ଘୋଷଣାକୁ ନେଇ ଇକ୍ୱିଟି ବଜାରର ନିବେଶକମାନେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଯୁଦ୍ଧ ଅଧିକ ଦିନ ଟାଣିବାକୁ ନେଇ ଆମେରିକା ଚାହୁଁନଥିବାରୁ ସଙ୍କେତ ସେଥିରୁ ମିଳୁଛି। ସେଥିପାଇଁ ସେମାନେ ଆଜି ବିଭିନ୍ନ କମ୍ପାନିରେ ନିବେଶ ବଢ଼ାଇଛନ୍ତି। ତାହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୧୩୭୨ ପଏଣ୍ଟ୍ ବୃଦ୍ଧି ପାଇ ୭୪,୦୬୮ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୪୦୦ ପଏଣ୍ଟ୍ ବୃଦ୍ଧି ପାଇ ୨୨,୯୧୨ ପଏଣ୍ଟରେ ବନ୍ଦ ହୋଇଛି। ବ୍ୟାଙ୍କ ଓ ଅଟୋମୋବାଇଲ୍ କମ୍ପାନିରେ ନିବେଶକମାନେ ଅଧିକ ପୁଞ୍ଜି ଖଟାଇଛନ୍ତି। ଆମେରିକା ସହ କଥାବାର୍ତ୍ତା କରିବାକୁ ଇରାନର ଶୀର୍ଷ ନେତା ମୋଜତବା ଖାମେନେଇ ରାଜି ହୋଇଥିବା ଖବର ଆସିବା ପରେ ସେୟାର ବଜାରରେ ନିବେଶକଙ୍କ ଉତ୍ସାହ ଆହୁରି ବଢ଼ିଯାଇଥିଲା। ଇରାନର ତୈଳ ଭିତ୍ତିଭୂମି ଉପରେ ଆକ୍ରମଣକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫ ଦିନ ଟାଳି ଦେବା ପରେ ଆମେରିକା ସେୟାର ବଜାରରେ ଗତକାଲି ଜବରଦସ୍ତ କାରବାର ହୋଇଥିଲା। ତାହାର ପ୍ରଭାବରେ ଭାରତରେ ମଧ୍ୟ ଆଜି କାରବାର ଉତ୍ସାହଜନକ ରହିଥିଲା। ଏସିଆ ମହାଦେଶରେ ଜାପାନର ନିକେଇ ସୂଚକାଙ୍କ ୧.୪୩ ପ୍ରତିଶତ ବୃଦ୍ଧି ପାଇ ୫୨,୨୫୨ ପଏଣ୍ଟରେ ବନ୍ଦ ହୋଇଛି।

## ଦିଲ୍ଲୀ ବିଧାନସଭାକୁ ବୋମାରେ ଉଡ଼ାଇଦେବାକୁ ଧମକ

ନୂଆଦିଲ୍ଲୀ,୨୪।୩: ଦିଲ୍ଲୀ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଉପସ୍ଥାପନା ପୂର୍ବରୁ ରାଜଧାନୀରେ ବଡ଼ ଧରଣର ଆତଙ୍କ ଖେଳିଯାଇଛି। ଦିଲ୍ଲୀ ବିଧାନସଭା ଏବଂ ଏହାର ନିକଟସ୍ଥ ମେଟ୍ରୋ ଷ୍ଟେସନକୁ ବୋମାରେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ଇ-ମେଲ୍ ଆସିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦ୍ର ଗୁପ୍ତାଙ୍କ ପାଖକୁ ଏହି ଧମକପୂର୍ଣ୍ଣ ଇ-ମେଲ୍ ଆସିଛି। କେହି ଅଜ୍ଞାତ ବ୍ୟକ୍ତି ବା ସଙ୍ଗଠନ ଏହି ମେଲ୍ ପଠାଇଥିବା ଜଣାପଡ଼ିଛି। କେବଳ ବିଧାନସଭା ନୁହେଁ, ବରଂ ନିକଟରେ ଥିବା 'ବିଧାନସଭା ମେଟ୍ରୋ ଷ୍ଟେସନ୍'କୁ ମଧ୍ୟ ବୋମାରେ ଉଡ଼ାଇ ଦେବାକୁ ଦୁର୍ବୃତ୍ତମାନେ ଏହି ମେଲରେ ଧମକ ଦେଇଛନ୍ତି, ଯାହା ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଶାନ୍ତି ହିଁ ସମାଧାନ: ମୋଦି

## ୩.୭୫ଲକ୍ଷ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯାଇଛି



- ସମ୍ବାଦ ଓ କୂଟନୀତି ମାଧ୍ୟମରେ ସମସ୍ୟାର ହେବ ସମ୍ଭବ
- ସବୁ ସ୍ରୋତରୁ ତେଲ,ଗ୍ୟାସ ଯୋଗାଡ କରୁଛି

ନୂଆଦିଲ୍ଲୀ, ୨୪ ।୩(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାଜ୍ୟସଭାରେ କହିଛନ୍ତି ଯେ ପଶ୍ଚିମ ଏସିଆରେ ଚାଲୁଥିବା ସାମରିକ ସଂଘର୍ଷ ମଧ୍ୟରେ ବର୍ତ୍ତମାନ ବିଶ୍ୱ ଉର୍ଜା ସଙ୍କଟକୁ ମୁକାବିଲା କରିବା ପାଇଁ ଭାରତ ସମସ୍ତ ସମ୍ଭବ ସ୍ରୋତରୁ ଅଶୋଧିତ ତେଲ ଓ ଗ୍ୟାସ ସଂଗ୍ରହ କରୁଛି। ସେ ସ୍ପଷ୍ଟ କରିଛନ୍ତି ଯେ ସରକାରଙ୍କର ମୁଖ୍ୟ ଗୁରୁତ୍ୱ ଦେଶରେ ଉର୍ଜା ଯୋଗାଣକୁ ଜାରି ରଖିବା ସହିତ କୂଟନୀତିକ ଉଦ୍ୟମ ମାଧ୍ୟମରେ ଅଞ୍ଚଳରେ ଶାନ୍ତି ପୁନସ୍ଥାପନ କରିବା ଉପରେ ଅଛି, କାରଣ ଦୀର୍ଘ ସମୟଧରି ଚାଲୁଥିବା ଏହି ସଙ୍କଟ ଗୁରୁତର ବିଶ୍ୱ ଓ ଆର୍ଥିକ ପରିଣାମ ଆଣିପାରେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମ ଏସିଆରେ ଚାଲୁଥିବା ସଂଘର୍ଷକକୁ ତିନି ସପ୍ତାହରୁ ଅଧିକ ସମୟ ହୋଇଯାଇଛି ଏବଂ ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଛି। ଭାରତପାଇଁ ମଧ୍ୟ ଏହା ଚିନ୍ତାଜନକ,କାରଣ ଏହାରପ୍ରଭାବରେ ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ସରକାରୀ ସାର ଭଳି ଆବଶ୍ୟକ ବସ୍ତୁଗୁଡ଼ିକର ଯୋଗାଣ ପ୍ରଭାବିତ ହେଉଛି। ସେଥିସହିତ ବିଶ୍ୱ ବ୍ୟାପାର ମାର୍ଗଗୁଡ଼ିକ ଉପରେ ମଧ୍ୟ ଚାପ ବଢ଼ିଛି, ବିଶେଷକରି ହର୍ମୁଜ୍ ପ୍ରଣାଳୀରେ ଜାହାଜ ଅଟକିଥିବାରୁ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି। ସେ କହିଛନ୍ତି ଯେ ଉପସାଗରୀୟ ଦେଶଗୁଡ଼ିକରେ ପ୍ରାୟ ଏକ କୋଟି ଭାରତୀୟ ରହୁଛନ୍ତି, ସେମାନଙ୍କ ସୁରକ୍ଷା ଓ ଜୀବିକା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଯୁଦ୍ଧ ଆରମ୍ଭ ହେବା ପରେ ଏପର୍ଯ୍ୟନ୍ତ ୩.୭୫ଲକ୍ଷରୁ ଅଧିକ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯାଇଛି। ଇରାନରୁ ମଧ୍ୟ ୧,୦୦୦ ରୁ ଅଧିକଭାରତୀୟଙ୍କୁ ଫେରାଇ ଅଣାଯାଇଛି,ଯାହାମଧ୍ୟରେ ବହୁସଂଖ୍ୟକ ଛାତ୍ର ଅଛନ୍ତି। କିଛି ଭାରତୀୟଙ୍କ ମୃତ୍ୟୁ ଓ ଆହତ ଘଟଣା ମଧ୍ୟ ସମ୍ମୁଖୀନ ହୋଇଛି, ସେମାନଙ୍କପରିବାରକୁ ସମସ୍ତ ସହାୟତା ଦିଆଯାଉଛି। ପ୍ରଧାନମନ୍ତ୍ରୀ ଜୋର୍ ଦେଇ କହିଛନ୍ତି ଯେ ଏହି ସଙ୍କଟର ସମାଧାନ କେବଳ ସମ୍ବାଦ ଓ କୂଟନୀତି ମାଧ୍ୟମରେ ସମ୍ଭବ। ସେ କହିଛନ୍ତି ଯେ ସେ ପଶ୍ଚିମ ଏସିଆର ଅନେକ ଦେଶରନେତାମାନଙ୍କ ସହିତ ଦୁଇଥର ଆଲୋଚନା କରିଛନ୍ତି। ଏହାଛଡ଼ା ଭାରତ ଇରାନ, ଇଜରାଇଲ, ଆମେରିକା ଓଅନ୍ୟାନ୍ୟ ଉପସାଗରୀୟ ଦେଶ ସହିତ ଲଗାତାର ସମ୍ପର୍କରେ ଅଛି। ଭାରତ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଓ ଅନ୍ତର୍ଜାତୀୟ ସମୁଦ୍ର ମାର୍ଗରେ ବାଧାକୁ ଅସ୍ୱୀକାର୍ଯ୍ୟ ବୋଲି କହିଛି। ସେ କହିଛନ୍ତି ଯେ ସରକାର ଏହା ନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସକରୁଛି ଯେ ତେଲ, ଗ୍ୟାସ ଓ ସାର ବୋଝାଇ ଆସୁଥିବା ଜାହାଜଗୁଡ଼ିକ ସୁରକ୍ଷିତ ଭାବେ ଭାରତରେ ପହଞ୍ଚନ୍ତୁ। ଶେଷ କିଛି ଦିନରେ ବହୁଦେଶରୁ ଅଶୋଧିତ ତେଲ ଓ ଏଲପିଜି ଭର୍ତ୍ତି ଜାହାଜ ଭାରତକୁ ପହଞ୍ଚିଛି ଏବଂ ଏହି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ।ଉର୍ଜା ସୁରକ୍ଷା ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ଦଶବର୍ଷରେଭାରତ ଏହି ଦିଗରେ ବଡ଼ ପଦକ୍ଷେପ ନିଆଯାଇଛି। ପୂର୍ବରୁ ଭାରତ ୨୭ଟି ଦେଶରୁ ଉର୍ଜା ଆମଦାନି କରୁଥିଲା, ବର୍ତ୍ତମାନ ଏହାବଢ଼ି ୪୧ଟି ଦେଶକୁ ପହଞ୍ଚିଛି। ଏହା ସହିତ ୫୩ ଲକ୍ଷ ମେଟ୍ରିକ ଟନରୁ ଅଧିକ ରଣନୀତିଗତ ପେଟ୍ରୋଲିୟମ ଭଣ୍ଡାର ଉନ୍ନତ କରାଯାଇଛି ଏବଂ ଏହାକୁ ଆଗକୁ ବଢ଼ାଇବା ଉଦ୍ୟମ ଚାଲିଛି। ସେଆଶ୍ୱାସନା ଦେଇଛନ୍ତି ଯେ ଦେଶରେ ଅଶୋଧିତ ତେଲର ପର୍ଯ୍ୟାପ୍ତ ଭଣ୍ଡାର ଓ ଯୋଗାଣ ବ୍ୟବସ୍ଥା ମଜଭୁତ ଅଛି।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଧର୍ମ ପରିବର୍ତ୍ତନ କଲେ ଏସ୍‌ସି ମାନ୍ୟତା ହେବ ରଦ୍ଦ



ନୂଆଦିଲ୍ଲୀ,୨୪।୩: ଭାରତରେ ଜାତିଭିତ୍ତିକ ଭେଦଭାବର ଶିକାର ବଢୁଥିବା ନେଇ ଅନେକ ରିପୋର୍ଟ ସାମ୍ନାକୁ ଆସିଛି। ଏହାକୁ ଅନେକ ସଂଗଠନ ବିରୋଧ କରିଆସୁଛନ୍ତି। ଏବେ ଏହି ପ୍ରସଙ୍ଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ହିନ୍ଦୁ, ଶିଖ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ଅନୁସୂଚିତ ଜାତି ମାନ୍ୟତା ଦିଆଯାଇପାରିବ ନାହିଁ। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ ସଂରକ୍ଷିତ ରଖି ଏଭଳି ରାୟ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ଆନ୍ଧ୍ର ହାଇକୋର୍ଟ ଏକ ମାମଲାରେ ରାୟ ଦେଇ କହିଥିଲେ, କୌଣସି ବ୍ୟକ୍ତି ଖ୍ରୀଷ୍ଟିଆନ ଧର୍ମକୁ ଆପଣାଇବା ସହ ଏହାକୁ ପାଳନ କରୁଥିଲେ ସେମାନଙ୍କୁ ଅନୁସୂଚିତ ଜାତି ତାଲିକାରୁ ବାଦ୍ ଦିଆଯିବ । କେବଳ ସମ୍ବିଧାନ ଯେଉଁମାନଙ୍କୁ ଅନୁସୂଚିତ ଜାତି ତାଲିକାରେ ଅର୍ନ୍ତଭୁକ୍ତ କରିଛି ସେମାନଙ୍କୁ ଏହି ମାନ୍ୟତା ମିଳିବ । ଆନ୍ଧ୍ର ହାଇକୋର୍ଟ ଶୁଣାଣି କରିଥିବା ମାମଲାରେ, ଜଣେ ଅନୁସୂଚିତ ଜାତିର ବ୍ୟକ୍ତି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ଏହାକୁ ପାଳନ କରୁଥିଲେ । ପରେ ମାରପିଟକୁ ନେଇ କିଛି ବ୍ୟକ୍ତିଙ୍କ ବିରୋଧରେ ଅନୁସୂଚିତ ଜାତି ଓ ଜନଜାତି ଅଧିନିୟମ ଅନୁଯାୟୀ ମାମଲା ଦାୟର କରି ସୁରକ୍ଷା ମାଗିଥିଲେ । ଯାହାକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଅପରପକ୍ଷ। ଏହାର ଶୁଣାଣି କରି କୋର୍ଟ କହିଥିଲେ ଜାତିବ୍ୟବସ୍ଥା ଖ୍ରୀଷ୍ଟିଆନ ଧର୍ମରେ ନାହିଁ । ତେଣୁ ଅଭିଯୋଗକାରୀଙ୍କୁ ଏସସି/ଏସଟି ଅଧିନିୟମରେ ମିଳୁଥିବା ସୁବିଧାରୁ ବଞ୍ଚିତ କରାଯିବା ଆବଶ୍ୟକ।

# ଇସ୍ରାଏଲ ଉପରେ ମିଶାଇଲ୍ ଆକ୍ରମଣ କଲା ଇରାନ

## ପୁଣି ବଢ଼ିଲା ତେଲ ଦର




ତେହରାନ୍,୨୪ ।୩: ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ସମ୍ପର୍କରେ ଆଲୋଚନା ଆରମ୍ଭ କରିବା ପାଇଁ ପ୍ରୟାସ ତୀବ୍ର ହୋଇଛି । ତଥାପି, ପରିସ୍ଥିତି ସ୍ୱାଭାବିକ ହେବା ପରି ମନେ ହେଉନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଏନର୍ଜି ଭିତ୍ତିଭୂମି ବିରୋଧରେ ୫ ଦିନ ଯୁଦ୍ଧ ସ୍ଥଗିତ ରଖିବା ନେଇ ଘୋଷଣା କରିଛନ୍ତି । ସଦ୍ୟତମ ଘଟଣାକ୍ରମରେ, ଇସ୍ରାଏଲ ରିପୋର୍ଟ କରିଛି ଯେ ଇରାନ ମାଶାଇଲ୍ ଆଟାକ୍ କରୁଛି। ଇସ୍ରାଏଲୀ ସେନା ଆଜି ସକାଳେ ଦେଶର ନାଗରିକମାନଙ୍କୁ ଏକ ଜରୁରୀକାଳୀନ ଚେତାବନୀ ଜାରି କରିଛି। ସେନା ପକ୍ଷରୁ କୁହାଯାଇଛି ଯେ, ଇରାନରୁ ଇସ୍ରାଏଲୀ ଅଞ୍ଚଳ ଆଡକୁ ମିଶାଇଲ୍ ଆଟାକ୍ ହେଉଛି। ଯାହା ଫଳରେ ଚଳିତ ସଂଘର୍ଷରେ ଉତ୍ତେଜନା ବୃଦ୍ଧି ପାଇଛି। ଏକ ସଂକ୍ଷିପ୍ତ ବିବୃତ୍ତିରେ, ସେନା ନିଶ୍ଚିତ କରିଛି ଯେ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସକ୍ରିୟ ଭାବରେ ଆସୁଥିବା ମିଶାଇଲକୁ ଅଟକାଇବା ପାଇଁ କାର୍ଯ୍ୟ କରୁଛି। ଅନ୍ୟପଟେ ପ୍ରଭାବିତ ଅଞ୍ଚଳରେ ସତର୍କତା ଜାରି ରହିଛି। ଅନ୍ୟପଟେ ତେହରାନ୍ ଆମେରିକା ସହିତ ଆଲୋଚନା କରିବାକୁ ମନା କରିବାରୁ ତେଲ ଦର ମଧ୍ୟ ବୃଦ୍ଧି ପାଇଛି । ଟ୍ରମ୍ପ ଇରାନ ଏନର୍ଜି ଭିତ୍ତିଭୂମି ଉପରେ ଆମେରିକାର ଆକ୍ରମଣ ବନ୍ଦ କରିବାର ଘୋଷଣା କରିବା ମାତ୍ରେ ତେଲ ମୂଲ୍ୟ ହ୍ରାସ ପାଇଥିଲା। ଦିନକ ପୂର୍ବରୁ ପ୍ରାୟ ଏକ ପ୍ରତିଶତ ବୃଦ୍ଧି ପାଇବା ପରେ ଅଶୋଧିତ ତେଲ ମୂଲ୍ୟ ୧୪ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଏହି ସମୟରେ, ଅନ୍ତର୍ଜାତୀୟ ବେଞ୍ଚମାର୍କ ବ୍ରେଣ୍ଟ ନର୍ଥ ସି ଅଶୋଧିତ ତେଲ ପ୍ରତି ବ୍ୟାରେଲ ୬.୭ ପ୍ରତିଶତ ହ୍ରାସ ପାଇ ୧୦୪.୭୦ ଡଲାରରେରେ ପହଞ୍ଚିଥିଲା। ମୁଖ୍ୟ ଆମେରିକୀୟ ତୈଳ ଚୁକ୍ତିନାମା ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ୬.୯ ପ୍ରତିଶତ ହ୍ରାସ ପାଇ ୯୧.୪ ଡଲାରରେ ପହଞ୍ଚିଛି । ହେଲେ ଇରାନ ଆମେରିକା ସହିତ ଆଲୋଚନା କରିଥିବା କଥା ଅସ୍ୱୀକାର କରିବା ପରେ ନକାରାତ୍ମକ ପ୍ରଭାବ ପକାଇଥିଲା। ମଙ୍ଗଳବାର ପ୍ରାରମ୍ଭିକ ବାଣିଜ୍ୟରେ ତେଲ ମୂଲ୍ୟ ବୃଦ୍ଧି ପାଇଥିଲା, ବ୍ରେଣ୍ଟ ଫ୍ୟୁଚର୍ସ ପ୍ରତି ବ୍ୟାରେଲ ୧.୧ ପ୍ରତିଶତ ବୃଦ୍ଧି ପାଇ ୧୦୧ ଡଲାରରେ ପହଞ୍ଚିଥିଲା ଏବଂ ଆମେରିକା ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ୧.୮ ପ୍ରତିଶତ ବୃଦ୍ଧି ପାଇ ୮୯.୭୧ ଡଲାରରେ ପହଞ୍ଚିଛି ।

## ହୋଲି ଓ ଦୀପାବଳିରେ ମିଳିବ ମାଗଣା ଏଲ୍‌ପିଜି ସିଲିଣ୍ଡର



ନୂଆଦିଲ୍ଲୀ,୨୪।୩: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ଦିନ ୧,୦୩,୭୦୦ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟରେ ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଘୋଷଣା କରାଯାଇଛି। ଦିଲ୍ଲୀର ପ୍ରତି ପରିବାରକୁ ହିନ୍ଦୁ ପର୍ବ ହୋଲି ଏବଂ ଦୀପାବଳି ଅବସରରେ ଗୋଟିଏ ଲେଖାଏଁ (ମୋଟ ଦୁଇଟି) ମାଗଣା ଏଲପିଜି ସିଲିଣ୍ଡର ଯୋଗାଇ ଦିଆଯିବ ଏବଂ ଏଥିପାଇଁ ବଜେଟରେ ୨୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏମସିଡିକୁ ବିପୁଳ ଅନୁଦାନ: ଦିଲ୍ଲୀ ମହାନଗର ନିଗମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବଜେଟରେ ୧୧,୬୬୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ନିଜ ବଜେଟକୁ ଏକ 'ଗ୍ରୀନ୍ ବଜେଟ୍' ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ପୂର୍ବତନ ଅରବିନ୍ଦ କେଜ୍ରିୱାଲ୍ ସରକାରଙ୍କ ସମୟର 'ମାଗଣା ସଂସ୍କୃତି'କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହି କାରଣରୁ ଦିଲ୍ଲୀର ଅଭିବୃଦ୍ଧି ହାର ପ୍ରଭାବିତ ହେବା ସହ ୨୦୧୮ ରୁ ୨୦୨୦ ମଧ୍ୟରେ ରାଜସ୍ୱ ଆଦାୟ ହ୍ରାସ ପାଇଥିଲା। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଟିକସ ରାଜସ୍ୱ ୭୪,୦୦୦ କୋଟି ଟଙ୍କା ଆକଳନ କରାଯାଇଛି। ତେବେ ସୁରକ୍ଷିତ ରାସ୍ତା ଏବଂ ନିରବଚ୍ଛିନ୍ନ ଯୋଗାଯୋଗ ଲକ୍ଷ୍ୟରେ ପୂର୍ତ୍ତ ବିଭାଗ ପାଇଁ ୫,୯୨୧ କୋଟି ଏବଂ ସହର ବିକାଶ ଓ ବାସଗୃହ ପ୍ରକଳ୍ପ ପାଇଁ ୭,୮୮୭ କୋଟି ଟଙ୍କା ରଖାଯାଇଛି। ବିଜେପି ସରକାରଙ୍କ ଏହି ଦ୍ୱିତୀୟ ବଜେଟ୍ ସମ୍ପୂର୍ଣ୍ଣ ରୂପେ ଲୋକଙ୍କ ପରାମର୍ଶ ଏବଂ ଏକ ବିକଶିତ ଦିଲ୍ଲୀର ରୂପରେଖ ଉପରେ ଆଧାରିତ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଭାରତର ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ମାଫିଆ ଜସବିନ୍ଦର ଦୁବାଇରେ ଗିରଫ

ନୂଆଦିଲ୍ଲୀ,୨୪।୩: ଭାରତର ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ମାଷ୍ଟର ଜସବିନ୍ଦର ଓରଫ ଜାଜ୍‌ଙ୍କୁ ଦୁବାଇରେ ଗିରଫ କରାଯାଇଛି। ଭାରତୀୟ ଏଜେନ୍ସିଗୁଡ଼ିକରୁ ମିଳିଥିବା ସୂଚନା ଅନୁଯାୟୀ, ଇଣ୍ଟରପୋଲ୍ ଏହି ପ୍ରମୁଖ ଡ୍ରଗ୍ସ ସିଣ୍ଡିକେଟର ମାଷ୍ଟରମାଇଣ୍ଡ ଜସବିନ୍ଦରଙ୍କୁ ଗିରଫ କରିଛି। ଏନସିବି ପୂର୍ବରୁ ତାଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରିଥିଲା । ଜସବିନ୍ଦର ଆମେରିକାର ଗୁପ୍ତଚର ସଂସ୍ଥା ସିଆଇଏ ପାଇଁ କାମ କରୁଥିବା ଅଭିଯୋଗ ହୋଇଛି । ତଥାପି, ଏହା ନିଶ୍ଚିତ ହୋଇନାହିଁ । ଗିରଫ ହେବା ପରେ, ଅଭିଯୁକ୍ତଙ୍କୁ ପଚରାଉଚରା କରାଯିବ । ତା'ପରେ ହିଁ ଜଣାପଡିବ ଯେ ସେ ସିଆଇଏ ପାଇଁ କାମ କରୁଥିଲେ କି ନାହିଁ । ସୂତ୍ର ଅନୁସାରେ, ତାଙ୍କୁ ତିନି ଦିନ ପୂର୍ବରୁ ବିମାନବନ୍ଦର ଛାଡିବା ସମୟରେ ଅଟକ ରଖାଯାଇଥିଲା । ଆଗାମୀ କିଛି ଦିନ ମଧ୍ୟରେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି । ଜସବିନ୍ଦର ଏକ ବଡ଼ ନେଟୱାର୍କ ସମ୍ପର୍କରେ ସୂଚନା ପ୍ରକାଶ କରିପାରନ୍ତି ବୋଲି ଆଶା କରାଯାଉଛି ।ତାଙ୍କ ଇସାରାରେ ଭାରତର ସବୁଠାରୁ ବଡ଼ ଡ୍ରଗ୍ସ ସିଣ୍ଡିକେଟ୍ ପରିଚାଳିତ ହୋଇଥାଏ । ସେ ଦୀର୍ଘ ଦିନ ଧରି ଏହାକୁ ସ୍ୱାଧୀନ ଭାବରେ ପରିଚାଳନା କରିଆସୁଛନ୍ତି । ସୁରକ୍ଷା ଏଜେନ୍ସିଗୁଡ଼ିକ ତାଙ୍କୁ ବହୁତ ଦିନ ଧରି ଖୋଜୁଛନ୍ତି, କିନ୍ତୁ ସେ ଲଗାତାର ଖସିଯିବାରେ ସଫଳ ହେଉଥିଲେ । ତେଣୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଇଣ୍ଟରପୋଲ୍ ଠାରୁ ସହାୟତା ଲୋଡ଼ିଥିଲେ।

# ଆଖି ବୁଜିଲେ ହରିଶ ରାଣା



ନୂଆଦିଲ୍ଲୀ,୨୪।୩ : ୧୩ ବର୍ଷ ଯାଏ କୋମାରେ ରହିବା ପରେ ଶେଷରେ ହରିଶ ରାଣାଙ୍କୁ କଷ୍ଟରୁ ମିଳିଛି ମୁକ୍ତି। ସୁପ୍ରିମକୋର୍ଟଙ୍କ ପକ୍ଷରୁ ମିଳିଥିବା ଇଚ୍ଛାମୃତ୍ୟୁର ଅନୁମତି ପରେ ଏମ୍ସରେ ହରିଶ ରାଣା ମଙ୍ଗଳବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ହରିଶ ୧୪ ମାର୍ଚ୍ଚରୁ ଏମ୍ସର ଆଇଆରସିଏ ପାଲିଏଟିଭ୍ କେୟାର ୱାର୍ଡରେ ଭର୍ତ୍ତି ହୋଇଥିଲେ। ଏହା ଦେଶରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ପ୍ରଥମ ଘଟଣା। ମାତା ପିତାଙ୍କ ପକ୍ଷରୁ ଅନୁରୋଧ କରାଯିବା ପରେ ୧୧ ମାର୍ଚ୍ଚରେ ସୁପ୍ରିମକୋର୍ଟ ଡାକ୍ତରଙ୍କ ଅନୁଧ୍ୟାନରେ ହରିଶ ରାଣାଙ୍କ ପାଇଁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ଅନୁମତି ଦେଇଥିଲେ। ଏହାପରେ ଏମ୍ସ ଡାକ୍ତରମାନଙ୍କର ଏକ କମିଟି ଗଠନ କରିଥିଲା। ଏଠାରେ ଧିରେ ଧିରେ ହରିଶଙ୍କର ଭୋଜନ ଓ ପାଣି ବନ୍ଦ କରିଦିଆଗଲା। ଦିଲ୍ଲୀ ଏମ୍ସରେ ନିୟମ ମୁତାବକ ତାଙ୍କ ଶରୀରରୁ ଲାଇଫ୍ ସପୋର୍ଟ ହଟାଇ ଦିଆଯାଇଥିଲା । ୧୦ ସଦସ୍ୟ ଥିବା ଡାକ୍ତରୀ ପ୍ୟାନେଲ ଏହି କାମରେ ନିୟୋଜିତ ଥିଲେ । ଏହାପରେ ହରିଶଙ୍କୁ ସମ୍ମାନଜନକ ମୃତ୍ୟୁ ମିଳିଛି । ଉଲ୍ଲେଖନୀୟ ଯେ, ହରିଶ ରାଣା ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବିଟେକର ଛାତ୍ର ଥିଲେ। ସେ ୨୦୧୩ରେ ୪ର୍ଥ ମହଲାର ବାଲକୋନିରୁ ଖସି ପଡ଼ିଥିଲେ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।

## ଭୂକମ୍ପ ଝଟକାରେ ଥରିଲା ଟୋଙ୍ଗା

ନୂଆଦିଲ୍ଲୀ,୨୪/୩:ଭୂକମ୍ପ ଝଟକାରେ ଥରିଲା ଟୋଙ୍ଗା। ଓସେନିଆ ମହାଦେଶର ଟୋଙ୍ଗା ଅଞ୍ଚଳ ନିକଟସ୍ଥ ନେୟାଫୁରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଯାହାର ରିକ୍ଟର ସ୍କେଲରେ ତୀବ୍ରତା ୭.୬ ରେକର୍ଡ କରାଯାଇଛି । ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁଯାୟୀ, ଭୂମିକମ୍ପର ଗଭୀରତା ୨୩୫ କିଲୋମିଟରରୁ ଅଧିକ ଥିବା ଜଣାପଡିଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ। ଟୋଙ୍ଗା ହେଉଛି ୧୭୧ଟି ଦ୍ୱୀପପୁଞ୍ଜକୁ ନେଇ ଗଠିତ ଏକ ଦ୍ୱୀପ ରାଷ୍ଟ୍ର। ଏହା ଅଷ୍ଟ୍ରେଲିଆର ପୂର୍ବ ଉପକୂଳରୁ ପ୍ରାୟ ୩,୫୦୦ କିଲୋମିଟର ଦୂରରେ ଅବସ୍ଥିତ। ଆମେରିକାର ଭୂତତ୍ତ୍ୱ ସର୍ଭେ ଅନୁସାରେ, ଦକ୍ଷିଣ ପ୍ରଶାନ୍ତ ମହାସାଗରର ଟୋଙ୍ଗାର ନେୟାଫୁରୁ ପ୍ରାୟ ୧୫୩ କିଲୋମିଟର ପଶ୍ଚିମରେ ଏହି ଭୂମିକମ୍ପ ହୋଇଥିଲା। ଟଝଏଝ ତଥ୍ୟ ଅନୁଯାୟୀ, ସ୍ଥାନୀୟ ସମୟ ୯ଟା ୩୭ ରେ ଏହି ଭୂମିକମ୍ପ ହୋଇଥିଲା। ଏହି ଶକ୍ତିଶାଳୀ ଭୂମିକମ୍ପ ପରେ ସୁନାମି ଚେତାବନୀ ଜାରି କରାଯାଇଛି।

# ପାକିସ୍ତାନ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ

## ୟୁପିର ଲୋନି ବିଶ୍ୱର ପ୍ରଦୂଷିତ ସହର ଶୀର୍ଷରେ



ନୂଆଦିଲ୍ଲୀ/ବେନ,୨୪।୩: ଗତ ବର୍ଷ ୨୦୨୫ ମସିହାରେ ପାକିସ୍ତାନ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ଥିଲା। ମଙ୍ଗଳବାର ପ୍ରକାଶିତ ଏକ ଗବେଷଣା ଅନୁଯାୟୀ, ଏଠାରେ ବିପଦପୂର୍ଣ୍ଣ କ୍ଷୁଦ୍ର କଣିକା ପିଏମ୍ ୨.୫ର ପରିମାଣ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ନିରାପଦ ସ୍ତର ଅପେକ୍ଷା ପ୍ରାୟ ୧୩ ଗୁଣା ଅଧିକ ଥିବା ଜଣାପଡିଛି। ସର୍ବାଧିକ ପ୍ରଦୂଷିତ ଦେଶ ତାଲିକାରେ ବାଂଲାଦେଶ ଦ୍ୱିତୀୟ ଏବଂ ତାଜିକିସ୍ତାନ ତୃତୀୟ ସ୍ଥାନରେ ରହିଛି। ଏହି ତାଲିକାରେ ଭାରତ ଷଷ୍ଠ ସ୍ଥାନରେ ଅଛି। ସ୍ୱିସ୍ ବାୟୁ ଗୁଣବତ୍ତା ମନିଟରିଂ କମ୍ପାନି ଆଇକ୍ୟୁଏୟାର ନିଜର ବାର୍ଷିକ ରିପୋର୍ଟରେ କହିଛି ଯେ, ଗତ ବର୍ଷ ୧୩ଟି ଦେଶ ଏବଂ ଅଞ୍ଚଳରେ ହାରାହାରି ପିଏମ୍ ୨.୫ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ମାନକ ପ୍ରତି ଘନ ମିଟର ୫ ମାଇକ୍ରୋଗ୍ରାମ ତଳେ ରହିଛି। ୨୦୨୪ ମସିହାରେ, ଏପରି ଦେଶ ଏବଂ ଅଞ୍ଚଳର ସଂଖ୍ୟା ସାତ ଥିଲା। ରିପୋର୍ଟ ଅନୁଯାୟୀ, ମୋଟାମୋଟି ଭାବରେ ସର୍ଭେ କରାଯାଇଥିବା ୧୪୩ ଦେଶ ଏବଂ ଅଞ୍ଚଳ ମଧ୍ୟରୁ ୧୩୦ଟି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶାବଳୀ ପାଳନ କରିବାରେ ବିଫଳ ହୋଇଛନ୍ତି। ଭାରତର ଲୋନି ଉତ୍ତରପ୍ରଦେଶର ଗାଜିଆବାଦରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଥିଲା , ଯେଉଁଠାରେ ପ୍ରତି ଘନ ମିଟରରେ ହାରାହାରି ପିଏମ୍ ୨.୫ ସ୍ତର ୧୧୨.୫ ମାଇକ୍ରୋଗ୍ରାମ ଥିଲା। ଚୀନର ଉତ୍ତର-ପଶ୍ଚିମ ଅଞ୍ଚଳରେ ଥିବା ହୋତାନ ସହର ୧୦୯.୬ ମାଇକ୍ରୋଗ୍ରାମ ସହିତ ଦ୍ୱିତୀୟ ସ୍ଥାନରେ ଥିଲା। ବିଶ୍ୱର ସର୍ବାଧିକ ୨୫ ଟି ପ୍ରଦୂଷିତ ସହର ଭାରତ, ପାକିସ୍ତାନ ଏବଂ ଚୀନରେ ରହିଥିବା ଏଥିରେ ପ୍ରକାଶ ପାଇଛି। ବିଶ୍ୱର କେବଳ ୧୪ ପ୍ରତିଶତ ସହର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ପୂରଣ କରିବେ, ଯାହା ଗତ ବର୍ଷ ୧୭ ପ୍ରତିଶତ ଥିଲା। କାନାଡାରେ ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁଁ ଆମେରିକା ଏବଂ ୟୁରୋପରେ ମଧ୍ୟ ପିଏମ୍ ୨.୫ ସ୍ତର ବୃଦ୍ଧି ପାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାନଦଣ୍ଡ ପୂରଣ କରିଥିବା ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ଆଇସଲ୍ୟାଣ୍ଡ, ଏଷ୍ଟୋନିଆ ଏବଂ ପାନାମା ଅନ୍ତର୍ଭୁକ୍ତ। ଲାଓସ, କାମ୍ବୋଡିଆ ଏବଂ ଇଣ୍ଡୋନେସିଆରେ ଗତ ବର୍ଷ ତୁଳନାରେ ପିଏମ୍ ୨.୫ ସ୍ତରର ଉଲ୍ଲେଖନୀୟ ହ୍ରାସ ଘଟିଛି। ଯାହାର ମୁଖ୍ୟ କାରଣ ଲା ନିନା ଋତୁ। ଏହାଯୋଗୁ ଅଧିକ ବର୍ଷା ଏବଂ ପ୍ରବଳ ପବନ ହୋଇଥିଲା। ମଙ୍ଗୋଲିଆରେ, ହାରାହାରି ପିଏମ୍ ୨.୫ ସ୍ତର ୩୧ ପ୍ରତିଶତ ହ୍ରାସ ପାଇ ପ୍ରତି ଘନ ମିଟରରେ ୧୭.୮ ମାଇକ୍ରୋଗ୍ରାମକୁ ହ୍ରାସ ପାଇଛି। ସାମଗ୍ରିକ ଭାବରେ, ୭୫ ଟି ଦେଶ ଗତ ବର୍ଷ ତୁଳନାରେ ପିଏମ୍ ୨.୫ ସ୍ତର କମ୍ ରେକର୍ଡ କରିଛନ୍ତି। ସେହିପରି ୫୪ ଦେଶ ଉଚ୍ଚ ହାରାହାରି ସ୍ତର ରେକର୍ଡ କରିଛନ୍ତି।

# ନିର୍ମାଣାଧୀନ ସ୍ଥାନରୁ ଲୁହା ରଡ୍ ଚୋରି, ଦୁଇ ଗିରଫ

ଭୁବନେଶ୍ୱର(ନିପ୍ର): ନିର୍ମାଣଧିନ ସ୍ଥାନରୁ ଲୁହାରଡ ଚୋରି କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିଶାଳ ରାଉତ ଓରଫ ରାଜା ଏବଂ ରୋହିତ ସିଂହ ଓରଫ ବବୁଆ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ଦିଲ୍ଲୀପ ସେଠୀଙ୍କର ଜଗନ୍ନାଥପୁର ଗ୍ରାମରେ ନମ୍ବର.- ୩୪୬/୨୮୭୯ ଓ ୩୪୨/୨୬୭୮ ବିଶିଷ୍ଟ ମୋଟ ୬୦ ଡିସିମିଲ ପରିମାଣର ଦୁଇଟି ପ୍ଲଟ ରହିଛି । ସେହି ପ୍ଲଟ ଦୁଇଟିରେ ସେ ପାଚେରୀ ନିର୍ମାଣ କରିବା ଲାଗି ୧୩ ଗୋଟି କଂକ୍ରିଟ ପିଲାର ସ୍ଥାପନ କରିଥିଲେ । କିନ୍ତୁ ସନ୍ଧ୍ୟା ହୋଇଯିବାରୁ କଂକ୍ରିଟ କାମ ବନ୍ଦ କରିଦିଆଯାଇଥିଲା, ଯାହାଫଳରେ ଚ଼ାରିଟି ପିଲାରର କଂକ୍ରିଟ୍ କାମ ଭଲଭାବେ ସମ୍ପୂର୍ଣ୍ଣ ହୋଇପାରିନଥିଲା । ଏହାର ସୁଯୋଗ ନେଇ ଅଜଣା ଦୁର୍ବୃତ୍ତ ମାନେ କାମ ଅଧା ରହିଥିବା ପିଲାରରୁ ଲୁହା ଛଡ ସବୁକୁ କାଢ଼ି ନେବା ସହ ଚ଼ାରିଟି ଲୁହା ଜାଲି ପ୍ୟାନେଲକୁ ମଧ ତାଡି ନେଇଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ, ନିମ୍ନୋକ୍ତ ଦୁଇ ଅଭିଯୁକ୍ତ ଆଜି ପ୍ରାତଃ ସମୟରେ ଏକ ମୋଟରସାଇକେଲ ଯୋଗେ ଲୁହା ଜାଲି ପ୍ୟାନେଲ ବୋହି ଅନନ୍ତପୁରସ୍ଥିତ କବାଡିଆ ଦୋକାନ ଅଭିମୁଖେ ଯାଉଥିବା ନେଇ, ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚ଼ନା ପାଇଥିଲେ । ଏହି ସୂଚ଼ନାକୁ ଆଧାର କରି ପୁଲିସ ଟିମ ଘଟଣା ସ୍ଥଳରେ ଅତର୍କିତ ଚ଼ଢଉ କରି ଦୁଇ ଅଭିଯୁକ୍ତ ବିଶାଳ ରାଉତ ଏବଂ ରୋହିତ ସିଂହଙ୍କୁ ଗିରଫ କରିଥିବା ବେଳେ, ଉଭୟଙ୍କ ହେପାଜତରୁ ଦୁଇଟି ଲୁହାଜାଲି ପ୍ୟାନେଲକୁ ଜବତ କରିଥିଲେ । ପଚ଼ରାଉଚ଼ରା ସମୟରେ ଉଭୟ ଅଭିଯୁକ୍ତ ଉପରୋକ୍ତ ଚୋରୀ ନେଇ ଦୋଷ ସ୍ୱୀକାର କରିଥିଲେ । ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ବିଶାଳ ରାଉତ ଓରଫ ରାଜା ସଦର ଥାନାର ଦୁଇଟି ଭିନ୍ନ ମାମଲାରେ ଜଡିତ ଥିବା ତଦନ୍ତ ସମୟରେ ଜଣାପଡିଛି ।

# ସାମାନ୍ୟ ଝଗଡ଼ାକୁ ନେଇ ମାଲିକଙ୍କୁ ଛୁରା ମାଡ଼

ଭୁବନେଶ୍ୱର(ନିପ୍ର): ସାମାନ୍ୟ ଝଗଡାକୁ ନେଇ ମାଲିକଙ୍କୁ ଛୁରା ମାଡ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ କେ. ଲବ ରାଓ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଜଗତସିଂହପୁର ଜିଲ୍ଲା ନାଉଗାଁ ଅଞ୍ଚଳର ଆଶିଷ ମହାନ୍ତି ଏବଂ ଶିଖରଚ଼ଣ୍ଡିର କେ. ଲବ ରାଓ ଅଭିଯୋଗକାରୀ ପ୍ରଶାନ୍ତ ପାରୁଆଙ୍କ ଦୋକାନରେ ଗତ ପ୍ରାୟ ୪ବର୍ଷ ଧରି କାମ କରିଆସୁଥିଲେ । ଗତକାଲି ରାତି ପ୍ରାୟ ୧.୩୦ ସମୟରେ କେ.ଲବ ରାଓ ଫୋନ୍ କରି ଅଭିଯୋଗକାରୀଙ୍କୁ ଜଣାଇଥିଲେ ଯେ, ସେ ଆଶିଷ ମହାନ୍ତିଙ୍କୁ ଆକ୍ରମଣ କରିଛନ୍ତି । ଏହା ଶୁଣି ଅଭିଯୋଗକାରୀ ତୁରନ୍ତ ପଟିଆ କଲେଜ ରାସ୍ତା ନିକଟରେ ଥିବା ଘଟଣାସ୍ଥଳରେ ଯାଇ ପହଞ୍ଚିଥିଲେ ଏବଂ ସେଠାରେ ଆଶିଷ ମହାନ୍ତିଙ୍କୁ ରକ୍ତାକ୍ତ ଅବସ୍ଥାରେ ଭୂମିରେ ପଡ଼ିଥିବାର ଦେଖିଥିଲେ । ଅଭିଯୋଗକାରୀଙ୍କୁ ଦେଖି କେ. ଲବ ରାଓ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିଯୋଗକାରୀ ତାଙ୍କୁ କାବୁ କରିନେଇ ପୁଲିସ ଜିମା ଦେଇଥିଲେ । ପରେ ଆହତ ଆଶିଷ ମହାନ୍ତିଙ୍କୁ ନିକଟସ୍ଥ ହସ୍ପିଟାଲକୁ ଚ଼ିକିତ୍ସା ଲାଗି ସ୍ଥାନାନ୍ତର କରାଯାଇଥିଲା ଏବଂ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଉନ୍ନତ ଚ଼ିକିତ୍ସା ପାଇଁ ତାଙ୍କୁ କିମ୍ସ ହସ୍ପିଟାଲକୁ ପଠାଯାଇଥିଲା । ଅଭିଯୋଗକାରୀ ଘଟଣା ସମ୍ପର୍କରେ ଅଭିଯୁକ୍ତଙ୍କୁ ପଚ଼ାରିବାରୁ, ସେ ସାମାନ୍ୟ ଝଗଡ଼ାକୁ କେନ୍ଦ୍ର କରି ଆଶିଷ ମହାନ୍ତିଙ୍କୁ ଏକ ଛୁରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିବା ପ୍ରକାଶ କରିଥିଲେ । ପରେ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ, ପୁଲିସ ଅଭିଯୁକ୍ତ କେ. ଲବ ରାଓଙ୍କୁ ଏହି ମାମଲାରେ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ଛୁରୀକୁ ଜବତ କରିଥିଲେ ।

## ଜନଗଣନା ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ୍



ବେଲଗୁଣ୍ଠା(ନିପ୍ର): ସମଗ୍ର ଦେଶରେ ଅରମ୍ଭ ହେବାକୁ ଯାଉଛି ଜନଗଣନା - ୨୦୨୭ । ଏହା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାର ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ଅପ୍ରେଲ ମାସ ଏକ ତାରିଖ ଠାରୁ ପନ୍ଦର ତାରିଖ ମଧ୍ୟରେ ସ୍ୱଗଣନା ଏବଂ ଅପ୍ରେଲ୍ ୧୬ ତାରିଖ ଠାରୁ ମଇ ପନ୍ଦର ତାରିଖ ପର୍ଯ୍ୟନ୍ତ ଗୃହ ତାଲିକା ଏବଂ ଗୃହ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପ୍ରରିପ୍ରେକ୍ଷୀରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍‌ର ଜନ ସଂଖ୍ୟା ଗଣନାକାରୀ ଏବଂ ସୁପରଭାଇଜର୍‌ମାନଙ୍କ ପାଇଁ ଘୁମୁସର ବୈଷୟିକ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟ ଏବଂ ବ୍ଲକ୍ ପରିସର ସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଚଳିତ ମାର୍ଚ୍ଚ ୨୩ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତାଲିମ୍ ଶିବିରରେ ବ୍ଲକ୍‌ର ୨୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯିବ ବୋଲି ତହସିଲଦାର କଳାକୃଷ୍ଣ ପ୍ରଧାନ ସୂଚନା ଦେଇଛନ୍ତି ।

## ଭଦ୍ରକ ମହିଳା ମହାବିଦ୍ୟାଳୟରେ ବାର୍ଷିକ କର୍ମଶାଳା

ଭଦ୍ରକ(ନିପ୍ର): ଭଦ୍ରକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ ସି.ଏସ୍. ଆଇ. ଆର ପ୍ରାୟୋଜିତ କାର୍ଯ୍ୟକ୍ରମରେ ଔଷଧୀୟ ବୃକ୍ଷ ସମ୍ବନ୍ଧୀୟ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ପରିବେଶ ଓ ସମାବେଶୀ ବିକାଶର ପ୍ରମୁଖ ବୈଜ୍ଞାନିକ ପ୍ରଫେସର ଡ଼ ନବୀନ କୁମାର ଧଳ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ଡ଼. ଧଳ ଔଷଧୀୟ ବୃକ୍ଷର ସଂରକ୍ଷଣ ଓ ହର୍ବାରିୟମ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ଲେଙ୍କା, କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଆରତି ଜେନା ଔଷଧୀୟ ବୃକ୍ଷ ଓ ତାହାର ସ୍ୱାସ୍ଥ୍ୟଗତ ଉପାଦେୟତା ଉପରେ ଆଲୋଚନା କରିଥିଲେ । ଅଧ୍ୟାପିକା ଅର୍ପିତା ନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ ପୂର୍ବକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ । ସମ୍ମାନିତ ଅତିଥି ଭାବେ ସନ୍ଦୀପ କୁମାର କବି ଔଷଧୀୟ ବୃକ୍ଷର ବିଭିନ୍ନ ଦିଗ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ଛାତ୍ରୀ ବନ୍ଦନା ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଛାତ୍ରୀ ଇତିଶ୍ରୀ ଦଳେଇ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ ।

## କାର୍ କାଚ ଭାଙ୍ଗି ଚୋରି, ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର(ନିପ୍ର): କାରକାଚ ଭାଙ୍ଗି ମନିପର୍ସ ଓ ମୋବାଇଲ ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଏସକେ ଜାବୁର । ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚ଼ନା ଯୋଗ୍ୟ ଯେ, ଅଭିଯୋଗକାରୀ ସରୋଜ ବେହେରା ଗତ ୫ ତାରିଖ ମଧ୍ୟାହ୍ନରେ ନିଜ ଗାଡିକୁ ଶ୍ରୀୟା ଛକ ନିକଟରେ ପାର୍କିଂ କରି ବାଲିଅନ୍ତାରେ ଥିବା ବନ୍ଧୁଙ୍କ ଘରକୁ ବୁଲିବା ଲାଗି ଚ଼ାଲିଯାଇଥିଲେ । ସେହିଦିନ ରାତିରେ ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ଉକ୍ତ ଗାଡିର କାଚ଼ ଭାଙ୍ଗି ଭିତରେ ରଖାଯାଇଥିବା ଦୁଇଟି ମନିପର୍ସ ଏବଂ ଏକ ମୋବାଇଲ ଫୋନ ଚୋରୀକରି ନେଇଯାଇଥିଲେ । ଉକ୍ତ ପର୍ସ ଦୁଇଟି ମଧ୍ୟରୁ ଗୋଟିକରେ ୧୦,୦୦୦ ଟଙ୍କା ଏବଂ ଅନ୍ୟଟିରେ ୫,୦୦୦ ଟଙ୍କା ଥିବା ନେଇ ଅଭିଯୋଗ ହୋଇଥିଲା । ଏହି ସମୟରେ ଘଟଣା ସ୍ଥଳ ନିକଟରେ ବସିଥିବା ଦୁଇଜଣ ଯୁବକ ଅଭିଯୁକ୍ତଙ୍କୁ ଚୋରି କରୁଥିବାର ଦେଖି ନେଇ ତାଙ୍କୁ କାବୁ କରିବା ଲାଗି ପ୍ରୟାସ କରିଥିଲେ ମଧ ସକ୍ଷମ ହୋଇପାରିନଥିଲେ । ପୁଲିସ ମାମଲାର ତଦନ୍ତ ସମୟରେ ଉପରୋକ୍ତ ଦୁଇ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚ଼ରାଉଚ଼ରା କରି ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ମାମଲାର ଅଧିକ ତଦନ୍ତ କାଳରେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚ଼ନା କ୍ରମେ ଜୟକିସାନ ମାର୍କେଟ ଅଞ୍ଚଳରେ ଚ଼ଢଉ କରି ଅଭିଯୁକ୍ତ ଏସକେ ଜାବୁରଙ୍କୁ ଗିରଫ କରିଥିବା ବେଳେ, ତାଙ୍କ ହେପାଜତରୁ ମୋଟ ୩୨୦ ଟଙ୍କା ଥିବା ଏକ ମନିପର୍ସ ଉଦ୍ଧାର କରିଥିଲେ । ପଚ଼ରାଉଚ଼ରା ବେଳେ, ଅଭିଯୁକ୍ତ ଜଣକ ଉପରୋକ୍ତ ମାମଲାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିବା ବେଳେ, ଚୋରୀକରିଥିବା ପନ୍ଦର ହଜାର ଟଙ୍କାରୁ ସେ ବାକି ଟଙ୍କା ସବୁକୁ ଖର୍ଚ୍ଚ କରିଦେଇଥିବା ପ୍ରକାଶ କରିଥିଲେ । ଅଭିଯୁକ୍ତ ଏସକେ ଜାବୁର ପୂର୍ବରୁ ମଧ କଟକ ପୁରୀଘାଟ ଥାନାର ଏକ ମାମଲାରେ ସମ୍ପୃକ୍ତ ଥିବା ନେଇ ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

## ବାପାକୁ ମରଣାନ୍ତକ ଆକ୍ରମଣ କରି ପୁଅ ଗିରଫ

ଭୁବନେଶ୍ୱର(ନିପ୍ର): ଟଙ୍କା ନଦେବାରୁ ବାପାକୁ କାଠ ଫାଳିଆରେ ଆକ୍ରମଣ କରି ଲହୁଲୁହାଣ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଅଭିଯୁକ୍ତ ପୁଅକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ମଣ୍ଟୁ ଓରଫ ମନୋରଞ୍ଜନ ଭୋଇ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚ଼ନା ଯୋଗ୍ୟ ଯେ, ଅଭିଯୁକ୍ତ ମଣ୍ଟୁ ହେଉଛନ୍ତି ଅଭିଯୋଗକାରିଣୀ ଶର୍ମିଳି ନାଥଙ୍କ ସାନ ଭାଇ ଏବଂ ତାଙ୍କର କୌଣସି ବୃତ୍ତିଗତ ଆୟ ନଥିଲା । ନିଜର ଖର୍ଚ୍ଚ ଲାଗି ଅଭିଯୁକ୍ତ ତାଙ୍କର ବାପାଙ୍କ ଉପରେ ନିର୍ଭର କରିଆସୁଥିଲେ । ଗତକାଲି ସନ୍ଧ୍ୟାରେ ସେ ତାଙ୍କର ବାପାଙ୍କୁ ନିଜର ଖର୍ଚ୍ଚ ଲାଗି ମୋଟା ଅଙ୍କର ଟଙ୍କା ମାଗିଥିଲେ । ସେ ମାଗିଥିବା ଟଙ୍କା ଦେବାକୁ ବାପା ଅକ୍ଷମ ପ୍ରକାଶ କରିବାରୁ, ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥଲା ଓ ଅଭିଯୁକ୍ତ ତଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ହଠାତ ଉତ୍ତ୍ୟକ୍ତ ହୋଇ ଏକ କାଠ ପ୍ଲାଇ ସାହାଯ୍ୟରେ ତାଙ୍କ ବାପାଙ୍କ ମୁଣ୍ଡକୁ ଲକ୍ଷକରି ଆକ୍ରମଣ କରିଥିଲେ । ଯାହାଫଳରେ ବାପାଙ୍କର ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା । ଏହି ଘଟଣାରେ ଭଉଣୀ ଶର୍ମିଳି ନାଥ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ମଧ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ପୂର୍ବକ ଆକ୍ରମଣ କରିଥିଲେ । ଏନେଇ ଅଭିଯୋଗକାରିଣୀ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚ଼ନା କ୍ରମେ ଚ଼ଢଉ କରି ଅଭିଯୁକ୍ତ ମଣ୍ଟୁ ଓରଫ ମନୋରଞ୍ଜନ ଭୋଇଙ୍କୁ ତାଙ୍କ ଘରୁ ଗିରଫ କରିଥିବା ବେଳେ, ସେ ତାଙ୍କର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତ ମଣ୍ଟୁ ପୂର୍ବରୁ ମଧ ଧଉଳି ଥାନାର ଏକ ମାମଲାରେ ସମ୍ପୃକ୍ତ ଥିବା ନେଇ ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

## ଭୋଟର ତାଲିକା ସଂଶୋଧନ ନେଇ ପ୍ରଶିକ୍ଷଣ

ଆସିକା(ନିପ୍ର): ଆସିକା ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଭୋଟର ତାଲିକା ସଂଶୋଧନ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ତହସିଲଦାର ସଂଗୀତା ସେନ ଓ ଅତିରିକ୍ତ ଉପ ଜିଲ୍ଲାପାଳ ତୁଲିୟାନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦୁଇ ଗୋଟି ପର୍ଯ୍ୟାୟରେ ୧୫୨ ଜଣଙ୍କୁ ତାଲିମ ପ୍ରଦାନ କରିଥିଲେ । ଉପସ୍ଥିତ ବିଏଲଓମାନଙ୍କୁ ଓଡ଼ିଶାରେ ସାମ୍ପ୍ରତିକ ନିର୍ବାଚନ କାର୍ଯ୍ୟକଳାପ ପରିପ୍ରେକ୍ଷୀରେ, ଏସଆଇଆର ହେଉଛି ସ୍ୱତନ୍ତ୍ର ସଘନ ସଂଶୋଧନ । ଏହା ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଭୋଟର ତାଲିକାକୁ ଅପଡେଟ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟ । ଯେଉଁଥିରେ ନୂତନ ଯୋଗ୍ୟ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା, ନାମ ବାଦ ଦେବା ଏବଂ ପୂର୍ବରୁ ଥିବା ପ୍ରବେଶଗୁଡ଼ିକର ସଂଶୋଧନ ଅନ୍ତର୍ଭୁକ୍ତ ।

# ବେଲଗୁଣ୍ଠାରେ ଗ୍ୟାସ୍ ମାଫିଆଙ୍କ ରାଜ୍

## ଖାଉଟିଙ୍କୁ ଦୁର୍ବ୍ୟବହାର, ଶୋଇଛି ଯୋଗାଣ ବିଭାଗ !



ବେଲଗୁଣ୍ଠା(ନିପ୍ର): ପ୍ରଶାସନିକ ଶିଥିଳତା ନା ମଧୁଚନ୍ଦ୍ରିକା ? ବେଲଗୁଣ୍ଠା ଅଞ୍ଚଳରେ ଗ୍ୟାସ୍ ଯୋଗାଣ ବ୍ୟବସ୍ଥାକୁ ନେଇ ଏବେ ଏଭଳି ପ୍ରଶ୍ନ ଉଠିଛି । ଗୋଟିଏ ପଟେ ସ୍ଥାନୀୟ ବିତରଣ କେନ୍ଦ୍ରର ମନମାନୀ ଓ ଅନ୍ୟପଟେ ବାହାର ଅଞ୍ଚଳରୁ ଆସି ଚଢ଼ା ଦରରେ ଗ୍ୟାସ୍ ବିକ୍ରି ହେଉଥିଲେ ମଧ ସ୍ଥାନୀୟ ଏମ୍ଆଇଙ୍କ ଦେଖା ନମିଳିବା ଘଟଣା ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ବେଲଗୁଣ୍ଠା ସ୍ଥିତ କେଏସୟୁବି ଗ୍ୟାସ୍ ବିତରଣ କେନ୍ଦ୍ର ନିଜର ଇଚ୍ଛା ମୁତାବକ ଦିନ ୧୨ଟାରେ ଖୋଲୁଛି । ପ୍ରଚଣ୍ଡ ଖରାରେ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହେବା ପରେ ଗ୍ରାହକଙ୍କୁ ମିଳୁଛି କେବଳ ନିରାଶା । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଯଦି କେହି ଗ୍ରାହକ ବିଳମ୍ବର କାରଣ ପଚାରୁଛନ୍ତି, ତେବେ ତାଙ୍କୁ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ଠାରୁ ଅତ୍ୟନ୍ତ ଅସଭ୍ୟ ଓ ଦୁର୍ବ୍ୟବହାର ସହିବାକୁ ପଡୁଛି । ଆସ୍କା ବ୍ଲକ୍‌ର ନିମିନା ଅଞ୍ଚଳରୁ ଭାରତ ଗ୍ୟାସ୍ ଗାଡ଼ି ଆସି ବେଲଗୁଣ୍ଠାର ଗୋବରା ଓ ଗାଙ୍ଗପୁର ଅଞ୍ଚଳରେ ଖୁଲମଖୁଲା ଚଢ଼ା ଦରରେ ଗ୍ୟାସ୍ ବିକ୍ରି କରୁଛନ୍ତି । ନିୟମ ଅନୁଯାୟୀ ଏହା ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ କାହା ଛତ୍ରଛାୟା ତଳେ ଏହି କଳାବଜାରୀ ଚାଲିଛି, ତାହା ଏବେ ବଡ଼ ପ୍ରଶ୍ନ । ସାଧାରଣ ଜନତାଙ୍କ ଅଭିଯୋଗ ଶୁଣିବା ପାଇଁ ଉଦ୍ଦିଷ୍ଟ ବେଲଗୁଣ୍ଠା ଏମ୍ଆଇ ଏବେ ନିଖୋଜ ଥିବା ଭଳି ମନେହେଉଛି । ତାଙ୍କର ଡ୍ୟୁଟି ସମୟ ଦିନ ଗୋଟାଏରୁ ଆରମ୍ଭ ହେଉଛି ବୋଲି ଶୁଣାଯାଉଥିବା ବେଳେ ଅଫିସ୍‌ରେ ତାଙ୍କର ଦର୍ଶନ ମିଳିବା କଷ୍ଟକର ହୋଇପଡ଼ିଛି । ତା' ସହିତ ଫୋନ୍ ବି ରିସିଭ୍ ନ କରିବା ଭଳି ଅଭିଯୋଗ ଆସିଛି । ଖାଉଟିଙ୍କ ସମସ୍ୟା ପ୍ରତି ଏଭଳି ବେପରୁଆ ମନୋଭାବ ପ୍ରଶାସନର 'ସ୍ୱଚ୍ଛତା' ଉପରେ ଏକ ବଡ଼ କଳଙ୍କ । ଏ ନେଇ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତ କରି ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଏଲଆଇସି ଅଫିସରେ ଅଗ୍ନିକାଣ୍ଡ

## ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ

କଟକ(ନିପ୍ର): କଟକରେ ପୁଣି ଅଗ୍ନିକାଣ୍ଡ । ସ୍ଥାନୀୟ ଲିଙ୍କରୋଡ଼ ସ୍ଥିତ ଏଲଆଇସି ଅଫିସରେ ଆଜି ଭୋର ସାଢ଼େ ୫ଟା ସମୟରେ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ଚାଉଳିଆଗଂଜ ଫାୟାର ଷ୍ଟେସନ ପକ୍ଷରୁ ତୁରନ୍ତ ଆସି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ଏଭଳି ଘଟଣା ଘଟିଛି ବୋଲି ଆସିଷ୍ଟାଣ୍ଟ ଫାୟାର ଅଫିସର କହିଛନ୍ତି । ନିଆଁରେ ଅଫିସର ଉପର ମହଲା ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ଅଫିସର ଉପର ମହଲାରେ ଥିବା କାଗଜପତ୍ର ପୋଡ଼ିଜଳି ନଷ୍ଟ ହୋଇଯାଇଛି । ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ସୂଚନା ମୁତାବକ ସ୍ଥାନୀୟ ଲିଙ୍କରୋଡ଼ ସ୍ଥିତ ଏଲଆଇସି କାର୍ଯ୍ୟାଳୟରେ ଆଜି ଭୋର ୫ଟା ସମୟରେ ନିଆଁ ଲାଗିଥିଲା । ଖବର ପାଇ ଚାଉଳିଆଗଂଜ ଫାୟାର ଷ୍ଟେସନ ପକ୍ଷରୁ ତୁରନ୍ତ ଅଗ୍ନିଶମ କର୍ମଚାରୀ ଆସି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ୩ଟି ଦମକଳ ଗାଡ଼ି ଓ ୨୦ରୁ ଊର୍ଦ୍ଧ୍ୱ ଫାୟାର କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମର ୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ନିଆଁ ଲାଗି ଏଲଆଇସି କାର୍ଯ୍ୟାଳୟ ଭିତରେ ଥିବା ୨ଟି ରୁମର ସମସ୍ତ କାଗଜପତ୍ର ପୋଡ଼ିଜଳି ନଷ୍ଟ ହୋଇଯାଇଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି । ତେବେ କ୍ଷୟକ୍ଷତିର ଆକଳନ କରାଯାଇନାହିଁ ।



# ତୃତୀୟ ପାଳି ଯାତ୍ରା ଶେଷ: ୩୦ହଜାର ଭକ୍ତଙ୍କ ସମାଗମ

## ବିଳମ୍ବିତ ପ୍ରହରରେ ହେଲା ପାଟୁଆ ଓ କାଳିକା ନୃତ୍ୟ

କାକଟପୁର(ନିପ୍ର): ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ତୃତୀୟ ପାଳିଯାତ୍ରା ଶେଷ ହୋଇଛି । ପାଳିଯାତ୍ରାରେ ମା'ଙ୍କୁ ଦର୍ଶନ କରିବାକୁ ୩୦ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ସୋମବାର ରାତ୍ର ଦୁଇ ଘଟିକାଠାରୁ ଦ୍ୱାର ଫିଟା, ମଙ୍ଗଳ ଆଳତି, ସ୍ନାନ ମାର୍ଜନା, ଚନ୍ଦନ ଲାଗି ପରେ ସର୍ବସାଧାରଣଙ୍କ ନିମନ୍ତେ ପହୁଡ଼ ଖୋଲିଥିଲା । ଭକ୍ତ ଓ ଶ୍ରଦ୍ଧାଳୁମାନେ ବ୍ୟାରିକେଡରେ ଧାଡିରେ ଯାଇ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଦିବା ଏକ ଘଟିକାରେ ମାଙ୍କୁ ସହସ୍ର କୁମ୍ଭାଭିଷେକ ସ୍ନାନ ନୀତି କରାଯାଇଥିଲା । ବାସନ୍ତିକ ଦୁର୍ଗା ପୂଜା ଅବସରରେ ଷୋଡଶ ପୂଜା ବିଧି ଅନୁସାରେ ମା'ଙ୍କ ନୀତି ଆରମ୍ଭ ସହ ସାହଣ ମେଳା ଦର୍ଶନରୁ ଭକ୍ତମାନେ ବଂଚିତ ହୋଇଥିଲେ । ପରେ ବଲ୍ଲଭ, ସକାଳ ଧୂପ ପରେ ରାତ୍ର ୯ ଘଟିକାରେ ଝଙ୍କଡ଼ରୁ ଆସିଥିବା ପାଟୁଆମାନେ ମାଙ୍କ ବେଢାରେ ଓ ସମ୍ମୁଖରେ ପାଟୁଆ ନୃତ୍ୟ କରିଥିଲେ । ରାତିରେ ଏହି ନୃତ୍ୟ ଚଳିତ ବର୍ଷ ରାତିରେ ଦେଖିବାକୁ ମିଳିଥିଲା । ସନ୍ଧ୍ୟା ଆଳତି ପରେ ମା'ଙ୍କୁ ପୁନଃ ସ୍ନାନ ମାର୍ଜନା କରାଯାଇ ବେଶ ପରେ ଦର୍ଶନ ପାଇଁ ବିଳମ୍ବିତ ପ୍ରହରରେ ଦ୍ୱାର ଖୋଲିଥିଲା । ପରେ ପାରମ୍ପରିକ କାଳିକା ନୃତ୍ୟ ରାତ୍ର ଦୁଇଘଟିକାରେ ସମ୍ପୂର୍ଣ୍ଣ କରାଯାଇଥିଲା ।

### କଟକ ବିଜେଡ଼ିରେ ବିଦ୍ରୋହ

# ଦଳ ଛାଡ଼ି ପାରନ୍ତି ୧୪ କର୍ପୋରେଟର !

କଟକ(ନିପ୍ର): କଟକ ବିଜେଡ଼ିରେ ବଡ଼ ଧରଣର ବିଦ୍ରୋହ । ବିଜେଡ଼ି ପକ୍ଷରୁ ନିକଟରେ ହୋଇଥିବା ପ୍ରଭାତ ବିଶ୍ୱାଳ ଓ ସୌଭିକ ବିଶ୍ୱାଳଙ୍କ କୁଶପୁତ୍ତଳିକା ଦାହକୁ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର କର୍ପୋରେଟରମାନେ ବିରୋଧ କରିଛନ୍ତି । ଏହାର ପ୍ରତିବାଦରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ସମସ୍ତ ୧୪ଜଣ କର୍ପୋରେଟର ଏକାଠି ହୋଇଥିବା ସୂଚନା ମିଳିଛି । ୧୪ ଜଣ କର୍ପୋରେଟର ଦଳରୁ ସମୂହ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏହି ୧୪ ଜଣ କର୍ପୋରେଟର ଦଳରୁ ଇସ୍ତଫା ଦେଇପାରନ୍ତି ବୋଲି ସୂଚନା ମିଳିଛି । ବିଜେଡ଼ି ପକ୍ଷରୁ ପ୍ରଭାତ ଓ ସୌଭିକ ବିଶ୍ୱାଳଙ୍କ କୁଶ ପୁତ୍ତଳିକା ଦାହକୁ କର୍ପୋରେଟରମାନେ ବିରୋଧ କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ପ୍ରଭାତ ଓ ସୌଭିକ ବିଶ୍ୱାଳ ଦୀର୍ଘବର୍ଷ ଧରି ବିଜେଡ଼ି ପାଇଁ କାମ କରିଛନ୍ତି । ବିଜେଡ଼ି ଦଳ କିପରି ସୁଦୃଢ଼ ହେବ, ସେଥିପାଇଁ ଉଭୟ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । ଏହା ସତ୍ତ୍ୱେ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ଦଳରୁ ନିଲମ୍ବନ କରାଯାଇଛି ଓ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଦଳରୁ ବହିଷ୍କାର କରାଯାଇଛି । ଏହାର ପ୍ରତିବାଦରେ ୧୪ଜଣ କର୍ପୋରେଟର ଦଳ ଛାଡ଼ିପାରନ୍ତି ବୋଲି ସୂଚନା ମିଳିଛି । ଏମାନେ ସମସ୍ତେ ଆଜି ଏକାଠି ହୋଇଥିବା ଖବର ମିଳିଛି । ଖୁବ ଶିଘ୍ର ଏମାନେ ଦଳରୁ ସମୂହ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏହାଛଡ଼ା ଦଳର ରାଜ୍ୟ ନେତୃତ୍ୱଙ୍କ ନିଷ୍ପତ୍ତିକୁ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର କିଛି କର୍ପୋରେଟର ନାପସନ୍ଦ କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ଆମେ ପ୍ରଭାତ ଓ ସୌଭିକ ବିଶ୍ୱାଳଙ୍କ ସହ ଅଛୁ । ଆମେ ବିଜେଡ଼ି ସହ ଆଉ ନାହୁଁ । ଯଦିଓ ଆମେ ଏପର୍ଯ୍ୟନ୍ତ ଦଳରେ ରହିଛୁ, ଆମ ପାଇଁ ପ୍ରଭାତ ଓ ସୌଭିକ ବିଶ୍ୱାଳ ହିଁ ପ୍ରଥମେ । ଏହାପରେ ବିଜେଡ଼ି । ପ୍ରକାଶ ଥାଉକି, ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ପ୍ରଭାତ ଓ ସୌଭିକ ବିଶ୍ୱାଳଙ୍କ ବେଶ ଦବଦବା ରହିଛି । ଅପର ପକ୍ଷରେ ବିଜେଡ଼ି ପକ୍ଷରୁ ନିକଟରେ ହୋଇଥିବା ପ୍ରଭାତ ଓ ସୌଭିକଙ୍କ କୁଶ ପୁତ୍ତଳିକା ଦାହ ଘଟଣାକୁ ନେଇ ସେମାନଙ୍କ ଅନୁଗତ କର୍ପୋରେଟ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଉ କିଛିଦିନ ମଧ୍ୟରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ସମସ୍ତ ୧୪ ଜଣ କର୍ପୋରେଟର ଏକାଠି ହୋଇ ଦଳ ଛାଡ଼ି ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଯାହାକି, କଟକ ବିଜେଡ଼ି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ । ଏହା ମଧ୍ୟ ରାଜ୍ୟ ଓ ରାଜନୀତିରେ ହଟଚମକ ସୃଷ୍ଟି କରିପାରେ । ସୂଚନାଯୋଗ୍ୟ, କଟକ ମହାନଗର ନିଗମ (ସିଏମସି)ରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରୁ ସଂପ୍ରତି ୧୪ଜଣ କର୍ପୋରେଟର ଅଛନ୍ତି । ଏହାଛଡ଼ା ସଦର ନିର୍ବାଚନ ମଣ୍ଡଳୀରୁ ୬ ଓ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ ୧୭ ଜଣ କର୍ପୋରେଟର ରହିଛନ୍ତି । ଏହାପରେ ମଧ ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରୁ ଏକାଧିକ କର୍ପୋରେଟର ବିଜେଡ଼ି ଛାଡ଼ି ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏହା କଟକରେ ବିଜେଡ଼ି ଦଳ ପାଇଁ ବଡ଼ ଧକ୍କା ହେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ବ୍ରହ୍ମପୁର ଉପଖଣ୍ଡରେ ଅବୈଧ ଲଘୁ ଖଣିଜ ଖନନ ଓ ପରିବହନ ଉପରେ କଡ଼ା କଟକଣା: ୧୬୩ ଧାରା ଜାରି

ବ୍ରହ୍ମପୁର (ନିପ୍ର),ବ୍ରହ୍ମପୁର ଉପଖଣ୍ଡର ବିଭିନ୍ନ ତହସିଲ ଅଞ୍ଚଳରେ ଚାଲିଥିବା ଅବୈଧ ଲଘୁ ଖଣିଜପଦାର୍ଥ ଖନନ ଓ ପରିବହନକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ଗଞ୍ଜାମ ଜିଲ୍ଲାର ଖଣି ଅଧିକାରୀଙ୍କ ଅନୁରୋଧ କ୍ରମେ, ବ୍ରହ୍ମପୁର ଉପ-ଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ୍ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ର ଧାରା ୧୬୩(୨) ଅନୁସାରେ ତୁରନ୍ତ ନିଷେଧାଜ୍ଞା ଜାରି କରିଛନ୍ତି । ଗଞ୍ଜାମ ଜିଲ୍ଲାର ଖଣି ଅଧିକାରୀଙ୍କ ଅନୁରୋଧ କ୍ରମେ ଖଣି, ରାଜସ୍ୱ ଏବଂ ପୁଲିସ ବିଭାଗର ଏକ ମିଳିତ ତଦନ୍ତକାରୀ ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ତଦନ୍ତ ପରେ ଜଣାପଡ଼ିଛି ଯେ, ଚିକିଟି, କୁକୁଡାଖଣ୍ଡି, କନିସି ଏବଂ ସାନଖେମୁଣ୍ଡି ତହସିଲର ଅନେକ ସ୍ଥାନରେ ବ୍ୟାପକ ଭାବେ ବାଲି, ପଥର ଏବଂ ମୋରମ ଚୋରା ଚାଲାଣ ହେଉଛି । ଏହା କେବଳ ସରକାରୀ ସମ୍ପତ୍ତିର କ୍ଷତି କରୁନାହିଁ, ବରଂ ଅଞ୍ଚଳରେ ସାଧାରଣ ଶୃଙ୍ଖଳା ବ୍ୟାହତ କରିବା ସହ ବଡ଼ ଧରଣର ଅଘଟଣର ସମ୍ଭାବନା ସୃଷ୍ଟି କରୁଛି ।

**ନିଷେଧାଜ୍ଞା ଜାରି ହୋଇଥିବା ଅଞ୍ଚଳ:** ଚିକିଟି ତହସିଲ –ଡଭାର ମୌଜା ପ୍ଲଟ- ୧୫୭୯ ,୧୫୮୦ (ଲଘୁ ଖଣିଜ-ବାଲି, ଜମିର କ୍ଷେତ୍ରଫଳ ୦,୬୦୦ଏକର), ମାଉନ୍ଦପୁର ମୌଜା ସ୍କଟ-୨୧୪ (ଲଘୁ ଖଣିଜ -ପଥର, ଜମିର କ୍ଷେତ୍ରଫଳ ୧,୫୫୫ ଏକର), କେ. ନୂଆଗାଁ ମୌଜା ପ୍ଲଟ-୧୩୭୧ (ଲଘୁ ଖଣିଜ - ବାଲି, ଜମିର କ୍ଷେତ୍ରଫଳ ୦,୪୫୫ଏକର), ଚଢିଆପଡ଼ା ମୌଜା ପ୍ଲଟ-୦୧ (ଲଘୁ ଖଣିଜ - ବାଲି, ଜମିର କ୍ଷେତ୍ରଫଳ ୦,୫୮୦ଏକର) । କୁକୁଡାଖଣ୍ଡି ତହସିଲ – ମେଦିନିପୁର ମୌଜା ପ୍ଲଟ- ୧୩୫,୧୩୬ (ଲଘୁ ଖଣିଜ -ମୋରମ, ଜମିର କ୍ଷେତ୍ରଫଳ ୪୧.୯୬୨ ହେକ୍ଟର), ଗୁରୁଣ୍ଡି ମୌଜା ପ୍ଲଟ-୪୮୩୦, ୭୩୦୦, ୬୯୫୫ (ଲଘୁ ଖଣିଜ -ମୋରମ, ଜମିର କ୍ଷେତ୍ରଫଳ ୧୫,୭୨୩ ହେକ୍ଟର) । କନିସି ତହସିଲ – ପାଲୁର ମୌଜା ପ୍ଲଟ – ୫୨, ୮୮ (ଲଘୁ ଖଣିଜ -ମୋରମ, ଜମିର କ୍ଷେତ୍ରଫଳ ୨୬,୮୭୪ ହେକ୍ଟର) । ସାନଖେମୁଣ୍ଡି ତହସିଲ –ସାହାସପୁର ମୌଜା ସ୍କଟ- ୪୪୩୬ (ଲଘୁ ଖଣିଜ -ମୋରମ/ପଥର, ଜମିର କ୍ଷେତ୍ରଫଳ ୧୨,୬୪୦ ଏକର), ମୋହିଗୁଡା ମୌଜା ପ୍ଲଟ- ୧୫୨୬ (ଲଘୁ ଖଣିଜ -ମୋରମ, ଜମିର କ୍ଷେତ୍ରଫଳ ୨୩,୬୧୦ ଏକର), ନିସ୍ତିପୁର ମୌଜା ପ୍ଲଟ-୩୯୩ (ଲଘୁ ଖଣିଜ -ପଥର, ଜମିର କ୍ଷେତ୍ରଫଳ ୨୩,୬୧୦ଏକର) । ଉପରୋକ୍ତ ସମସ୍ତ ଅଞ୍ଚଳରେ ବିନା ଅନୁମତିରେ କୌଣସି ପ୍ରକାରର ଖଣିଜ ଖନନ ଓ ପରିବହନ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି । ଏହି ଆଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ତହସିଲଦାର, ପୁଲିସ ଏବଂ ଖଣି ବିଭାଗର ଅଧାକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ନିଷେଧାଜ୍ଞାର କୌଣସି ପ୍ରକାର ଉଲଂଘନ କରାଯାଇଥିଲେ, ସମ୍ପୃକ୍ତ ବ୍ୟକ୍ତି ବା ଗୋଷ୍ଠୀ ବିରୁଦ୍ଧରେ ପ୍ରଚଳିତ ଆଇନ ଅନୁସାରେ କଠୋର ଦଣ୍ଡବିଧାନ ସହ ଫୌଜଦାରୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ଉକ୍ତ ମୌଜାମାନଙ୍କରେ ଅବୈଧ ଲଘୁ ଖଣିଜ ଖନନ ଓ ପରିବହନ ଚିହ୍ନଟ ହେତୁ ଏହି ନିଷେଧାଜ୍ଞା ଜାରି କରାଯାଇଛି । ଜନସାଧାରଣଙ୍କୁ ଅନୁରୋଧ: ସାଧାରଣ ଶୃଙ୍ଖଳା ବଜାୟ ରଖିବା ଓ ସରକାରୀ ସମ୍ପଦର ସୁରକ୍ଷା ନିମନ୍ତେ ସମସ୍ତଙ୍କୁ ପ୍ରଶାସନକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ ସାଲେପୁର ଅବକାରୀ ବିଭାଗ ପକ୍ଷରୁ ମଂଗଳବାର ସ୍ଥାନୀୟ ଜଗତପୁର ଥାନା ଅନ୍ତର୍ଗତ ପୀରବଜାର ନିକଟରେ ଚଢ଼ାଉ କରାଯାଇ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ବାଲିଆ ଶଙ୍କରପୁର ଗ୍ରାମର ଅବଦୁଲ ଖାଁ । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ୫୪ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫୪ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହ ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଅଭିରାମ ସାହୁ, ଏଏସଆଇ ସୁଧାଂଶୁ ବେହେରା, କନେଷ୍ଟବଳ ମନ୍ମଥ ସିଂହ, ଜିତେନ୍ଦ୍ର ବଳବନ୍ତରାୟ, ଆଶିଷ ପ୍ରଧାନ ଓ ସୋନାଲି ନାୟକ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବିଧାନସଭା ହାଲଚାଲ



### ୩୦ ଜିଲ୍ଲାରେ ୩୪ ହଜାର ୧୧୪.୫୦ ହେକ୍ଟର ଜଙ୍ଗଲ ଜମି ଜବରଦଖଲ

**ଭୁବନେଶ୍ୱର, ୨୪/୩(ନିପ୍ର):** ମାତିଛନ୍ତି ଜମି ଜବରଦଖଲକାରୀ । ଜବରଦଖଲକାରୀଙ୍କକବଜାରେ ହଜାର ହଜାର ହେକ୍ଟର ହେକ୍ଟର ଜଙ୍ଗଲ ଜମି । ରାଜ୍ୟର ୩୦ ଗୋଟି ଜିଲ୍ଲାରେ ୩୪ ହଜାର ୧୧୪.୫୦ ହେକ୍ଟରଜଙ୍ଗଲ ଜମି ଜବରଦଖଲ ହୋଇଅଛି । ଜବରଦଖଲ ମୁକ୍ତ କରିବା ପାଇଁ ୧୫ ହଜାର ୭୦୦ ଗୋଟି ମାମଲା ରୁଜୁ ମୋଟ ୨୬୩୬.୬୧ ହେକ୍ଟର ଜଙ୍ଗଲ ଜମି ଜବରଦଖଲମୁକ୍ତ କରାଯାଇଛି । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ଉତ୍ତର ରଖିଛନ୍ତି ।

### ୮୦ ବିଜ୍ଞାପନ ହୋର୍ଡିଂକୁ ଉଚ୍ଛେଦ କରାଯାଇଛି

**ଭୁବନେଶ୍ୱର:** ବିଏମସି ଅଞ୍ଚଳରେ ବେଆଇନ ହୋର୍ଡିଙ୍ଗ । ଭୁବନେଶ୍ୱର ମହାନଗର ନିଗମାଞ୍ଚଳରୁ ଗତ ୨୦୨୫ ଏପ୍ରିଲରୁ ୨୦୨୬ ଫେବୃଆରୀ ଭିତରେ ବିଏମସି ଦ୍ୱାରା ଗଠନ ହୋଇଥିବା ସ୍କ୍ୱାଡ ଦ୍ୱାରା ପ୍ରାୟ ୮୦ ବିଜ୍ଞାପନ ହୋର୍ଡିଂକୁ ଉଚ୍ଛେଦ କରାଯାଇଛି । ଏନେଇ ଗୃହକୁ ଅବଗତ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ପାତ୍ର ।

### ୪୧୦୭ ମେଡିକାଲ ଅଫିସର ପଦବୀ ଖାଲି



**ଭୁବନେଶ୍ୱର:** ସରକାରୀ ମେଡିକାଲରେ ହଜାର ହଜାର ପଦବୀ ଖାଲି ପଡିଛି । ୪୧୦୭ ମେଡିକାଲ ଅଫିସରପଦବୀ ଖାଲି ପଡିଛି । ୧୫ ହଜାର ୭୯୩ ମେଡିକାଲ ଅଫିସର ଥିବା ବେଳେ ୧୧ ହଜାର ୧୮୬ ମେଡିକାଲ ଅଫିସର ଅଛନ୍ତି । ସେହିଭଳି ୧୮ ହଜାର ୯୪୫ ନର୍ସିଙ୍ଗ ଅଫିସର, ୨୬୪୪ ଫର୍ମାସୀ ଅଫିସର, ୧୨୮୩ ଲାଇବ୍ରେରୀ ଟେକନିସିଆନ, ୬୦୨ ରେଡ଼ିଓ ଗ୍ରାଫର, ୪୩୮ ଓଫଥାଲମିକ ଅଫିସର ଖାଲି ପଡିଛି । ଅନ୍ୟପଟେ ନୂଆ ସରକାର ଆସିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ୧୦୮ ଜଣ ସହକାରୀ ପ୍ରଫେସରଙ୍କୁ, ୫ ଜଣ ଏଲୋପାଥି ଡାକ୍ତରଙ୍କୁ, ୮୫ ଜଣ ହୋମିଓପାଥି ଡାକ୍ତରଙ୍କୁ ଏବଂ ୧୧୫ ଜଣ ଆୟୁଷ (ଆୟୁର୍ବେଦ) ଡାକ୍ତରଙ୍କୁ ଓଡିଶା ଲୋକ ସେବା ଆୟୋଗଙ୍କ ମାଧ୍ୟମରେ ଚୟନ କରାଯାଇ ନିଯୁକ୍ତି ପ୍ରଦାନ କରାଯାଇଅଛି ।

# ୧୫ ହଜାର କୋଟିରୁ ଅଧିକରେ ବିକ୍ରି ହେଲା ରାଜସ୍ଥାନ ରୟାଲ୍ସ



ନୂଆଦିଲ୍ଲୀ, ୨୪।୩: ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬। ତେବେ ତା ପୂର୍ବରୁ ଆଇପିଏଲ ଇତିହାସରେ ହୋଇଛି ସବୁଠୁ ବଡ଼ ଡିଲ୍। ୨୦୦୮ ଓପନିଂ ସିଜିନର ଚାମ୍ପିଆନ୍ ଟିମ୍ ରାଜସ୍ଥାନ ରୟାଲ୍ସଙ୍କୁ କିଣିଲେ ଆମେରିକୀୟ ବିଜନେସମ୍ୟାନ୍ କାଲ୍ ସୋମାନି । ଏହି ଡିଲ୍ ୧.୬୩ ବିଲିୟନ ଡଲାର ବା ଭାରତୀୟ ମୁଦ୍ରା ଅନୁସାରେ ୧୫୦୦୦ କୋଟି ଟଙ୍କାରୁ ଅଧିକରେ ହୋଇଛି,ଯାହାକି କ୍ରିକେଟ ଦୁନିଆରେ ହଇଚଇ ସୃଷ୍ଟି କରିଛି। ସୋମାନିଙ୍କୁ ୱାଲମାର୍ଟ ପରିବାରର ଆମେରିକୀୟ ବ୍ୟବସାୟୀ ରବ ୱାଲଟନ ଏବଂ ହାମ୍ପ ପରିବାର ସମର୍ଥନ କରୁଛନ୍ତି। ଆଗାମୀ ଆଇପିଏଲ ୨୦୨୬ ସିଜିନ ପରେ ଏହି ଚୁକ୍ତି କାର୍ଯ୍ୟକାରୀ ହେବ। ଏହାର ଅର୍ଥ ହେଉଛି ଏହି ସିଜନର ମାଲିକାନା ପୂର୍ବ ମାଲିକଙ୍କ ପାଖରେ ରହିବ। କାଲ ସୋମାନି ୨୦୨୧ ରୁ ରାଜସ୍ଥାନ ରୟାଲ୍ସର ପାର୍ଟନର ଅଛନ୍ତି, କିନ୍ତୁ ଏବେ ସମଗ୍ର ଦଳ ତାଙ୍କ ହାତରେ। ଏହା ବର୍ତ୍ତମାନର ଆଇପିଏଲ ଇତିହାସର ସବୁଠାରୁ ବଡ ଡିଲ୍। ଗତ ବର୍ଷ, ଟୋରେଣ୍ଟ ଗ୍ରୁପ୍ ସିଭିସି କ୍ୟାପିଟାଲ୍ ଠାରୁ ଗୁଜରାଟ ଟାଇଟାନ୍ସର ୬୭ ପ୍ରତିଶତ ମାଲିକାନା ଅଧିଗ୍ରହଣ କରିଥିଲା। ଏହି ଚୁକ୍ତି ୫୦୨୫ କୋଟି ମୂଲ୍ୟର ଥିଲା। ଯାହାଫଳରେ ଫ୍ରାଞ୍ଚାଇଜର ଭାଲ୍ୟୁ ୭୫୦୦ କୋଟିକୁ ବୃଦ୍ଧି ହୋଇଥିଲା। ସିଭିସି କ୍ୟାପିଟାଲ୍ ୩୩% ଅଂଶଧନ ବଜାୟ ରଖିଥିଲା। ସିଭିସି କ୍ୟାପିଟାଲ୍ ୨୦୨୧ ରେ ୫୬୨୫ କୋଟିରେ ଗୁଜରାଟ ଟାଇଟାନ୍ସକୁ ଅଧିଗ୍ରହଣ କରିଥିଲା। ନିକଟରେ 'ମନିକଣ୍ଟ୍ରୋଲ୍' ରିପୋର୍ଟ କରିଥିଲା ଯେ ସୋମାନି ଗ୍ରୁପ୍ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜ୍ ହାସଲ କରିପାରିବ। ଫ୍ରାଞ୍ଚାଇଜ୍ରେ ଅଧିକାଂଶ ଅଂଶଧନ ମନୋଜ ବାଦଲେଙ୍କ ପାଖରେ ଏମର୍ଜିଂ ମିଡିଆ ଭେଞ୍ଚର୍ସ ମାଧ୍ୟମରେ ଥିଲା, ଯାହା ପ୍ରାୟ ୬୫% ଅଂଶଧନ କରିଥିଲା। ଅନ୍ୟାନ୍ୟ ଷ୍ଟେକହୋଲ୍ଡର୍ସ ମଧ୍ୟରେ ରେଡବର୍ଡ କ୍ୟାପିଟାଲ୍ ପାର୍ଟନର୍ସ ଏବଂ ଲାଚଲାନ୍ ମର୍ଡୋକ୍ ମଧ୍ୟ ଥିଲେ। ଗତ ବର୍ଷ ଶେଷ ଭାଗରେ ଅଂଶଧନ ବିକ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା, ଯେଉଁଥିରେ ନିବେଶ ବ୍ୟାଙ୍କ ଦି ରେନ୍ ଗ୍ରୁପ୍ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଥିଲେ।

### ରାଜ୍ୟ ସରକାରଙ୍କୁ 'କ୍ରେଡାଇ'ର ଅନୁରୋଧ

# ଭୂମି ପରିବର୍ତ୍ତନ ଢାଞ୍ଚାରେ ସଂସ୍କାର ଅଣାଯାଉ



ଭୁବନେଶ୍ୱର, ୨୪।୩(ନିପ୍ର) କ୍ରେଡାଇ ଓଡ଼ିଶାର ତତ୍ତ୍ୱାବଧାନରେ ଓଡ଼ିଶାର ପ୍ରମୁଖ ରିଅଲ ଇଷ୍ଟେଟ୍ ଡେଭଲପରମାନେ ପ୍ରଚଳିତ ଭୂମି ପରିବର୍ତ୍ତନ ଢାଞ୍ଚାରେ ତୁରନ୍ତ ସଂସ୍କାର ଆଣିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। କାରଣ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ଏହି ବ୍ୟବସ୍ଥା ଯୋଗୁଁ ପ୍ରକଳ୍ପରେ ବିଳମ୍ବ, ଖର୍ଚ୍ଚ ବୃଦ୍ଧି ଏବଂ ସହରାଞ୍ଚଳ ବିକାଶରେ ହ୍ରାସ ଘଟୁଛି। କ୍ରେଡାଇ ଜାତୀୟ ଉପାଧ୍ୟକ୍ଷ ଏବଂକ୍ରେଡାଇ ଓଡ଼ିଶାର ସଭାପତି ସ୍ୱଦେଶ କୁମାର ରାଉତରାୟ ଆଲୋକପାତ କରିଛନ୍ତି ଯେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ପ୍ରଗତିଶୀଳ ରାଜ୍ୟଗୁଡ଼ିକ ସରଳୀକୃତ ଏବଂ ସ୍ୱୟଂଚାଳିତ ଭୂମି ପରିବର୍ତ୍ତନ ପ୍ରକ୍ରିୟା ଗ୍ରହଣ କରିଥିବା ବେଳେ, ଓଡ଼ିଶା ଏକ ଜଟିଳ, ବହୁସ୍ତରୀୟ ଅନୁମତି-ଆଧାରିତ ବ୍ୟବସ୍ଥା ଅନୁସରଣ କରିଆସୁଛି। 'ମହାରାଷ୍ଟ୍ର ଭଳି ରାଜ୍ୟରେ, ନିର୍ମାଣ ଯୋଜନା ଅନୁମୋଦନ ସମୟରେ ଭୂମି ପରିବର୍ତ୍ତନକୁ ଏକ ସ୍ୱୟଂଚାଳିତ ପ୍ରକ୍ରିୟା ଭାବରେ ବିବେଚନା କରାଯାଏ, ଯାହା ପୃଥକ୍ ଅନୁମତିର ଆବଶ୍ୟକତାକୁ ଦୂର କରିଥାଏ। ତଥାପି,ଓଡ଼ିଶାରେ, ଡେଭଲପରମାନଙ୍କୁ ଏବେ ବି ବହୁ କର୍ତ୍ତୃପକ୍ଷଙ୍କ ଦୀର୍ଘ ଯାଞ୍ଚ ପ୍ରକ୍ରିୟା ଦେଇ ଯିବାକୁ ପଡ଼ିଥାଏ,' ଶ୍ରୀ ରାଉତରାୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନର ବ୍ୟବସ୍ଥା ଅନେକ ଅନୁମୋଦନ ଏବଂ ଯାଞ୍ଚ ପ୍ରକ୍ରିୟା ଉପରେ ବହୁତ ନିର୍ଭରଶୀଳ, ଅନ୍ୟତ୍ର ଗ୍ରହଣ କରାଯାଇଥିବା ଆଧୁନିକ ସ୍ୱ-ପ୍ରମାଣପତ୍ର ମଡେଲ ପରି ନୁହେଁ। ଏହା କେବଳ ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରେ ନାହିଁ ବରଂ ଭୂମି ରେକର୍ଡରେ ଅନିଶ୍ଚିତତା ମଧ୍ୟ ବୃଦ୍ଧି କରେ। କ୍ରେଡାଇ ଓଡ଼ିଶା ଏହା ମଧ୍ୟ ସୂଚାଇଛି ଯେ ପୁରୁଣା ଜମି ରେକର୍ଡ ଏବଂ ବାରମ୍ବାର ନିୟାମକ ପରିବର୍ତ୍ତନ ଅତିରିକ୍ତ ବାଧା ସୃଷ୍ଟି କରେ।ଲିଜ୍ ହୋଲ୍ଡରୁ ଫ୍ରିହୋଲ୍ଡ ଜମିକୁ ପରିବର୍ତ୍ତନ ଏକ ଜଟିଳ ପ୍ରକ୍ରିୟା ହୋଇ ରହିଛି।ଏହି ଚ୍ୟାଲେଞ୍ଜଗୁଡ଼ିକ ବ୍ୟାଙ୍କ ଅର୍ଥ ଯୋଗାଣକୁ ପ୍ରଭାବିତ କରେ ଏବଂ ସମ୍ପତ୍ତି କାରବାରକୁ ବିଳମ୍ବ କରେ।ବ୍ୟବସାୟ କରିବାର ସହଜତା ସୁନିଶ୍ଚିତ କରିବା ଏବଂ ଦ୍ରୁତ ସହରାଞ୍ଚଳ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ କୋଠା ଯୋଜନା ଅନୁମୋଦନ ବ୍ୟବସ୍ଥା ସହିତ ଜମି ପରିବର୍ତ୍ତନ ଅନୁମୋଦନକୁ ସମନ୍ୱିତ କରିବାର ଜରୁରୀ ଆବଶ୍ୟକତା ଉପରେ ସଂଘ ଗୁରୁତ୍ୱାରୋପ କରିଛି।

### ଏପ୍ରିଲ ୬ରୁ ସକାଳୁଆ କୋର୍ଟ

ଭୁବନେଶ୍ୱର, ୨୪/୩(ନିପ୍ର): ରାଜ୍ୟର ଜିଲ୍ଲା ଦୌରାଜଜ୍ ଓ ଅନ୍ୟାନ୍ୟ ନିମ୍ନ ଅଦାଲତ ସକାଳୁଆ ହେବ । ଏପ୍ରିଲ ୬ରୁ ସକାଳୁଆ କୋର୍ଟ ନେଇ ନିର୍ଦ୍ଦେଶ । ଓଡିଶା ହାଇକୋର୍ଟଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଦୌରାଜଜଙ୍କୁ ଏନେଇ ନୋଟିସ । ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ଚାଲିବ । ମଝିରେ ଅଧ ଘଣ୍ଟାର ବିରତି ମଧ୍ୟ ରହିବ । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଓ ପୁରୀ ସଦର ବ୍ୟତୀତ ଅନ୍ୟ ସମସ୍ତ କୋର୍ଟରେ ଲାଗୁହେବ ଏହି ନିୟମ । ସମସ୍ତ ଜିଲ୍ଲା ଏବଂ ସେସନ୍ସ ଜଜଙ୍କୁ ଲେଖିଥିବା ଚିଠିରେ, ରେଜିଷ୍ଟ୍ରାର କହିଛନ୍ତି ଯେ ରାଜ୍ୟର ସମସ୍ତ ସ୍ଥାନରେ ଥିବା ଜିଲ୍ଲା ଏବଂ ଅଧସ୍ତନ କୋର୍ଟଗୁଡ଼ିକର ସକାଳ ବୈଠକ ଏପ୍ରିଲ ୬ (ସୋମବାର) ଠାରୁ ସକାଳ ୭ ଟାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଆରମ୍ଭ ହେବ ଏବଂ ଦିନ ୧୦ ରୁ ୧୦.୩୦ ଯାଏ ଅଧ ଘଣ୍ଟା ବିରତି ରହିବ ।

### ଆଜି ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ହେବ ଗଣତି ମଣତି

ପୁରୀ, ୨୪/୩(ନିପ୍ର): ଆଜି ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ହେବ । ଏଥିପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି । ଗଣତିମଣତି ବେଳେ ଫଟୋଗ୍ରାଫି, ଭିଡିଓଗ୍ରାଫି ସହ ଥ୍ରୀ-ଡି ମ୍ୟାପିଂ କରାଯିବ । ଫଳରେ ଏଥିରେ ରହିବ ସ୍ୱଚ୍ଛତା । ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାର ଗଣତି ପାଇଁ ନିୟମ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏବଂ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଉପସ୍ଥିତିରେ ରତ୍ନଭଣ୍ଡାରର ବହୁ ପତୀକ୍ଷିତ ଗଣନା ଓ ଯାଞ୍ଚ ପାଇଁ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି । ପର୍ଯ୍ୟାୟକ୍ରମେ ଗଣତିମଣତିହେବ । ପ୍ରଥମେ ବାହାର ଭଣ୍ଡାରରେ ଥିବା ଚଳନ୍ତି ଅଳଙ୍କାର ଗଣତି ହେବ ।

### ସୁନା ଶସ୍ତା ହେଲା; ରୁପା ମଧ୍ୟ ହରାଇଲା ଚମକ

ନୂଆଦିଲ୍ଲୀ, ୨୪/୩: ଘରୋଇ ସୁନା ବଜାରରେ ସୁନା ଏବଂ ରୂପା ମୂଲ୍ୟରେ ହ୍ରାସ ଧାରା ଅବିରତ ଜାରି ରହିଛି। ଆଜି ମଧ୍ୟ, ପ୍ରାରମ୍ଭିକ ବ୍ୟବସାୟ ସମୟରେ, ସୁନା ଏବଂ ରୂପା ଉଭୟର ମୂଲ୍ୟରେ ଏକ ଦୁର୍ବଳ ମନୋଭାବ ସ୍ପଷ୍ଟ ଭାବରେ ଦେଖାଯାଉଛି। ମୂଲ୍ୟରେ ଏହି ହ୍ରାସ ଯୋଗୁଁ, ଦେଶର ଅଧିକାଂଶ ସୁନା ବଜାରରେ ଆଜି ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧୩୫,୬୪୦ ରୁ ୧୩୫,୭୯୦ ପର୍ଯ୍ୟନ୍ତ ସ୍ତରରେ କାରବାର ହେଉଛି। ଏହି ସମୟରେ, ୨୨ କ୍ୟାରେଟ୍ ସୁନା ଆଜି ପ୍ରତି ୧୦ ଗ୍ରାମ ୧୨୪,୩୪୦ ରୁ ୧୨୪,୪୯୦ ମଧ୍ୟରେ ବିକ୍ରି ହେଉଛି।

### ଏସ୍‌ସିବି ତାତି ଥମୁନି

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପ୍ରବଳ ହଟ୍ଟଗୋଳ

ଭୁବନେଶ୍ୱର,୨୪।୩ : ବିଧାନସଭାରେ ମଙ୍ଗଳବାର ମଧ୍ୟ ଏସସିବି ତାତି ଜାରି ରହିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ କରିବାରୁ ପ୍ରଶ୍ନକାଳ ଠିକ୍ ଭାବରେ ଚାଲି ପାରି ନଥିଲା। ବିଧାନସଭା ଆରମ୍ଭ ହେବା ପରେ ଉଭୟ ବିଜେଡି ଓ କଂଗ୍ରେସ ବିଧାୟକ ପ୍ରବଳ ହଟ୍ଟଗୋଳ କରିଥିଲେ । ଏହି ହେତୁ ଗୃହକୁ ବାଚସ୍ପତି ଦିନ ସାଢ଼େ ଏଗାରଟା ଯାଏ ମୁଲତବି ରଖିଥିଲେ । ପରେ ପରିସ୍ଥିତିରେ ସୁଧାର ନ ଆସିବାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବି ରଖିଥିଲେ ବାଚସ୍ପତି । ଅପରପକ୍ଷେ ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ଏସସିବି ଦୁର୍ଘଟଣାର ୯ ଦିନ ପରେ ଜଣେ ବି କେନ୍ଦ୍ରମନ୍ତ୍ରୀ ହସ୍ପିଟାଲ ପରିଦର୍ଶନରେ ଆସିନାହାନ୍ତି ।ଏଥିସହ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି ଦୋହରାଇ ଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନଦେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି ।

## କୋଚିଂ ସେଣ୍ଟରରେ ପଢ଼ାଇଲେ ଜିଲ୍ଲାପାଳ

ଫୁଲବାଣୀ, ୨୪/୩: କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ୨୦୨୩ ମସିହା ଅଗଷ୍ଟ ମାସ ୧୭ ତାରିଖରୁ ଜିଲ୍ଲା ଇ- ପାଠାଗାର ସହ ସଂଲଗ୍ନ ଏଚ ଆର ଡି ସି ବିଲ୍ଡିଙ୍ଗରେ ପ୍ରତିଷ୍ଠିତ ହୋଇଛି ସିଭିଲ ସର୍ଭିସ୍ କୋଚିଂ ସେଣ୍ଟର୍ । ଓଡ଼ିଶା ଖଣି ନିଗମର ଆର୍ଥିକ ସହାୟତା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଦ୍ୱାରା ପରିଚାଳିତ ହେଉଛି ଏହି କୋଚିଂ ସେଣ୍ଟର୍ । ସୋମବାର ସନ୍ଧ୍ୟାରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ କୋଚିଂ ସେଣ୍ଟର୍ ପରିଦର୍ଶନରେ ଆସି ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ାଇଥିଲେ । ମୁଖ୍ୟତଃ ଚଳିତ ବର୍ଷ ଅଳ୍ପଦିନ ମଧ୍ୟରେ ହେବାକୁ ଥିବା ଭାରତୀୟ ତଥା ଓଡ଼ିଶା ପ୍ରଶାସନିକ ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି କୌଶଳ ଓ ଟେଷ୍ଟ ସିରିଜ ନିରନ୍ତର ଅଭ୍ୟାସ ନିମନ୍ତେ ଗୁରୁତ୍ୱ ପ୍ରଦାନ କରିଥିଲେ। ପିଲାଙ୍କୁ ପ୍ରସ୍ତୁତି ସହ ବ୍ୟକ୍ତିଗତ ତ୍ରୁଟି ସଂଶୋଧନର ସୂତ୍ର ଓ ନିଜ ପରୀକ୍ଷା ସମୟର ଅଭିଜ୍ଞତା ପ୍ରଦାନ କରିଥିଲେ।

## କାୟା ବିସ୍ତାର କରୁଛି ଜଣ୍ଡିସ

### ୪୦ରୁ ଉର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥିତି ଅନୁଧ୍ୟାନ



ଆଠଗଡ, ୨୪/୩(ନିପ୍ର): ଆଠଗଡ଼ ନିକଟବର୍ତ୍ତୀ ଉତ୍ତର ବାଙ୍କୀ ବ୍ଲକ କଦଳୀ ବାଡିରେ କାୟା ବିସ୍ତାର କରୁଛି ଜଣ୍ଡିସ। ଗତ ପନ୍ଦର ଦିନ ମଧ୍ୟରେ ୪୦ ରୁ ଉର୍ଦ୍ଧ୍ୱ ଶିଶୁ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏହି ସବୁ ଶିଶୁମାନେ କଦଳୀ ବାଡି ସେବାଶ୍ରମରେ ପଢୁଛନ୍ତି । ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ମଙ୍ଗଳବାର ସ୍ଥିତି ଅନୁଧ୍ୟାନ କରିଛନ୍ତି। କଦଳୀ ବାଡି ସେବାଶ୍ରମରେ ପିଲାମାନଙ୍କ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଆକ୍ରାନ୍ତ କିଛି ପିଲାମାନଙ୍କୁ ପ୍ରଥମେ ଜ୍ୱର ହୋଇଥିବାବେଳେ ପରେ ଏହା ସଂକ୍ରମଣ ଜନିତ ହୋଇ ଜଣ୍ଡିସର ରୂପ ନେଇଥିବାରୁ ଏବେ ଏହା ଅଧିକ ସଂକ୍ରମିତ ହୋଇ ଏହାର କାୟା ବିସ୍ତାର କରି ସଂକ୍ରମଣ ସଂଖ୍ୟା ୪୦ ରୁ ଉର୍ଦ୍ଧ୍ୱ ହୋଇଛି। ପରୀକ୍ଷା ପରେ ବିଧିବଦ୍ଧ ଭାବେ ତିନି ଜଣଙ୍କୁ ଏହି ଜଣ୍ଡିସ ସଂକ୍ରମଣ ହୋଇଥିବା ବେଳେ ଆସନ୍ତା କାଲି ୨୫ ତାରିଖ ବୁଧବାର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରାଯିବ ବୋଲି ଜଣାପଡିଛି। ପ୍ରଦୂଷିତ ଜଳ କିମ୍ବା ଫାଷ୍ଟଫୁଡ୍ ପାଇଁ ଏହି ଭଳି ସଂକ୍ରମଣ ହୋଇ ଥାଇପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। କଦଳୀ ବାଡି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ରାୟ,ଏ ଏନ ଏମ୍ ଜୟମନ୍ତୀ ଲାକ୍ରା, ଆଶାକର୍ମୀ ଜୟନ୍ତୀ ରାଉତ ପ୍ରମୁଖ କଦଳୀ ବାଡି ରେ ପହଞ୍ଚି ଅବିଭାବକ ମାନଙ୍କ ସହିତ ମିଶି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଆକ୍ରାନ୍ତ ପିଲାମାନଙ୍କ ସ୍ୱାସ୍ଥ୍ୟ ଅନୁଧ୍ୟାନ କରିଥିଲେ। ଏଥି ପାଇଁ ବୁଧବାର ବିଦ୍ୟାଳୟର ସମସ୍ତ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ତୁରନ୍ତ ରିପୋର୍ଟ ପ୍ରକାଶ କରି ଆକ୍ରାନ୍ତ ପିଲାମାନଙ୍କ ପାଇଁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କୁହାଯାଇଛି।

## ଓଡ଼ିଶା ରାଜ୍ୟପାଳଙ୍କୁ ଭେଟିଲେ ଉତ୍ତରାଖଣ୍ଡର ଗଣମାଧ୍ୟମ ପ୍ରତିନିଧି ଦଳ

**ଉତ୍ତରାଖଣ୍ଡ, ୨୪/୩(ପିଆଇବି):** ଉତ୍ତରାଖଣ୍ଡର ବରିଷ୍ଠ ସାମ୍ବାଦିକମାନଙ୍କ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ଲୋକଭବନଠାରେ ଓଡ଼ିଶା ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ରାଷ୍ଟ୍ରୀୟ ଏକତା ପରମ୍ପରାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଏହି ଆଲୋଚନା ସାଂସ୍କୃତିକ ଦୃଷ୍ଟିରୁ ସମୃଦ୍ଧ ଦୁଇ ରାଜ୍ୟ ମଧ୍ୟରେ ବିଚାର, ଅନୁଭୂତି ଏବଂ ବିକାଶମୂଳକ ଦୃଷ୍ଟିକୋଣର ଏକ ଅର୍ଥପୂର୍ଣ୍ଣ ବିନିମୟରେ ପରିଣତ ହୋଇଥିଲା। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଡେରାଡୁନସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆୟୋଜିତ ଏକ ଗଣମାଧ୍ୟମ ଗସ୍ତର ନେତୃତ୍ୱ ନେଇଥିଲେ ସହାୟକ ନିର୍ଦ୍ଦେଶକ ସଞ୍ଜୀବ କୁମାର ସୁନ୍ଦ୍ରିୟାଲ। ଏହି ପ୍ରତିନିଧି ଦଳରେ ୧୩ ଜଣ ଗଣମାଧ୍ୟମ ପ୍ରତିନିଧି ସାମିଲ ରହିଛନ୍ତି । ଆଲୋଚନା ସମୟରେ, ଅତିଥି ସାମ୍ବାଦିକମାନେ ଉତ୍ତରାଖଣ୍ଡର ଅନନ୍ୟ ଭୌଗୋଳିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ପରିଚୟ ଉପରେ ଆଲୋକପାତ କରିଥିଲେ। ଦେବଭୂମି ନାମରେ ଖ୍ୟାତ ଏହି ରାଜ୍ୟ ନିଜର ପ୍ରମୁଖ ତୀର୍ଥସ୍ଥଳ, ପର୍ଯ୍ୟଟନ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଛି । ରାଜ୍ୟପାଳ ଏହି ଦିଗଗୁଡ଼ିକୁ ସ୍ୱୀକାର କରିଥିଲେ ଏବଂ ଆଧ୍ୟାତ୍ମିକ ଐତିହ୍ୟ ଓ ପର୍ଯ୍ୟଟନ ସମ୍ଭାବନା ଦୃଷ୍ଟିରୁ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ସମାନତା ରହିଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ପୁରୀର ଜଗନ୍ନାଥ ମନ୍ଦିର ଏବଂ କେଦାରନାଥ ମନ୍ଦିର ଉଭୟ ଭାରତୀୟ ଆସ୍ଥାର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ, ଦେଶର ଦୀର୍ଘସ୍ଥାୟୀ ଆଧ୍ୟାତ୍ମିକ ଏକତାର ପ୍ରତୀକ।

## ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ର ଶହେଦିନିଆ ଅଭିଯାନ

ଭୁବନେଶ୍ୱର, ୨୪।୩(ନିପ୍ର): ଲୋକସେବା ଭବନଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ ମଧ୍ୟ ହୋଇଛି । ସୂଚନାଯୋଗ୍ୟ ଯେ, ରାଷ୍ଟ୍ରୀୟ ସ୍ତରରେ ମଙ୍ଗଳବାର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଯକ୍ଷ୍ମା ମୁକ୍ତ ଭାରତ: ଶହେ ଦିନିଆ ଅଭିଯାନ- ୨.୦ ର ଶୁଭାରମ୍ଭ କରିଛନ୍ତି । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନ ଠାରେ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର'ର ସ୍ୱୀକୃତି ପ୍ରିୟଦର୍ଶିନୀ ବେହେରାଙ୍କୁ ଫୁଡ୍ ବାସ୍କେଟ୍ ପ୍ରଦାନ କରି ରାଜ୍ୟସ୍ତରୀୟ କ୍ୟାମ୍ପେନର ଶୁଭାରମ୍ଭ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି, ଆଗାମୀ ଶହେ ଦିନକୁ ଦୃଷ୍ଟିରେ ରଖି ଏଥିପାଇଁ ଉତ୍ତମ ରଣକୌଶଳ ପ୍ରସ୍ତୁତ କରାଯାଇଛି । ଆମେ କେବଳ ସ୍ଲୋଗାନ୍‌ରେ ସୀମିତ ରଖିନାହୁଁ, ଏଥିପାଇଁ ସମସ୍ତ ବ୍ୟବସ୍ଥା କରିଛୁ ବୋଲି ଆଜି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ କହିଥିଲେ। ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ଜନସାଧାରଣମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ସରକାରଙ୍କ ଚେଷ୍ଟା ଯଥେଷ୍ଟ ନୁହଁ, ଏଥିପାଇଁ ଜନ ଭାଗୀଦାରି ଆବଶ୍ୟକ । ଏହାଦ୍ୱାରା ଯକ୍ଷ୍ମାମୁକ୍ତ ଅଭିଯାନ ଶତ ପ୍ରତିଶତ ସଫଳତା ହାସଲ କରିବ ଏବଂ ଓଡ଼ିଶା ଓ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ ହେବ ।

## ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଆନସିପ୍ ଉଦ୍ଘାଟନ କଲେ କ୍ରୀଡ଼ାମନ୍ତ୍ରୀ




**ଭୁବନେଶ୍ୱର, ୨୪/୩(ନିପ୍ର):** ଭାରତରେ ପ୍ରଥମ ଥର ଜାତୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଆନସିପ ଅନୁଷ୍ଠିତ ହୋଇଛି। ଏହାର ଭେନ୍ୟୁ ରହିଛି ଓଡ଼ିଶା। ଆଜି କଳିଙ୍ଗ ଷ୍ଟାଡିୟମ୍ ରେ ଏହି ଦୌଡ଼କୁଦ ପ୍ରତିଯୋଗିତା ଉଦ୍ଘାଟନ କରିଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍। ଏହି ଅବସରରେ ପ୍ରତିକ୍ରିୟାରେ କହିଛନ୍ତି,ଏହା ଆମ ପାଇଁ ସୁନ୍ଦର ଓ ଐତିହାସିକ ମୁହୂର୍ତ୍ତ। ଜାତୀୟ ଇନଡୋର ଦୌଡ଼କୁଦ ପ୍ରତିଯୋଗିତା ଭାରତରେ ପ୍ରଥମ ଥର ପାଇଁ ଖେଳାଯାଉଛି। ଭୁବନେଶ୍ୱରରେ ଆୟୋଜନ ହେଉଛି। ଏଥିରେ ୨୭୮ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହାଦ୍ୱାରା ଭାରତବର୍ଷ ତଥା ଓଡ଼ିଶାର ଖେଳାଳି ଇନଡୋର ପ୍ରତିଯୋଗିତାରେ ଖେଳିବାର ସୁନ୍ଦର ଅନୁଭୂତି ପାଉଛନ୍ତି।ଏହା ଆଗକୁ ଆସୁଥିବା ୨୦୨୮ ୱାର୍ଲ୍ଡ ଇନଡୋର ଆଥଲେଟିକ ଚାମ୍ପିଆନସିପ ପୂର୍ବରୁ,ଆମକୁ ମଧ୍ୟ ପ୍ରଶାସନିକ ପରିଚାଳନା ଓ କୌଣସି ଏକ ଇଭେଣ୍ଟର ସଫଳ ଆୟୋଜନ ପାଇଁ ଅଭିଜ୍ଞତା ଦେବ। ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ ଉପରେ ଗୁରୁତ୍ୱ ଦେଉଛନ୍ତି,ମୁଖ୍ୟମନ୍ତ୍ରୀ ମଧ୍ୟ ଓଡ଼ିଶାର ସ୍ଥିତିକୁ ଖେଳରେ ସୁଦୃଢ କରିବା ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି।

# ମାଲକାନଗିରି ଜିଲ୍ଲାରେ ଅଗ୍ନିବୀର ନିଯୁକ୍ତି

### ସଚେତନତା ଓ ପଞ୍ଜୀକରଣ ବୃଦ୍ଧି ନେଇ ସମୀକ୍ଷା



**ମାଲକାନଗିରି, ୨୪/୩(ନିପ୍ର):** ଭାରତୀୟ ସେନାରେ ଅଗ୍ନିବୀର ନିଯୁକ୍ତି ପାଇଁ ମାଲକାନଗିରି ଜିଲ୍ଲାର ଯୁବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ପଞ୍ଜୀକରଣ ସଂଖ୍ୟା ବଢ଼ାଇବା ଲକ୍ଷ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭିଡିଓ କନଫରେନ୍ସିଂ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ମାଲକାନଗିରି ଉପ-ଜିଲ୍ଲାପାଳ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ସରକାରୀ ଆଇଟିଆଇ ଓ ପଲିଟେକନିକର ଅଧ୍ୟକ୍ଷ ଏବଂ ଗୋପାଳପୁର ଏଆରଓ ସେନା ନିଯୁକ୍ତି କାର୍ଯ୍ୟାଳୟର ନିର୍ଦ୍ଦେଶକ ଯୋଗ ଦେଇଥିଲେ। ବୈଠକରେ ସୂଚନା ଦିଆଯାଇଛି ଯେ, ଅଗ୍ନିବୀର ପଞ୍ଜୀକରଣ ପ୍ରକ୍ରିୟା ଗତ ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ବର୍ତ୍ତମାନ ସୁଦ୍ଧା ମାଲକାନଗିରି ଜିଲ୍ଲାରୁ ମାତ୍ର ୨୫ ଜଣ ପ୍ରାର୍ଥୀ ପଞ୍ଜୀକରଣ କରିଛନ୍ତି, ଯାହା ରାଜ୍ୟରେ ସବୁଠାରୁ କମ୍। ଏହାକୁ ନେଇ ଜିଲ୍ଲାପାଳ ଚିନ୍ତା ପ୍ରକଟ କରିବା ସହ ଅଧିକରୁ ଅଧିକ ଯୁବକଙ୍କୁ ଏଥିରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କଲେଜରେ ଅଗ୍ନିବୀର ପଞ୍ଜୀକରଣ ପାଇଁ ଜଣେ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ପଞ୍ଜୀକରଣରେ ସାହାଯ୍ୟ କରିବା ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଉପ-ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଦୈନିକ ପଞ୍ଜୀକରଣର ଅଗ୍ରଗତି ସମୀକ୍ଷା କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ।ଜିଲ୍ଲାର ଯୁବପିଢ଼ି ଯେପରି ଭାରତୀୟ ସେନାରେ ଯୋଗଦେଇ ଦେଶସେବା କରିବାର ସୁଯୋଗ ପାଇପାରିବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଶେଷରେ ସମସ୍ତ ଅଧିକାରୀ ଓ ଗୋପାଳପୁର ଏଆରଓ ନିର୍ଦ୍ଦେଶକଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ରେଳ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶାର ସାଂସଦ ପ୍ରତିନିଧି ଦଳ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୩(ପିଆଇବି):** ଖଡ଼ଗପୁର ସ୍ଥିତ 'ରେଲୱେ ଏମ୍ପ୍ଲୋଇକଲଚରାଲ ଆସୋସିଏସନ' ର ଦୀର୍ଘ ଦିନରୁପଡ଼ି ରହିଥିବା ଜମି ଆବଣ୍ଟନ ସମସ୍ୟାର ସମାଧାନ ପାଇଁ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦମାନଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଖଡ଼ଗପୁରର ନ୍ୟୁ ସେଟେଲମେଣ୍ଟ ଅଞ୍ଚଳରେ ଥିବା ପ୍ରାୟ ୫୯୧୫ ବର୍ଗମିଟର ପରିମିତ ରେଳ ଜମିକୁ 'ରେଲୱେ ଏମ୍ପ୍ଲୋଇଜ୍‌କଲଚରାଲ ଆସୋସିଏସନ' ନାମରେ ନିୟମିତକରିବା ପାଇଁ ସାଂସଦମାନେ ଦାବି କରିଛନ୍ତି । ୧୯୯୯ ମସିହା ମାର୍ଚ୍ଚ ୮ରେ ଓଡ଼ିଶାର ତତ୍କାଳୀନ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ପତ୍ର ଲେଖିଥିଲେ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପିତା ସ୍ୱର୍ଗତ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଡାକ୍ତର ଦେବେନ୍ଦ୍ର ପ୍ରଧାନ ୧୯୯୯ ମାର୍ଚ୍ଚ ୧୫ରେ ମଧ୍ୟ ଏହି ଜମି ଆବଣ୍ଟନ ପାଇଁ ସେ ସମୟରେ କେନ୍ଦ୍ର ରାଷ୍ଟ୍ର ରେଳ ମନ୍ତ୍ରୀ ଶ୍ରୀ ରାମ ନାଏକଙ୍କୁ ଅନୁରୋଧ କରିଥିଲେ ।

### ଶକ୍ତି ସଂରକ୍ଷଣ ପାଇଁ ବିଭିନ୍ନ ଦେଶମାନଙ୍କ ଦ୍ୱାରା କଠୋର ପଦକ୍ଷେପ

ନୂଆଦିଲ୍ଲୀ, ୨୪।୩(ପିଆଇବି)ମଧ୍ୟପ୍ରାଚ୍ୟରେ ଶତ୍ରୁତା ବୃଦ୍ଧି ବିଶ୍ୱ ଶକ୍ତି ବଜାରରେ ଏକ ଅଭୂତପୂର୍ବ ସଙ୍କଟ ସୃଷ୍ଟି କରିଛି, ଯାହା ବିଶ୍ୱର ଦେଶଗୁଡ଼ିକୁ ଇନ୍ଧନସଂରକ୍ଷଣ, ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଏବଂ ସେମାନଙ୍କ ଜନସଂଖ୍ୟା ପାଇଁ ନିରନ୍ତର ଶକ୍ତି ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ବାଧ କରିଛି। ଏସିଆରୁ ଆଫ୍ରିକା, ୟୁରୋପ ପର୍ଯ୍ୟନ୍ତ,ସରକାର ସୀମିତ ଇନ୍ଧନ ଭଣ୍ଡାରକୁ ଉପଯୋଗ କରିବା ପାଇଁ ଅନ୍ୟାନ୍ୟ ପ୍ରୟାସ ମଧ୍ୟରେ ଅତିରିକ୍ତ ସରକାରୀ ଛୁଟି, ଘରୁକାମ କରିବା ପାଇଁ ନିର୍ଦ୍ଦେଶ, ଇନ୍ଧନ ସଞ୍ଚୟ ଏବଂ ଶିକ୍ଷ ବନ୍ଦ ସମେତ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ